R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୩୮
ତିଥି : ଦ୍ୱାଦଶୀ
୨୧ ଫେବୃଆରୀ ୨୦୨୪, ବୁଧବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 138
21 Feb 2024, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୩୮
ତିଥି : ଦ୍ୱାଦଶୀ
୨୧ ଫେବୃଆରୀ ୨୦୨୪, ବୁଧବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 138
21 Feb 2024, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୩୮
ତିଥି : ଦ୍ୱାଦଶୀ
୨୧ ଫେବୃଆରୀ ୨୦୨୪, ବୁଧବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 138
21 Feb 2024, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୩୮
ତିଥି : ଦ୍ୱାଦଶୀ
୨୧ ଫେବୃଆରୀ ୨୦୨୪, ବୁଧବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 138
21 Feb 2024, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore




### ଖଲ୍ଲିକୋଟ ରାଣୀ ସୁଜ୍ଞାନ ଦେଓଙ୍କ ଦ୍ୱାଦଶାହରେ ଯୋଗ ଦେଲେ ୫-ଟି ଅଧ୍ୟକ୍ଷ

## ଦଳମତ ନିର୍ବିଶେଷରେ ସମସ୍ତଙ୍କ ସମ୍ମାନର ଅଧିକାରିଣୀ ଥିଲେ : କାର୍ତ୍ତିକ

ଭୁବନେଶ୍ୱର(ସବ୍ୟୁ): ୫-ଟି ଓ ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଙ୍ଗଳବାର ଖଲ୍ଲିକୋଟ ଆରସିଏମ ବିଜ୍ଞାନ କଲେଜରେ ପୂର୍ବତନ ବିଧାୟିକା ରାଣୀ ସୁଜ୍ଞାନ କୁମାରୀ ଦେଓଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତ ।

ଏହି ଅବସରରେ ତାଙ୍କ ପରିବାର ବର୍ଗ, ଜ୍ଞାତିକୁଟୁମ୍ବ ଓ ସ୍ଥାନୀୟ ଲୋକମାନଙ୍କୁ ସେ ଭେଟି ରାଣୀଙ୍କ ସ୍ମୃତିଚାରଣ କରିଥିଲେ । ସେ କହିଥିଲେ ଯେ ସ୍ୱର୍ଗତ ସୁଜ୍ଞାନ ଦେଓ ଗଞ୍ଜାମର ଅପ୍ରତିଦ୍ୱନ୍ଦୀ ରାଜନେତା ଭାବେ ଅନେକ ଦଶକ ଧରି ଏ ଅଞ୍ଚଳର ସେବା



କରିଆସିଥିଲେ । ତାଙ୍କର ବ୍ୟକ୍ତିତ୍ୱ ଓ ସେବା ମନୋଭାବ ଯୋଗୁ ସେ ସାରା ଓଡିଶାରେ ଦଳମତ ନିର୍ବିଶେଷରେ ସମସ୍ତଙ୍କର ସମ୍ମାନର ଅଧିକାରିଣୀ ହୋଇଥିଲେ ।

ସ୍ୱତନ୍ତ୍ର ଓଡିଶା ଗଠନରେ ଓ ପରିବର୍ତ୍ତୀ ଓଡିଶାରେ ବିକାଶରେ ରାଣୀଙ୍କ ପରିବାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ବୋହୁ ଭାବରେ ସେ ଖଲ୍ଲିକୋଟ ରାଜ ପରିବାରର ଜଣେ ସୁଯୋଗ୍ୟା ଉତ୍ତରାଧିକାରିଣୀ ଥିଲେ ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ ।

## ସୋଆ ପକ୍ଷରୁ କୃଷି ଗବେଷଣାରେ ସାମ୍ପ୍ରତିକ ବିକାଶ ସମ୍ପର୍କିତ ପୁସ୍ତକ ପ୍ରକାଶନ

ଭୁବନେଶ୍ୱର (ସବ୍ୟୁ): କୃଷି ଏବଂ ଏହାର ସହଯୋଗୀ କ୍ଷେତ୍ରରେ ଗବେଷଣା ଓ ସାମ୍ପ୍ରତିକ ବିକାଶକୁ ନେଇ 'ଫୁଡ୍ ଆଣ୍ଡ ଲାଇଭ୍‌ଲିହୁଡ୍ ଚ୍ୟାଲେସେ୍ ଆଣ୍ଡ ଅପର୍ଚୁନିଟିଜ' ଶୀର୍ଷକ ଏକ ପୁସ୍ତକ ମଙ୍ଗଳବାର ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଂଜନ ନାୟକଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ପୁସ୍ତକଟି ମିଳିତ ଭାବରେ ଶିକ୍ଷା ଓ ଅନୁସନ୍ଧାନ(ସୋଆ) ଏବଂ ନୂଆଦିଲ୍ଲୀର ନିପା ଜେନ୍ଏକ୍ସ ଇଲେକ୍ଟ୍ରୋନିକ୍ ରିସୋର୍ସେସ୍ ଆଣ୍ଡ ସଲ୍ୟୁସନ୍‌ସ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ପ୍ରକାଶିତ କରାଯାଇଛି ।

ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍) ର ଏହି ପୁସ୍ତକ ହେଉଛି ପ୍ରଥମ ବୈଷୟିକ ପ୍ରକାଶନ। ଏହି ପୁସ୍ତକରେ ବିଭିନ୍ନ ଜାତୀୟ ଗବେଷଣା ଅନୁଷ୍ଠାନ ସମେତ ଇଣ୍ଡିଆନ୍ କାଉନ୍‌ସିଲ୍ ଫର୍ ଏଗ୍ରିକଲ୍‌ଚରାଲ୍ ରିସର୍ଚ୍ଚ (ଆଇସିଏଆର୍)ର ଖ୍ୟାତିସମ୍ପନ୍ନ ଲେଖକମାନେ ସେମାନଙ୍କ ନିଜ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିଛନ୍ତି । ପୁସ୍ତକ ଉନ୍ମୋଚନ ସମୟରେ ସୋଆ କୁଳପତି ପ୍ରଫେସର ପ୍ରଦୀପ କୁମାର ନନ୍ଦ, ଆଇଏଏସ୍ ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଆଇଏଏସ୍ ଉପଦେଷ୍ଟା ପ୍ରଫେସର ବିଜୟ କୁମାର ସାହୁ ଏବଂ ଆଇଏଏସ୍‌ର ପ୍ରଫେସର ଏନ୍.କେ .ଧଳ ଓ ପ୍ରଫେସର ସରୋଜ କୁମାର ମହାନ୍ତି ଉପସ୍ଥିତ ଥିଲେ।

## ଜେଲ ଭିତରେ ବ୍ରାଉନସୁଗାର ନେଟୱାର୍କ
## ୨୬ ଲକ୍ଷ ବ୍ରାଉନସୁଗାର ଜବତ, ଜଣେ ମହିଳା ସମେତ ୬ ଗିରଫ

ଖୋର୍ଦ୍ଧା (ସବ୍ୟୁ) : ଖୋର୍ଦ୍ଧା ଜେଲ ଭିତରେ ଚାଲିଛି ବ୍ରାଉନସୁଗାର ନେଟୱାର୍କ। ୨୬ଲକ୍ଷ ଟଙ୍କା ବ୍ରାଉନସୁଗାର ଜବତ ସହ ଜଣେ ମହିଳାଙ୍କ ସମେତ ୬ଜଣଙ୍କୁ ଗିରଫ କରିଛି ଖୋର୍ଦ୍ଧା ପୋଲିସ। ଗିରଫ ପରେ ଏଭଳି ସାଂଘାତିକ ତଥ୍ୟ ପଦାକୁ ଆସିଛି। ମଙ୍ଗଳବାର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି ଜିଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟ୍ଟାରିଆ। ଏସପିଙ୍କ ସୂଚନା ପ୍ରକାରେ ଜେଲ ଅଧିକ୍ଷକଙ୍କ ରିପୋର୍ଟ ଆଧାର କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ଭାଲିଆବାଡିର ଲକ୍ଷ୍ମୀଧର ସାହୁ ଓରଫ ଲକି(୩୦), ନୟାଗଡ ରଣପୁର ଥାନା ବାମଣ୍ଡାର ଏସକେ ଜାଫର ଓଫ ବାବୁ(୨୯) ସେ ଗୁରୁଜଙ୍ଗରେ ଭଡା ସୂତ୍ରରେ ରହୁଥିଲେ। ଗୁରୁଜଙ୍ଗ ଟାଙ୍ଗି ସାହିର ଅଭିଜିତ ସାମନ୍ତରାୟ(୨୬), ଶିଳ୍ପାଂଚଳ ଥାନା ମୁକୁନ୍ଦପ୍ରସାଦର ସୁରଜ ଦଳବେହେରା ଓରଫ ସୋନୁ(୨୨), ଉପରସାହିର ତାପସ ସ୍ୱାଇଁ ଓରଫ ନାଳି(୩୪) ଏବଂ ଏମାନଙ୍କ ତଥ୍ୟ ଆଧାରରେ ପୋଲିସ ଭାଲିଆବାଡିର ସସ୍ମିତା ପ୍ରଧାନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ଏମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏନେଇ ଏନଡିପିଏସ ଆକ୍ଟ ୨୧(ସି)/୨୯ରେ ଏକ ମାମଲା(ନଂ୮୪/୨୪)ରୁଜୁ କରିଛି । ଏମାନଙ୍କ ଠାରୁ ଧଳାରଙ୍କ ସ୍କପିଓ(ନଂ ଓଡି ୩୩ ଏବି - ୯୬୭୩) ଏବଂ ୫ଟି ମୋବାଇଲ ଜବତ କରିଛି



ପୋଲିସ । ସୋମବାର ଗୁରୁଜଙ୍ଗ ମେଲଣ ପଡିଆରେ ବ୍ରାଉନସୁଗାର ଡିଲ ଚାଲିଥିବା ବେଳେ ଖବରପାଇ ପାଇଥିଲା ପୋଲିସ । ଏସପିଙ୍କ ନିର୍ଦ୍ଦେଶ କ୍ରମେ ଏସଡିପିଓ ଦିଲୀପ ଦାସ, ଥାନାଧିକାରୀ ସଞ୍ଜୟ ନାୟକ, ଏସଆଇ ଏସ ପାଣିଗ୍ରାହୀ, ଏଏସଆଇ ଏସକେ ସାହୁ, ହାବିଲଦାର ଅଭିରାମ ସାମନ୍ତରାୟ, କନଷ୍ଟେବଲ ପିକେ ହରିଚନ୍ଦନ, ଏ ଏମ ଖାନ, ଏସ ବରାଳ ପ୍ରମୁଖଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ ଚଢଉ କରିଥିଲା। ସ୍କପିଓ ଭିତରେ ବ୍ରାଉନସୁଗାର ଡିଲ ଚାଲିଥିବା ବେଳେ ମାଡି ବସିଥିଲା ଟିମ। ସେମାନଙ୍କ ଠାରୁ ବ୍ରାଉନସୁଗାର ଜବତ କରିଥିଲା। ଏମାନଙ୍କ ଠାରୁ ତଥ୍ୟ ଆଧାରରେ ସସ୍ମିତା ପ୍ରଧାନଙ୍କୁ ଗିରଫ କରାଯାଇଛି। ଜେଲ ଭିତରେ ମୋବାଇଲ ଅପରେଟିଂ କରୁଥିବା ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚୁରା କରାଯିବ। ଏମାନଙ୍କ ସହ ଆଉ କେଉଁମାନଙ୍କ ସଂପୃକ୍ତି ରହିଛି, ତାହାର ଖୋଲତାଡ କରାଯିବ

### ଜେଲ ଭିତରକୁ ମୋବାଇଲ, ଖୋଲତାଡ ସହ ସିସିଟିଭି ଯାଂଚ ହେବ
### ରିମାଣ୍ଡରେ ଆସିବେ ୨ ଡ୍ରଗସ ମାଫିଆ ଅନ୍ତେବାସୀ

। ଜେଲ ଭିତରକୁ ମୋବାଇଲ କିପରି ଯାଉଛି, ଏ ସମ୍ପର୍କରେ ଜେଲ ଅଧିକ୍ଷକଙ୍କ ସହ ଆଲୋଚନା ସହ ସିସିଟିଭ ଯାଂଚ କରାଯିବ। ଏସିପି କଟ୍ଟାରିଆ ଆହୁରୀ କହିଲେ ଯେ, ଖୋର୍ଦ୍ଧାକୁ ନିଶା ମୁକ୍ତି ଲାଗି ୨୦୨୨ ଠାରୁ ସ୍ୱତନ୍ତ୍ର ଡ୍ରାଇଭ ଚାଲିଛି। ଗିରଫ ଅଭିଯୁକ୍ତ ସ୍ଥାବର, ଅସ୍ଥାବର ସମ୍ପତି ଜଣେ ଡିଏସପି ପାହ୍ୟା ଅଫିସରଙ୍କ ଜରିଆରେ କରାଯାଉଛି । ଏନଡିପିଏସ ମାଧ୍ୟମରେ ଏହି ସମ୍ପତି ଗଚ୍ଛିତ କରିଥିବା ଧରାପଡିଲେ, ଏହାକୁ ବାଜ୍ୟାପ୍ତ କରାଯିବ । ଗିରଫ ଅଭିଯୁକ୍ତ ମାନଙ୍କ ଗତିବିଧି ଉପରେ ନଜର ରଖାଯାଉଛି। ନିଶା କାରବାରକୁ ରୋକିବା ପାଇଁ ଖୋର୍ଦ୍ଧା ପୋଲିସ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଡ୍ରାଇଭକୁ ବଡ ସଫଳତା ମଧ୍ୟ ମିଳିଛି। ୨୦୨୦ରେ ୧୮ଟି ଏନଡିପିଏସ କେଶ ହୋଇଥିବା ବେଳେ ୨ଶହଗ୍ରାମ, ୨୦୨୧ରେ ୨୧ଟି କେଶରେ ୫ଶହ, ୨୦୨୨ରେ ୩୭ କେଶରେ ୧.୬କେଜି, ୨୦୨୩ରେ ୨କେଜି ବ୍ରାଉନସୁଗାର, ଏବଂ ୨୦୨୪ରେ ବର୍ତମାନ ସୁଦ୍ଧା ୩ଟି କେଶ ହୋଇଥିବା ବେଳେ ୨୯୧ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିବା ବେଳେ ୮ଜଣ ପୁରୁଷଙ୍କୁ ଗିରଫ କରାଯାଇଥିବା ଏସପି ସୂଚନା ଦେଇଛନ୍ତି।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ, ଲକ୍ଷେ ଟଙ୍କା ଜରିମାନା

କଟକ (ସବ୍ୟୁ): କଟକ ସ୍ୱତନ୍ତ୍ର ଆଡହକ ପୋକ୍ସୋ କୋର୍ଟ ନାବାଳିକାକୁ ଦୁଷ୍କର୍ମ କରିଥିବା ମାମଲାରେ ଆସାମୀକୁ ୨୦ ବର୍ଷ ଜେଲ ଦଣ୍ଡ ସହିତ ୧ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଉକ୍ତ ମାମଲାରେ ଦୁଷ୍କର୍ମକାରୀ ବିଜୟ ସେଠୀ ଓରଫ ବିଜୁକୁ ଦୋଷୀ ସାବ୍ୟସ୍ତ କରି ପୋକ୍ସୋ କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ଏଥିସହିତ ପୀଡିତାକୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ପୋକ୍ସୋ କୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି । ସୂଚନାଯୋଗ୍ୟ ଯେ, କଟକ ଜିଲ୍ଲା ବୈଦେଶ୍ୱର ଥାନା ଅଂଚଳରେ ୨୦୧୯ ସେପ୍ଟେମ୍ବର ମାସରେ ଏହି ଅଭାବନୀୟ ଘଟଣା ଘଟିଥିଲା ।

## ସୋଆରେ ଜୀବାଣୁ, ଟୀକା ଓ ପ୍ରତିରୋଧକ ଶକ୍ତି ସମ୍ପର୍କିତ ଆନ୍ତର୍ଜାତିକ ଆଲୋଚନାଚକ୍ର

ଭୁବନେଶ୍ୱର (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍ସ ଆଣ୍ଡ ଆନିମଲ୍ ହଜ୍‌ବ୍ୟାଣ୍ଡରୀ (ଆଇଭିଏସଏଏଚ୍)ରେ ଏକ ତିନି ଦିନିଆ ଆନ୍ତର୍ଜାତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ଭାରତ ଓ ବିଦେଶରୁ ପ୍ରାୟ ୬୯ ଜଣ ପ୍ରତିନିଧି ଭାଗ ନେଇଥିବା ବେଳେ ୫୬ଟି ସନ୍ଦର୍ଭ ପାଠ କରାଯାଇଥିଲା । ଏହି ଆଲୋଚନାଚକ୍ରରେ ୟୁନାଇଟେଡ୍ କିଙ୍ଗଡମ ସ୍ଥିତ ଦ ପର୍‌ବ୍ରାଇଟ୍ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଓ ସିଇଓ ପ୍ରଫେସର (ଡକ୍ଟର) ବ୍ରାୟନ୍ ଚାର୍ଲ୍ସଟନ୍ 'ଡେଭଲପିଙ୍ଗ୍ ଦ ନେକ୍ସଟ ଜେନେରେସନ୍ ଅଫ୍ ଭ୍ୟାକ୍ସିନ୍ ଟୁ କଂଟ୍ରୋଲ୍ ଲାଇଭଷ୍ଟକ ଆଣ୍ଡ ଜୁନୋଟିକ୍ ଡିଜିଜେସ୍' ଶୀର୍ଷକ ଆଲୋଚନା କରିଥିବା ବେଳେ ୟୁନିଭର୍ସିଟି ଅଫ୍ ମ୍ୟାରିଲ୍ୟାଣ୍ଡର ଭର୍ଜିନିଆ ମ୍ୟାରିଲ୍ୟାଣ୍ଡ ରିଜିଓନାଲ୍ କଲେଜ ଅଫ୍ ଭେଟେରିନାରୀ ମେଡିସିନ୍‌ର ଡାକ୍ତର ଶିବ କେ. ସାମଲ୍ 'ପାରାମ୍ୟାକ୍ସୋ ଭାଇରସେସ୍ ଆଜ୍ ଭ୍ୟାକ୍ସିନ୍ ଭେକ୍ଟର୍‌ସ' ସମ୍ପର୍କରେ ଆଲୋକପାତ କରିଥିଲେ । ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ନୂଆଦିଲ୍ଲୀର ପାଥୋଲୋଜି ବିଭାଗର ମୁଖ୍ୟ ତଥା ପ୍ରତିଷ୍ଠିତ ଭାରତୀୟ ଭାଇରୋଲୋଜିଷ୍ଟ ପ୍ରଫେସର ସୁବ୍ରତ କେ. ପଣ୍ଡା ହେପାଟାଇଟିସ୍ -ଇ ଭାଇରସ୍‌ର ସମ୍ଭାବ୍ୟ ଭୟ ସମ୍ପର୍କରେ ଆଲୋଚନା କରିଥିଲେ । ସେହିପରି ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ତାମିଲନାଡୁ ସେଂଟ୍ରାଲ୍ ୟୁନିଭର୍ସିଟିର ପୂର୍ବତନ କୁଳପତି ପ୍ରଫେସର (ଡକ୍ଟର) ଏ.ପି. ଦାସ ମଧ୍ୟ ବକ୍ତବ୍ୟ ରଖିଥିଲେ। ଏହି




ଆଲୋଚନାଚକ୍ରରେ ଆୟୋଜିତ ୫ଟି ବୈଷୟିକ ଅଧିବେଶନରେ ବିଶିଷ୍ଟ ବୈଜ୍ଞାନିକ ଓ ପ୍ରଫେସରମାନେ ପ୍ରାଣୀ ବିଜ୍ଞାନ ସମ୍ପର୍କିତ ଅନେକ ତଥ୍ୟ ଉପସ୍ଥାପନ କରିଥିଲେ। 'ଭ୍ୟାକ୍ସିନ୍ସ :ରିଭ୍ୟୁ, ଡେଭେଲପ୍‌ମେଂଟସ ଆଣ୍ଡ ଫ୍ୟୁଚର', 'ୱାନ୍ ହେଲ୍‌ଥ ପ୍ଲେୟାର୍ସ ଆଣ୍ଡ ପ୍ରିପେୟାର୍ଡନେସ୍', 'ଡିଜିଜ୍ କଂଟ୍ରୋଲ: ଟୁଲ୍ସ, ରେଡିନେସ୍ ଆଣ୍ଡ ପ୍ଲାନ୍ସ', 'ନ୍ୟୁ ଫ୍ରନ୍‌ଟିୟର୍ସ: ଟେକ୍ନୋଲୋଜିସ୍, ଆପ୍ଲିକେସନ୍ ଆଣ୍ଡ ଫ୍ୟୁଚର' ଏବଂ 'ଭାଇରସେସ୍: ନ୍ୟୁ ନଲେଜ୍' ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହୋଇଥିଲା ।

ବୈଜ୍ଞାନିକ ଜଗତରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରୁ ୟୁକେର ଆନିମଲ୍ ଆଣ୍ଡ ପ୍ଲାଂଟ ହେଲ୍‌ଥ ଏଜେନ୍ସିର ମୁଖ୍ୟ ପ୍ରଫେସର (ଡକ୍ଟର) ଆନ୍ଥୋନି ରିଚାର୍ଡ ଫୁକ୍ସ, ଆଇସିଏଆର୍‌ର ପୂର୍ବତନ ଡେପୁଟି ଡାଇରେକ୍ଟର ଜେନେରାଲ୍ (ପ୍ରାଣୀ ବିଜ୍ଞାନ) ତଥା ଆସାମ ଏଗ୍ରିକଲ୍‌ଚରାଲ୍ ୟୁନିଭର୍ସିଟି, ଜୋରହାଟର ପୂର୍ବତନ କୁଳପତି ଡକ୍ଟର କେ. ଏମ୍. ବୁଜରବରୁଆ, ଭୁବନେଶ୍ୱର ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡକ୍ଟର) ସଂଘମିତ୍ରା ମିଶ୍ର ପ୍ରମୁଖ ଏହି ଆଲୋଚନାଚକ୍ରରେ ସାମିଲ ଥିଲେ । କାର୍ଯ୍ୟକ୍ରମରେ ୟୁଏସ୍‌ଏର ପର୍ଡ୍ୟୁ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁରେଶ କେ. ମିତଲ୍, କାନାଡା ସ୍ଥିତ ସସ୍‌କାଟ୍‌ଚ୍ୱାନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁରେଶ କେ. ଟିକୁ ଓ ୟୁକେର ପିରବ୍ରାଇଟ୍ ଇନ୍‌ଷ୍ଟିଚ୍ୟୁଟର ପ୍ରଫେସର ସତ୍ୟ ପରିଡା ଏବଂ ପ୍ରଫେସର ଭେନୁ ଗୋପାଲ୍ ନାୟାର ସାମିଲ୍ ଥିଲେ। କାର୍ଯ୍ୟକ୍ରମକୁ ସୋଆର ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୁତି ଭୂଷଣ ପ୍ରଧାନ ଉଦ୍ଘାଟନ କରିଥିବା ବେଳେ ଆଇଭିଏସ୍‌ଏଏଚ୍‌ର ଡିନ୍ ଡକ୍ଟର ବ୍ରହ୍ମଦେବ ପଟ୍ଟନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିନିଧିମାନେ ସୋଆର ଏହି ପଦକ୍ଷେପକୁ ବିଶେଷ ପ୍ରଶଂସା କରିଥିଲେ।






R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୩୮
ତିଥି : ଦ୍ୱାଦଶୀ
୨୧ ଫେବୃଆରୀ ୨୦୨୪, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 138
21 Feb 2024, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ସିକିମ ସ୍ୱତ୍ୱ ଚାଷୀଙ୍କ ବହୁ ବର୍ଷର ସମସ୍ୟାର ହେଲା ସମାଧାନ

# ଲୋକଙ୍କ ଖୁସି ସବୁଠୁ ବଡ ପୁରସ୍କାର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୨ (ସବ୍ୟୁ) : ଦୀର୍ଘ ବର୍ଷର ଜମିଜମା ସମସ୍ୟାର ହେଲା ସମାଧାନ । ସିକିମ ସ୍ୱତ୍ୱ ରୟତ ଚାଷୀଙ୍କୁ ମିଳିଲା ଜମି ପଟ୍ଟା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଏକ ସ୍ୱତନ୍ତ୍ର ସମାରୋହରେ ପ୍ରଥମ ଦିନରେ ୨୬ଟି ଜିଲ୍ଲାର ଦଶ ହଜାର ସିକିମ ରୟତ ଚାଷୀମାନଙ୍କୁ ଜମି ପଟ୍ଟା ବଣ୍ଟନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଜନସାଧାରଣଙ୍କ ସମସ୍ୟାର ସମାଧାନ ଉପରେ ତାଙ୍କ ସରକାର ସର୍ବାଧିକ ପ୍ରାଥମିକତା ଦେଇ ଆସିଛି । ସିକିମ ରୟତମାନଙ୍କର ସମସ୍ୟା ବହୁ ଦିନର ସମସ୍ୟା ଥିଲା ।



ଜମି ଉପରେ ସେମାନଙ୍କ ଅଧିକାର ନ ଥିବାରୁ ସେମାନଙ୍କର ଆର୍ଥିକ ଓ ସାମାଜିକ ଜୀବନ ପ୍ରଭାବିତ ହେଉଥିଲା । ସରକାରଙ୍କ ବିଭିନ୍ନ କୃଷି ବିକାଶ କାର୍ଯ୍ୟକ୍ରମରେ ମଧ୍ୟ ସେମାନେ ଲାଭ ପାଇପାରୁନଥିଲେ । ସିକିମ ରୟତମାନଙ୍କର ଶହ ଶହ ବର୍ଷର ସମସ୍ୟାର ସମାଧାନକୁ ଏକ ଐତିହାସିକ ପଦକ୍ଷେପ ଭାବରେ ବର୍ଣ୍ଣନା କରି ଲୋକମାନଙ୍କର ଖୁସି ହିଁ ତାଙ୍କର ସବୁଠାରୁ ବଡ ପୁରସ୍କାର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ୫-ଟି ଓ ନବୀନ ଓଡିଶା (୯ ପୃଷ୍ଠାରେ)

**ଜମି ପଟ୍ଟା ପାଇବେ ୨୬ ଜିଲ୍ଲାର ୨ ଲକ୍ଷ ୫୦ ହଜାର ଚାଷୀ**

**ପ୍ରଥମ ଦିନରେ ପାଇଲେ ଦଶ ହଜାର ହିତାଧିକାରୀ**

**୫-ଟି ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ରିପୋର୍ଟ ଭିତ୍ତିରେ ପଦକ୍ଷେପ**

**ଲୋକଙ୍କ ହିତ ପାଇଁ ହିଁ ଆଇନର ସଂଶୋଧନ କରାଯିବା ଜରୁରୀ : ୫-ଟି ଅଧ୍ୟକ୍ଷ**

## ରାଜଧାନୀରେ ତାପମାତ୍ରା ୩୭° ଛୁଇଁଲା

ଭୁବନେଶ୍ୱର, ୨୦।୨ (ସବ୍ୟୁ) : ବୈଶାଖ ଓ ଜ୍ୟେଷ୍ଠ ମାସ ଆସିନି । ତଥାପି ଗ୍ରୀଷ୍ମ ପରି ଖରା ବଢ଼ିଲାଣି । ଏପରିକି କେତେକ ସହରରେ ପାରଦ ୩୫ ଡିଗ୍ରୀ ପାର କରିଛି । ମଙ୍ଗଳବାର ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି ଭୁବନେଶ୍ୱର । ରାଜଧାନୀରେ ତାତି ୩୭ ଡ଼ିଗ୍ରୀ ଛୁଇଁଛି । ଆଗାମୀ ଦୁଇଦିନ ଧରି ରାଜ୍ୟରେ ଏଭଳି ତାତି ଜାରି ରହିବ । ତେବେ ୨୨ରୁ ପୁଣି ଦିନର ପାଗ ବଦଳିବ । କେତେକ ଜିଲ୍ଲାରେ ବର୍ଷା ଯୋଗୁ ତାପମାତ୍ରା ହ୍ରାସ ପାଇପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ଏବେ ଚାଲିଛି ମାଘ । ତା'ପରେ ଆସିବ ଫାଲଗୁନ ଓ ଚୈତ୍ର ମାସ । ତା'ପରେ ଆସିବ ବୈଶାଖ । କିନ୍ତୁ ଏବେଠୁ ଦାଉ ସାଜିଲାଣି ଖରା । ଆଜି ରାଜ୍ୟର ୧୫ଟି ସହରର ସର୍ବୋଚ୍ଚ ଦିନ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ ବା ତା' ଉପରେ ରେକର୍ଡ ହୋଇଛି । ଆଉ ସବୁଠୁ ଉତ୍ତପ୍ତ ସହର ପାଲଟିଛି ରାଜଧାନୀ ଭୁବନେଶ୍ୱର । (୯ ପୃଷ୍ଠାରେ)

## ରାଜ୍ୟସଭାକୁ ୩ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଭୁବନେଶ୍ୱର, ୨୦।୨ (ସବ୍ୟୁ) : ରାଜ୍ୟସଭାକୁ ଓଡ଼ିଶାରୁ ୩ ଜଣ ପ୍ରାର୍ଥୀ ନିର୍ଦ୍ୱୋନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ବିଜେଡି ପ୍ରାର୍ଥୀ ଦେବାଶିଷ୍ ସାମନ୍ତରାୟ, ଶୁଭାଶିଷ୍ ଖୁଣ୍ଟିଆ ଓ ବିଜେପି ପ୍ରାର୍ଥୀ ଅଶ୍ୱନୀ ବୈଷ୍ଣବ ନିର୍ବାଚିତ ହୋଇଥିବା ରିଟର୍ଣ୍ଣିଂ ଅଫିସର ଘୋଷଣା କରିଛନ୍ତି । ବିଜେଡି ପକ୍ଷରୁ ଦେବାଶିଷ୍ ଓ ଶୁଭାଶିଷ୍ ନାମାଙ୍କନ ଦାଖଲ କରିଥିଲେ । କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ବିଜେପି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ । ବିଜେଡି ତାଙ୍କୁ ସମର୍ଥନ କରିଥିଲା । ୨୦୧୯ରେ ମଧ୍ୟ ଅଶ୍ୱନୀଙ୍କୁ ବିଜେଡି ସମର୍ଥନ କରିଥିଲା । ଆଉକେହି ପ୍ରାର୍ଥୀ ନଥିବାରୁ ଏହି ୩ ଜଣ ପ୍ରାର୍ଥୀ ନିର୍ଦ୍ୱୋନ୍ଦ୍ୱରେ ନିର୍ବାଚିତ ହୋଇଥିବା ନେଇ ଘୋଷଣା କରାଯାଇଛି । ଦେବାଶିଷ୍ ସାମନ୍ତରାୟ ୩ ଥର ବିଧାୟକ ହୋଇଥିଲେ । ଶୁଭାଶିଷ୍ ଖୁଣ୍ଟିଆ ବିଜେଡିର ଜଣାଶୁଣା ଯୁବନେତା ।






# ବିଜେପି ପକ୍ଷରୁ ବୁଥ୍ ଚାଲ ଅଭିଯାନ ମୋଦି ଗ୍ୟାରେଣ୍ଟି ପଦଯାତ୍ରା




ବ୍ରହ୍ମପୁର, (ସବ୍ୟୁ): ଭାରତୀୟ ଜନତା ପାର୍ଟି ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପକ୍ଷରୁ ବୁଥ୍ ଚାଲ ଅଭିଯାନ ସହ ମୋଦି ଗ୍ୟାରେଣ୍ଟି ପଦଯାତ୍ରା ବ୍ରହ୍ମପୁର ବିଧାନସଭା ପ୍ରାର୍ଥୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତିଙ୍କ ନେତୃତ୍ୱରେ ସ୍ଥାନୀୟ ଗୋସାଇଁନୂଆଗାଁ ମଣ୍ଡଳ ଅନ୍ତର୍ଗତ ୱାର୍ଡ଼ ନଂ ୨୫, ୨୬, ୨୭, ୨୮, ୩୦ ଠାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜିପୁର ତୋଟା ସାହି ୩ ଲେନ୍ ଠାରେ ବିଜେପି ଗୋସାଇଁନୂଆଗାଁ ମଣ୍ଡଳ କାର୍ଯ୍ୟାଳୟ ବ୍ରହ୍ମପୁର ବିଧାନସଭା ନେତା କାହ୍ନୁ ଚରଣ ପତିଙ୍କ ଦ୍ୱାରା ଉଦଘାଟନ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ଗୋସାଇଁନୂଆଗାଁ ମଣ୍ଡଳର ୨୦ଟି ବୁଥ୍ ସଭାପତି ମାନଙ୍କ ସହ ଦଳୀୟ କାର୍ଯ୍ୟକର୍ତ୍ତା ମାନେ ଘରକୁ ଘର ଯାଇ ବୁଥ୍ ଚାଲ ଅଭିଯାନ ମାଧ୍ୟମରେ ସମ୍ପର୍କ ସ୍ଥାପନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖୀ ଯୋଜନା ଗୁଡିକ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। କାହ୍ନୁ ପତିଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟକର୍ତ୍ତା ମାନେ କାନ୍ଥ ଲିଖନ ସହ ବୁଥ୍ ର ପ୍ରବୁଦ୍ଧ ବ୍ୟକ୍ତି ମାନଙ୍କ ସହ ଚାୟ ପେ ଚର୍ଚ୍ଚା କାର୍ଯ୍ୟକ୍ରମ ବିଭିନ୍ନ ଛକରେ ଅନୁଷ୍ଠିତ ହେଇଥିଲା । ଏହାସହ କାର୍ଯ୍ୟକର୍ତ୍ତାମାନେ ମୋଦି ଗ୍ୟାରେଣ୍ଟି ପତ୍ରିକା ଏବଂ ମୋଦି କ୍ୟାଲେଣ୍ଡର ଘରେ ଘରେ ବଣ୍ଟନ କରିଥିଲେ । ଆଗାମୀ ଦିନରେ ବିକଶିତ ବ୍ରହ୍ମପୁରର ସଂକଳ୍ପ ସହ ବ୍ରହ୍ମପୁର ବିଧାନସଭାରେ ଭାରତୀୟ ଜନତା ପାର୍ଟିକୁ ଯଶସ୍ୱୀ କରାଇବାରେ ଏହି ଅଭିଯାନ ସହାୟକ ହେବ ବୋଲି ଶ୍ରୀ ପତି ମତବ୍ୟକ୍ତ କରିଥିଲେ। ନିର୍ବାଚିତ ପ୍ରତିନିଧି ମାନେ ଲୋକଙ୍କ ମୌଳିକ ସମସ୍ୟାକୁ ଅଣଦେଖା କରି ବାରମ୍ବାର ପ୍ରତାରଣା କରିଚାଲିଛନ୍ତି । ବିଜେପିର ଏହି ଅଭିଯାନ ବେଳେ ଜନସାଧାରଣ ନିଜ ନିଜର ସମସ୍ୟା ବିଜେପି ନେତୃବୃନ୍ଦଙ୍କ ସହ ଆଲୋଚନା କରି ଏଥର ବ୍ରହ୍ମପୁରରେ ବିଜେପି ଆସିବା ଦରକାର ବୋଲି ମତ ପ୍ରକାଶ କରୁଥିବା ଦେଖିବାକୁ ମିଳିଥିଲା। ଏହି ବୁଥ୍ ଚାଲ ଅଭିଯାନ ସହ ମୋଦି ଗ୍ୟାରେଣ୍ଟି ପଦଯାତ୍ରାରେ ଗୋସାଇଁନୂଆଗାଁ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ଚୌଧୁରୀ, ବରିଷ୍ଠ ନେତା ସୁନିଲ କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ଜିଲ୍ଲା ସମ୍ପାଦିକା ନିବେଦିତା ପାଢ଼ୀ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର, ଜିଲ୍ଲା ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ସାମୁଏଲ୍ ବେହେରା, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର, ମଣ୍ଡଳ ସାଧାରଣ ସମ୍ପାଦକ ମନୋଜ ପାଢ଼ୀ, ସାଗର ପାତ୍ର ପ୍ରମୁଖଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ଅଞ୍ଚଳ ବାସୀ ଏହି ବୁଥ୍ ଚାଲ ଅଭିଯାନ ସହ ମୋଦି ଗ୍ୟାରେଣ୍ଟି ପଦଯାତ୍ରାରେ ସାମିଲ୍ ହେଇଥିଲେ ।

# ମୟୂରଭଞ୍ଜ ଗସ୍ତରେ ରାଜ୍ୟପାଳ ରଘୁବର ଦାସ

## ସ୍କୁଲ, ଅଙ୍ଗନୱାଡି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବୁଲି ଦେଖିଲେ

ବାରିପଦା, (ସବ୍ୟୁ) : ଓଡିଶାର ମହାମହିମ ରାଜ୍ୟପାଳ ରଘୁବର ଦାସ ମଙ୍ଗଳବାର ଦିନ ମୟୂରଭଞ୍ଜ ଗସ୍ତରେ ଆସି, ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ଏବଂ କାର୍ଯ୍ୟର ସମୀକ୍ଷା କରିବା ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଆଜି ସକାଳେ ରାଜ୍ୟପାଳ ଶ୍ରୀ ଦାସ ବାରିପଦା ସ୍ଥିତ ପ୍ରଦକ୍ଷଣ ଗୃହରୁ କୁଜିଡିହି ଗ୍ରାମ ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ଥିବା ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିବା ପରେ ଅଭିଭାବକ ଏବଂ ଅଙ୍ଗନୱାଡି କର୍ମକର୍ତ୍ତା ମାନଙ୍କ ସହିତ କଥୋପକଥନ ପରେ ଶ୍ରୀ ଦାସ କୁଜିଡିହି ଠାରେ ଥିବା ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ମାନଙ୍କ ସ୍ଥିତି ଏବଂ ସମସ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଯୋଜନା କାର୍ଯ୍ୟକାରୀ ହେଉଥିବା ବିଷୟରେ ପଚାରି ବୁଝିଥିଲେ। ଏହାପରେ ଶ୍ରୀ ଦାସ କୋଷ୍ଠା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ସମସ୍ତ ବିଭାଗ ପରିଦର୍ଶନ କରିବା ସହିତ ସେଠାରେ ଉପସ୍ଥିତ ସମସ୍ତ ଡାକ୍ତର, ପାରାମେଡିକ୍ସ, ଆଶା କର୍ମୀ ଏବଂ ରୋଗୀ ମାନଙ୍କ ସହିତ କଥା ହୋଇଥିଲେ ଏବଂ ସମସ୍ତ ସ୍ୱାସ୍ଥ୍ୟଗତ ସରକାରୀ ସୁବିଧା ଉପଲବ୍ଧ ହେଉଥିବା ନେଇ ସନ୍ତୋଷ ପ୍ରକାଶ କରିଥିଲେ। ପରେ ପରେ କୋଷ୍ଠା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ କଥା ହୋଇଥିଲେ। ନିକଟସ୍ଥ ସାଲାସାହିରେ ଥିବା ଓରମାସ ସବାଇ କ୍ଲଷ୍ଟରର ୨୦୦ ଜଣ ମହିଳା ସ୍ୱୟଂସହାୟକ ମାନଙ୍କ କାର୍ଯ୍ୟ ବୁଲି ଦେଖିଥିଲେ। ସବାଇ ଘାସରେ ତିଆରି ସୁନ୍ଦର ସୁନ୍ଦର କାରୁକାର୍ଯ୍ୟ ଏବଂ ଗୃହ ଉପଯୋଗୀ ସାମଗ୍ରୀ ଦେଖି ରାଜ୍ୟପାଳ ମହୋଦୟ ଅତ୍ୟନ୍ତ ଖୁସି ହୋଇଥିଲେ ଏବଂ ସମସ୍ତ ମହିଳା ସ୍ୱୟଂସହାୟକ ମାମାନଙ୍କ ସହିତ ସାକ୍ଷାତକାର ବାର୍ତ୍ତାଳାପ କରିଥିଲେ। ଦେଶର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଣେ ଉଚ୍ଚ ଶିକ୍ଷିତା ନାରୀ ଏବଂ ଏଇ ମୟୂରଭଞ୍ଜ ମାଟିର ଝିଅ ଆଜି ସବୁଠୁ ବଡ ଗଣତାନ୍ତ୍ରିକ ରାଷ୍ଟ୍ରର ସର୍ବୋଚ୍ଚ ପଦବୀରେ ସ୍ଥାନିତ ଏବଂ ସେ କେବଳ ଜଣେ ନାରୀ ନୁହନ୍ତି ତ୍ୟାଗ ଏବଂ ଧୈର୍ଯ୍ୟର ଏକ ଜ୍ୱଳନ୍ତ ପ୍ରତୀକ ବୋଲି ରାଜ୍ୟପାଳ ଶ୍ରୀ ଦାସ କହିଥିଲେ। ପରେ ରାଜ୍ୟପାଳ, ଶୁଳିଆପଦା ବ୍ଲକ ସ୍ଥିତ ବଡଢେଙ୍କିଆ ଗ୍ରାମ ଠାରେ ଚାଷୀ ମାନଙ୍କୁ ଉଦବୋଧନ ଦେବା ସହିତ ସେହି ଗ୍ରାମର ଚାଷୀ ମାନଙ୍କୁ ମୃତ୍ତିକା



ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରିଥିଲେ। ନିଜ ଅଭିଭାଷଣରେ ରାଜ୍ୟପାଳ କହିଥିଲେ ଯେ, ଚାଷ ଏବଂ ଚାଷୀ ହେଉଛନ୍ତି ଦେଶର ଅଭିବୃଦ୍ଧିର ମାନଦଣ୍ଡ, ଯେଉଁ ଦେଶର କୃଷକ ଯେତେ ସଶକ୍ତ ସେ ଦେଶର ଅର୍ଥନୀତି ସେତେ ସୁଦୃଢ଼। ମୟୂରଭଞ୍ଜ ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା କାରଣ ଏଠାକାର ମୂଳ ଅଧିବାସୀ ହେଉଛନ୍ତି ଆଦିବାସୀ ଜନଜାତିର ଏବଂ ସେମାନେ କୃଷି ଉପରେ ନିର୍ଭରଶିଳ। ଦିନେ ଆମ ଦେଶର ସ୍ୱତନ୍ତ୍ରତା ପାଇଁ ଏଇ ଚାଷୀ କୁଳ ପ୍ରଥମେ ମୁଣ୍ଡ ଟେକି ଥିଲା ଏବଂ ଏହି ମୟୂରଭଞ୍ଜ ମାଟିର ଆଦିବାସୀ ମାନେ ମଧ ସେହି ସଂଗ୍ରାମରେ ନିଜ ଯୋଗଦାନ ଦେଇଛନ୍ତି। ଏହାସହିତ ଚାଷୀ ମାନେ ସର୍ବଦା ସ୍ୱାବଲମ୍ବୀ ହେବା ଉଚିତ ବୋଲି ସେ କହିଥିଲେ। ଏହି ସମ୍ପୂର୍ଣ୍ଣ ଗସ୍ତରେ ଜିଲ୍ଲାପ୍ରଶାସନ ମୟୂରଭଞ୍ଜ ସମସ୍ତ ଦାୟିତ୍ୱ ବହନ କରିଥିବାବେଳେ ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷିକା ଏସ.ସୁଶ୍ରୀ ଏହି ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ପରିଚାଳନା କରିଥିଲେ। ଏଥିସହିତ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ ମଧ ରାଜ୍ୟପାଳଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଉତ୍ତମ ସଂଯୋଜନା କରିଥିଲେ। ଏହି ସମ୍ପୂର୍ଣ୍ଣ ଗସ୍ତରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଅଭୟ କୁମାର ଦାଶ, ଶୁଳିଆପଦା ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଅନୁପମା ଘୋଷ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତରୁଣ କୁମାର ଛୋଟରାୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି, ବାରିପଦା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରିଣୀ ମମତାମୟୀ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିବାବେଳେ ରାଜଭବନରୁ ଆସିଥିବା ଅଧିଆକରି ଯଥା ରାଜ୍ୟପାଳଙ୍କର ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ ଓ ଲୋକସମ୍ପର୍କ ଅଧିକାରୀ ରକ୍ଷକ କୁମାର ନାୟକ ପ୍ରମୁଖ ଆସିଥିବା ସୂଚନା ପ୍ରକାଶ। ମଧ୍ୟାହ୍ନରେ ରାଜ୍ୟପାଳ ଶ୍ରୀ ଦାସ ବାରିପଦା ସ୍ଥିତ ଶ୍ରୀହରି ବଳଦେବଜୀଉ ଜଗନ୍ନାଥ ମନ୍ଦିର ପରିଦର୍ଶନ କରି, ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ଜାମସେଦପୁର ଅଭିମୁଖେ ଯାତ୍ରା କରିଥିଲେ।

# ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ କାର୍ଯ୍ୟକ୍ରମ ୨୨୫ ଆଦିବାସୀ ଯୁବ ଉଦ୍ୟୋଗୀଙ୍କୁ ଚେକ୍ ପ୍ରଦାନ

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲା ସଦରମହକୁମା ବିଜୁ କଲ୍ୟାଣ ମଣ୍ଡପ ଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ମରୀୟମ ରଇତ, ଅଧକ୍ଷା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଜପତି, ନିର୍ମଳା ସେଠୀ, ଅଧକ୍ଷା ପୌରପରିଷଦ ପାରଳାଖେମୁଣ୍ଡି, ବୀରେନ୍ଦ୍ର କୁମାର ଦାସ, ଅତିରିକ୍ତ ଜିଲ୍ଲାପାଳ ଗଜପତି, ଫାଲଗୁନି ମାଝୀ ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଥିବା ସମସ୍ତ ଆଦିବାସି ଯୁବକଯୁବତୀ ଉଦ୍ୟୋଗୀ ମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ଭଲ ଉଦ୍ୟୋଗୀ ହେବାପାଇଁ କହିଥିଲେ। ଏହାସହ ଜିଲ୍ଲାପାଳ ଯୁବ ଉଦ୍ୟୋଗୀ ମାନଙ୍କୁ ଚେକ୍ ପ୍ରଦାନ କରିବା ସହ ବ୍ୟବସାୟ କ୍ଷେତ୍ରରେ କିଭଳି ସଫଳତା ପାଇପାରିବା ସେ ନେଇ ଆସିଥିବା ଯୁବ ଉଦ୍ୟୋଗୀ ଙ୍କୁ ଜିଲ୍ଲାପାଳ ଉତ୍ସାହିତ କରିବା ସହିତ ମନବଳ ବଢେଇ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୨୨୫ ଜଣ ଜନଜାତି ଯୁବ ଉଦ୍ୟୋଗୀଙ୍କୁ ୫୦ ହଜାର ଟଙ୍କା ଲେଖଏଁ ଆର୍ଥିକ ସହାୟତା ରାଶି ଚେକ୍ ପ୍ରଦାନ କରାଯାଇଥିବା ବେଳେ ୧୪୩ ଗୋଟି ଜନଜାତି ଜୀବିକା ବିକାଶ ପରିଷଦକୁ ମାନ୍ୟତା ପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଆକର୍ଷଣ କରିବା ପାଇଁ ଲାଞ୍ଜିଆ ସୌରା ଓ ସୌରା ଜନଜାତି ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟର ପ୍ରକଳ୍ପ ପରିଚାଳକ ଶିବାଜୀ ପ୍ରଧାନ, କୃଷି ବିଶେଷଜ୍ଞ ସିମାନ୍ଦ୍ରି ଭଗବାନ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ପରିଚାଳକ ଆଲୋକ ସାହୁ ଉପସ୍ଥିତ ଥିବା ବେଳେ ବିଭାଗୀୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଛତ୍ରପୁର, (ସବ୍ୟୁ): ବିଜେପି ଓ ବିଜେଡିର ଅଘୋଷିତ ମେଣ୍ଟ ପାଇଁ ଓଡିଶା ଓ ଓଡିଆଙ୍କ ଅସ୍ମିତା ଧ୍ୱଂସ ହେଉଥିବାରୁ ଶନିବାର ପୂର୍ବାହ୍ନରେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବିଜେପି ଓ ବିଜେଡିର ମୁଖିଆ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକାକୁ କଂଗ୍ରେସ ପକ୍ଷରୁ ଦାହ କରାଯାଇଥିଲା। ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଦୀପକ ପଟ୍ଟନାୟକ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀମାନେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିଜେପି ଓ ବିଜେଡିର ଅଘୋଷିତ ମେଣ୍ଟକୁ ଦୃଢ ବିରୋଧ କରିଥିବା ସହିତ ଏମାନଙ୍କ ଠାରୁ ଦେଶ ଓ ରାଜ୍ୟବାସୀଙ୍କୁ ବଞ୍ଚାଇବାର ବର୍ତ୍ତମାନ ଦେଶ ଓ ରାଜ୍ୟବାସୀଙ୍କ ପାଇଁ ସୁଯୋଗ ଆସିଛି ବୋଲି କଂଗ୍ରେସ ନେତା ଓ କର୍ମୀ ଆହ୍ୱାନ ଦେଇଥିଲେ । ଏହି ବିକ୍ଷୋଭରେ ରାଜ୍ୟ ଅନୁସୂଚିତ ଜାତି ସେଲର ଜିଲ୍ଲା ସଭାପତି ଭାଗିରଥୀ ବେହେରା, ମିଡିଆ ସେଲ୍ ଅଧକ୍ଷ ତତସ୍ୱସୁବୁଦ୍ଧି, ପିସିସି ସଂପାଦକ ଶମ୍ଭୁ ପାଣିଗ୍ରାହୀ, ବରିଷ୍ଠ କଂଗ୍ରେସ ନେତା ବୃନ୍ଦାବନ ଖଟେଇ, ପଦ୍ମଚରଣ ସାହୁ, କାଳିଆ ରାଉଳ, ବ୍ରହ୍ମପୁର ଲୋକାଲ ମିଡିଆ ସେଲ୍ ସଂଯୋଜକ ମହେଶ କୁମାର ଗୌଡ, ଛାତ୍ର କଂଗ୍ରେସ ସଭାପତି ଚକ୍ରପାଣି ପଲେଇ, ସାଇ ପ୍ରସାଦ, ସନ୍ଦୀପ ଜେନା, ସୁଭାଷିନୀ ପଟ୍ଟନାୟକ, ଗଣପତି ବାରିକ, ଭବାନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ସାମ୍ବାଦିକଙ୍କ ମାତୃ ବିୟୋଗ

ବୁଗୁଡା, (ସବ୍ୟୁ): ସ୍ଥାନୀୟ ମିଡିଆ କ୍ଲବର ଉପଦେଷ୍ଟା ତଥା ସାମ୍ବାଦିକ କାଳି ଚରଣ ଦାଶଙ୍କ ମାତା ସତ୍ୟଭାମା ଦାଶଙ୍କ ୯୯ ବର୍ଷ ବୟସରେ ସୋମବାର ରାତ୍ର ୩ ଘଣ୍ଟା ୩୦ ମିନିଟ ସମୟରେ ଦେହାନ୍ତ ହୋଇଯାଇଛି । ତାଙ୍କର ମୃତ୍ୟୁରେ ଶୋକର ଛାୟା ଖେଳି ଯାଇଛି। ସେ ଜଣେ ଧର୍ମପରାୟଣା, ମିଷ୍ଟଭାଷିନୀ, ଆଧ୍ୟାତ୍ମିକବାଦୀ, ସରଳ ସ୍ୱଭାବର ମହିଳା ଥିଲେ। ମୃତ୍ୟୁ ବେଳକୁ ତାଙ୍କର ପାଖରେ ପୁଅ, ବୋହୂ, ଝିଅ, ନାତି, ନାତୁଣୀ, ବନ୍ଧୁ ବାନ୍ଧବ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗତା ସତ୍ୟଭାମା ଦାଶଙ୍କ ଶରୀରକୁ ବିଧି ବିଧାନ ପୂର୍ବକ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା ।

# ଲୋକଙ୍କ ସୁବିଧା ଅସୁବିଧା ଶୁଣି ସମାଧାନର ପ୍ରତିଶ୍ରୁତି ଦେଲେ ବିଧାୟକ

ରଙ୍ଗେଇଲୁଣ୍ଡା, (ସବ୍ୟୁ): ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋଲଥୀ ଗାଁ ଗ୍ରାମରେ ଆଜି ଏକ ସାମାଜିକ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗ ଦେଇଥିଲେ। ତାଙ୍କ ସହ ଗଞ୍ଜାମ ଜିଲ୍ଲା ବିଜେଡିର ଯୁବ ସାଧାରଣ ସମ୍ପାଦକ ଜିତେନ୍ଦ୍ର ରାଉଳ, ୪୧ନମ୍ବର କର୍ପୋରେଟର ମଳୟ ବିଶୋଇ, ରଞ୍ଜନ ପୋଲେଇ ପ୍ରମୁଖ ଗ୍ରସ୍ତ କରିଥିଲେ। ଉକ୍ତ ସମୟରେ ଗ୍ରାମର ଶତାଧିକ ଗ୍ରାମବାସୀ ବିଭିନ୍ନ ସମସ୍ୟା ବିଷୟରେ ବିଜେଡି ନେତା ହରିହର ପାତ୍ରଙ୍କ ନେତୃତ୍ୱରେ ଅଭିଯୋଗ କରିଥିଲେ । ଏହା ଶୁଣି ବିଧାୟକ ତୁରନ୍ତ ଫୋନ ମାଧ୍ୟମରେ ଉକ୍ତ ସମସ୍ୟା ଗୁଡିକର ସମାଧାନ କରିବାକୁ ବିଭିନ୍ନ ଅଧିକାରୀ ମାନଙ୍କୁ ଆଦେଶ ଦେବା ସହ ପଞ୍ଚାୟତରେ ଯାହା ସବୁ ସମସ୍ୟା ଅଛି ତୁରନ୍ତ ଜଣାଇବାକୁ ଅନୁରୋଧ କରିଥିଲେ।

# କିଶୋରନଗର ବ୍ଲକରେ ପରୀକ୍ଷା ଦେଲେ ୧୫୯୦ ପରୀକ୍ଷାର୍ଥୀ

ଠାକୁରଗଡ଼, (ସବ୍ୟୁ) : ସାରା ରାଜ୍ୟ ରେ ମଙ୍ଗଳବାର ଦିନ ମେଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି । ପ୍ରଥମ ଦିନ ରେ ଓଡିଆ ଭାଷା ର ପରୀକ୍ଷା ଥିବା ବେଳେ କିଶୋରନଗର ବ୍ଲକ ରେ ଶାନ୍ତି ଶୃଙ୍ଖଳା ର ସହ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । କିଶୋରନଗର ବ୍ଲକ ର ବଇଣ୍ଡା ହାଇସ୍କୁଲ ରେ ୨୩୫ ଜଣ ଛାତ୍ରୀ ଛାତ୍ର ପରୀକ୍ଷା ଦେଇଥିବା ବେଳେ କିଶୋରନଗର ହାଇସ୍କୁଲ ରେ ୧୭୪ ଜଣ , ବାମୁର ହାଇସ୍କୁଲ ରେ ୧୫୫ ଜଣ , ନାକିଚି ହାଇସ୍କୁଲ ରେ ୨୪୪ ଜଣ , ହଣ୍ଡପା ହାଇସ୍କୁଲ ରେ ୨୧୦ ଜଣ , ଇଛାପୁର ହାଇସ୍କୁଲ ରେ ୯୭ ଜଣ , ଫୁଲମ୍ବା ହାଇସ୍କୁଲ ରେ ୧୬୩ ଜଣ , ରଣିଆକଟା ହାଇସ୍କୁଲ ରେ ୧୩୧ ଜଣ , ଅଙ୍ଗପଡା ହାଇସ୍କୁଲ ରେ ୧୮୧ ଜଣ ଛାତ୍ରୀ ଛାତ୍ର ପରୀକ୍ଷା ଦେଇଥିଲେ । ସକାଳ ୭.୩୦ ସମୟ ରେ ସମସ୍ତ ଛାତ୍ରୀ ଛାତ୍ର ଙ୍କୁ ବିଦ୍ୟାଳୟ ସମୁଖରେ ଯାଞ୍ଚ କରାଯାଇ ପରୀକ୍ଷା କେନ୍ଦ୍ର କୁ ପ୍ରବେଶ କରିବା ପାଇଁ ଛଡା ଯାଇଥିଲା । ପରେ ୯ ଟା ପରୀକ୍ଷା ଆରମ୍ଭ ହୋଇଥିଲା । ସମସ୍ତ ବିଦ୍ୟାଳୟ ରେ ଶାନ୍ତି ଶୃଙ୍ଖଳା ର ସହ ପରୀକ୍ଷା ହୋଇଥିବା ବେଳେ ପୋଲିସ ପକ୍ଷରୁ ସମସ୍ତ ପରୀକ୍ଷା କେନ୍ଦ୍ର ଗୁଡିକ ରେ ପୋଲିସ ମୁତୟନ କରାଯାଇଥିଲା । ବ୍ଲକ ନୋଡାଲ ଅଫିସର ଭାବରେ ସୁପ୍ରଭା ସାହୁ ନିଯୁକ୍ତି ହୋଇଥିବା ବେଳେ କିଶୋରନଗର ଅତିରିକ୍ତ ତହସିଲ ଦାର ଜିତେନ୍ଦ୍ର ବିଶ୍ୱାଳ ପରୀକ୍ଷା କେନ୍ଦ୍ର ଗୁଡିକ ବୁଲି ଯାଞ୍ଚ କରିଥିଲେ ।

# କଣିହାଁ ତହସିଲ ସମ୍ମୁଖରେ ଆରଏସ୍, ଆରଆଇ, ଏଆରଆଇଙ୍କ ଧାରଣା

କଣିହାଁ, (ସବ୍ୟୁ) : କଣିହାଁ ତହସିଲ ସମ୍ମୁଖରେ ୬ଦଫା ଦାବୀ ନେଇ କଣିହାଁ ତହସିଲ ଅଧୀନରେ କାର୍ଯ୍ୟରତ ଆରଏସ, ଆରଆଇ ଓ ଏଆରଆଇ ଧାରଣାରେ ବସି ରହି ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି । ସୋମବାର ଠାରୁ ସମସ୍ତ କର୍ମଚାରୀ ଦାବୀ ପୂରଣ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତ । ଫଳରେ କଣିହାଁ ତହସିଲ ଅଧିନରେ କଣିହାଁ, ବଡଗୁଣ୍ଡୁରି, ବଡତ୍ରିବିଡ଼ା, ପରାବିଲ, ସମଲ, ବାଜ୍ରକୋଟ, କୁଲୁମା ଇତ୍ୟାଦି ଆରଆଇ ଅଫିସରେ ଜନସାଧାରଣ କାମ କରି ନପାରି ଫେରୁଥିବା ଦେଖିବାକୁ ମିଳିଥିଲା । ୬ଦଫା ଦାବୀ ମଧ୍ୟରେ ତାଙ୍କର ମୁଖ୍ୟ ଦାବୀ କ୍ୟାଡ଼ର ପୁନଃ ସଂରଚନା କରି ବିଜ୍ଞାପ୍ତି ପ୍ରକାଶ କରିବା । ଉକ୍ତ ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଚାଲିବ ବୋଲି ଧାରଣା କାରୀଙ୍କ ଠାରୁ ପ୍ରକାଶ ।

# ଭୋଟର ସଚେତନତା ତଥା ପଞ୍ଜିକରଣ କାର୍ଯ୍ୟକ୍ରମ

ବଇଣ୍ଡା, (ସବ୍ୟୁ) : ଅନୁଗୁଳ ଜିଲ୍ଲା କିଶୋରନଗର ବ୍ଲକ ନୁନୁକାପଶି ଗ୍ରାମପଂଚାୟତ ବଇଣ୍ଡା ନାଇସ କମ୍ପ୍ୟୁଟର ପ୍ରତିଷ୍ଠାନ ଠାରେ ମଙ୍ଗଳବାର ଦିନ ନେହେରୁ ଯୁବ କେନ୍ଦ୍ର ଅନୁଗୁଳ ତରଫରୁ ଭୋଟର ସଚେତନତା ତଥା ପଞ୍ଜିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବୁବୁନ କୁମାର ପ୍ରଧାନ, ନେହେରୁ ଯୁବ କେନ୍ଦ୍ର କିଶୋରନଗର ବ୍ଲକ ସଂଯୋଜକ କ୍ରିଷ୍ଣା ନାଏକ ଏବଂ ନୁନୁକାପଶି ବୈଷ୍ଣବସାହିର ବାପୁଜୀ ଯୁବକ ସଂଘ ସମ୍ପାଦକ ପ୍ରଭୁଦେବ ମୁଖୀ ଉପସ୍ଥିତ ରହି ଅନୁଷ୍ଠାନର ପ୍ରାୟ ୨୦୦ଛାତ୍ରଛାତ୍ରୀଙ୍କୁ ଭୋଟ ବିଷୟରେ ସଚେତନ କରିବା ସହ ଭୋଟର ହେବାର ମହତ୍ୱ ବୁଝାଇଥିଲେ । ଏଥିସହ ନୂତନ ଭୋଟର ମାନେ କିଭଳି ସେମାନ ଙ୍କର ମତଦାନ କରିବେ ଏ ନେଇ ଗ୍ରାମାଞ୍ଚଳ ରେ ସଚେତନତା କରାଇବେ ବୋଲି ପରାମର୍ଶ ଦେଇଥିଲେ । ଶେଷରେ ସମସ୍ତ ଛାତ୍ରଛାତ୍ରୀ ଏକ ସୁସ୍ଥ ତଥା ଶୃଙ୍ଖଳିତ ନିର୍ବାଚନ ନିମନ୍ତେ ଶପଥ ଗ୍ରହଣ କରିଥିଲେ ।

# ରାଜସ୍ୱ ଅଧିକାରୀଙ୍କ ଧାରଣା

ଠାକୁରଗଡ଼, (ସବ୍ୟୁ) : କିଶୋରନଗର ତହସିଲ କାର୍ଯ୍ୟାଳୟ ପରିସର ରେ ସୋମବାର ଠାରୁ ରାଜସ୍ୱ ଅଧିକାରୀ ମାନେ ସମୂହ କାର୍ଯ୍ୟ ବନ୍ଦ କରି ଧାରଣା ଦେଇଛନ୍ତି । ମଙ୍ଗଳବାର ମଧ ଏହି ଆନ୍ଦୋଳନ କରାଯାଇଥିବା ଯୋଗୁଁ କିଶୋରନଗର ତହସିଲ ଅଧୀନରେ ଥିବା ରାଜସ୍ୱ କାର୍ଯ୍ୟାଳୟ ରେ ସେବା ବାଧା ପ୍ରାପ୍ତ ହୋଇଛି । ଓଡ଼ିଶା ସେବା ପଦୋନ୍ନତରେ ରାଜସ୍ୱ ଅଧିକାରୀ ଙ୍କ ପାଇଁ ୨୫ ପ୍ରତିଶତ ସରଂକ୍ଷଣ , ଓଡିଆରଏସ ରୁଲ ପରିବର୍ତ୍ତନ , ଅତିରିକ୍ତ ରାଜସ୍ୱ ଅଧିକାରୀ ମାନ ଙ୍କୁ ବାଦ ଦେବା ଆଡି ଦାବି କୁ ନେଇ ଧାରଣା ଦିଆଯାଇଛି ଛ ଯାହାକି ଏହି ଆନ୍ଦୋଳନ ପାଇଁ ସାଧାରଣ ଲୋକେ ନାହି ନଥିବା ର ଅସୁବିଧା ର ସମୁଖୀନ ହେଉଛନ୍ତି । ବିଭିନ୍ନ କାମ ପାଇଁ ଦୂର ଦୂରାନ୍ତ ରୁ ଆସୁଥିବା ସାଧାରଣ ଲୋକେ ରାଜସ୍ୱ ଅଧିକାରୀ ଙ୍କୁ ନ ପାଇଁ ନିରାଶ ହୋଇ ଫେରୁଛନ୍ତି । ଏ ନେଇ ଏକ ଦାବି ପତ୍ର କିଶୋରନଗର ତହସିଲଦାର ମନୋଜ କୁମାର ପ୍ରଧାନ ଙ୍କ ଜରିଆରେ ମୁଖ୍ୟ ଶାସନ ସଚିବ କୁ ପ୍ରଦାନ କରାଯାଇଛି । ଏହି ଆନ୍ଦୋଳନ ରେ ରାଜସ୍ୱ ନିରିକ୍ଷକ ସଦାନନ୍ଦ ବେହେରା, ପ୍ରଭାତ ରଞ୍ଜନ ବେହେରା, ବାମଦେବ ସାହୁ, ରଞ୍ଜିତା ସାହୁ, ଗଣେଶ୍ୱର ନାୟକ, କଟି ହେସ । (ସହକାରୀ ରାଜସ୍ୱ ନିରୀକ୍ଷକ)ଦୁଷ୍ମନ୍ତ କୁମାର ବେହେରା, ସିକୁନ ସେଠୀ ସାମିଲ ହୋଇଛନ୍ତି ।

# ଦୋଳପୂର୍ଣ୍ଣିମା ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

ସାଉଥବଲଣ୍ଡା, (ସବ୍ୟୁ) : ଆଗାମୀ ଦୋଳଯାତ୍ରା ଉତ୍ସବକୁ ସୁଚାରୁ ଭାବେ ପାଳନ କରିବା ନିମନ୍ତେ ଦେଉଳବେଡା ତେଲିସାହି ଓ ହାଣ୍ଡିଧୂଆଁ ଗ୍ରାମ କମିଟି ମଧ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତାଳଚେର ପୌରାଂଚଳର ୧୮ ଓ ୧୯ ନମ୍ବର ୱାର୍ଡ ଅନ୍ତର୍ଗତ ଦେଉଳବେଡ଼ା ତେଲିସାହି ଓ ହାଣ୍ଡିଧୂଆଁ ଉଭୟ ଗ୍ରାମ ମିଶି ଦୀର୍ଘ ବର୍ଷ ହେବ ଦୋଳ ପୂର୍ଣ୍ଣିମା ପାଳନ କରି ଆସୁଛନ୍ତି । ଏହି ଉତ୍ସବର ୫ ଦିନ ପୂର୍ବରୁ ରାଧାକୃଷ୍ଣଙ୍କୁ ପରିକ୍ରମା କରି ସମସ୍ତ ଛକ ବଜାର ସାହି ନେଇ ଭୋଗ ଲଗାଇ ଉତ୍ସବକୁ ପାଳନ କରାଯାଏ। ଏହା ପରଦିନ ହାଣ୍ଡିଧୂଆଁ ଗ୍ରାମ ଫାଟକରୁ ଘଣ୍ଟ,ଗରୁଡ ଖେଳ ଓ ବିଭିନ୍ନ କଳା ପ୍ରଦର୍ଶନ ଦ୍ୱାରା ବିରାଟ ବଡ ଶୋଭାଯାତ୍ରାରେ ରାଧାକୃଷ୍ଣଙ୍କୁ ଧରି ହାଣ୍ଡିଧୂଆଁ ଛକ, ଗାନ୍ଧୀ ଛକ ଓ ଦେଉଳବେଡ଼ା ତେଲିସାହି ଗ୍ରାମ ପରିକ୍ରମା ସହ ମେଲଣ ପଡିଆକୁ ଅଣାଯାଇଥାଏ। ଏହି ମେଲଣ ପଡିଆରେ ଭିନ୍ନ ଭିନ୍ନ ଦୋକାନ ବଜାରରୁ ଲୋକଙ୍କୁ ଆର୍ଥିକ ଫାଇଦା ସହ ଦୂରଦୂରାନ୍ତରୁ ଆସିଥିବା ହଜାର ହଜାର ସଂଖ୍ୟାରେ ଦର୍ଶକ ଅପେରା କାର୍ଯ୍ୟକ୍ରମର ଭରପୁର ଉପଭୋଗ କରିଥାନ୍ତି। ଆସନ୍ତା ମାର୍ଚ୍ଚ ୨୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବ ନିମନ୍ତେ ଉଭୟ ଗ୍ରାମ କମିଟିକୁ ନେଇ ଏକ ଦୋଳଯାତ୍ରା କମିଟି ଗଠିତ ହୋଇଥିଲା। ଏଥିରେ ସଭାପତି ବିଦ୍ୟାଧର ପ୍ରଧାନ, ଉପସଭାପତି ନବକିଶୋର ସାହୁ, ସମ୍ପାଦକ ନରେଶ ସାହୁ,ସହ ସଂପାଦକ ବିଜୟ ପୃଷ୍ଟି, କୋଷାଧ୍ୟକ୍ଷ ଗଙ୍ଗାଧର ପ୍ରଧାନ, ସହ କୋଷାଧ୍ୟକ୍ଷ ମାନସ ସାହୁ, ସେହିପରି କାର୍ଯ୍ୟନିର୍ବାହକ ମଧ୍ୟରେ ଦେଉଳବେଡା ତେଲିସାହି ଗ୍ରାମରୁ ତୁଷାର କୁମାର ସାହୁ, ବିଘ୍ନେଶ୍ୱର ସାହୁ,ବାବୁଲାଲ ପୃଷ୍ଟି, ଯୀଶୁଖ୍ରୀଷ୍ଟ ପୃଷ୍ଟି,ପ୍ରଦୀପ ସାହୁ ଓ ଶଙ୍କର୍ଷଣ ବେହେରା ଚୟନ ହୋଇଥିଲେ। ସେହିପରି ହାଣ୍ଡିଧୂଆଁ ଗ୍ରାମରୁ ଅଜୟ ପ୍ରଧାନ, ବଂଶୀଧର ସାହୁ, ରାଜକିଶୋର ପ୍ରଧାନ,ଅମର ସାହୁ, ଆଲୋକ ସାହୁ, ଓ ପ୍ରକାଶ ସାହୁ ମନୋନୀତ ହୋଇଥିଲେ।

# ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ଭୁବନ, (ସବ୍ୟୁ) : ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଡ଼ାକରାରେ ସାରା ରାଜ୍ୟରେ ସମସ୍ତ ତହସିଲରେ ରାଜସ୍ୱ ପରିଦର୍ଶକ, ରାଜସ୍ୱ ନୀରିକ୍ଷକ ଓ ସହକାରୀ ରାଜସ୍ୱ ନିରୀକ୍ଷକ ସମୂହ ୬ ଦଫା ନେଇ ଅନିର୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି । ଢ଼େଙ୍କାନାଳ ଜିଲ୍ଲା ଗନ୍ଦିଆ ତହସିଲ ଅନ୍ତର୍ଗତ ୧୦ ଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଯଥା ନିହଲ ପ୍ରସାଦ ଆର ଆଇ ସୁଶାନ୍ତ ସାହୁ, ବିଦ୍ୟାଧରପୁର ଆର ଆଇ ପ୍ରଣତୀ ଭୋଇ, କପିଳାସ ଆର ଆଇ ନିବଶ୍ରି ଦକ୍ଷଶ, ମନ୍ଦାର ଆର ଆଇ ସୁନନ୍ଦା ସିଂ, ବାଇଁସିଆ ଆର ଆଇ ଅନୁପମା ଦେହୁରୀ, ନୂଆନଈ ଆର ଆଇ ପ୍ରଶାନ୍ତ କୁମାର ବେହେରା, ପିଙ୍ଗୁଆ ଆର ଆଇ ସୌଦାମିନୀ ମଲ୍ଲିକ, ଷଡ଼ଙ୍ଗୀ ଆର ଆଇ ବ୍ରହ୍ମାନନ୍ଦ ସେଠୀ, ଷଡ଼ଙ୍ଗୀ ଏ ଆର ଆଇ ଦେବବ୍ରତ ବାରିକ, ଯୋରନ୍ଦା ଆର ଆଇ ପ୍ରଦୀପ ବିଶ୍ୱାଳ ଏବଂ ଗନ୍ଦିଆ ଆର ଆଇ ସନ୍ଧ୍ୟାରାଣୀ ଦାଶ ପ୍ରମୁଖ ଗତକାଲି ଠାରୁ ଆନ୍ଦୋଳନରେ ବସି ରହିଛନ୍ତି । ରାଜସ୍ୱ ନିରୀକ୍ଷକ ମାନେ ଆନ୍ଦୋଳନ ଚଳାଇ ଥିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

# ମହାମାୟୀଙ୍କ ଚତୁର୍ଥ ବାର୍ଷିକୋତ୍ସବ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ସହର ରଗଡିସାହିସ୍ଥିତ ମା' ମହାମାୟୀଙ୍କ ଚତୁର୍ଥ ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଅଛି । ପ୍ରାତଃ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ଫୁଲହାର ମା'ଙ୍କୁ ସୁସଜ୍ଜିତ କରାଯାଇ ବିଭିନ୍ନ ଭୋଗରାଗ ଲାଗି କରାଯାଇଥିଲା । ୫୦ ରୁ ଉର୍ଦ୍ଧ୍ୱ ମହିଳାମାନେ ଶାସନ ପୋଖରୀ ଠାରେ ପୂଜାର୍ଚ୍ଚନା କରାଯାଇ କଳସଯାତ୍ରା ପରେ ସୂର୍ଯ୍ୟପୂଜା କରାଯାଇଥିଲା । ତା'ପରେ ମଣ୍ଡଳ ପୂଜା, ମା' ମହାମାୟୀଙ୍କ ଷୋଡଷଉପଚାର ପୂଜା ଓ ଯଜ୍ଞ ଆରମ୍ଭ ହୋଇଥିଲା । ପୂଜକ ଡୁଲା ଭାଇନା, କର୍ତ୍ତା ପ୍ରଶାନ୍ତ ନାୟକ ଓ ତାଙ୍କ ଧର୍ମପତ୍ନୀ ଲିନୁ ନାୟକ ଉପସ୍ଥିତ ରହି ପୂଜାକାର୍ଯ୍ୟ ସମାପନ କରିଥିଲେ । ମା'ଙ୍କ କାଳେସୀ ରେଣୁ ନାୟକ, ସଭାପତି ପ୍ରଭାତି ନାୟକ, କର୍ମକର୍ତା ସୋନାଲି ନାୟକ, ଟୁନି ନାୟକ, ମମତା ବରାଳ, ପ୍ରଣତି ନାୟକ, ସହିତ ସାହିବାସୀନ୍ଦା ଓ ଭକ୍ତମାନେ ସହଯୋଗ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସଂକୀର୍ତନ ମଣ୍ଡଳୀ ଦ୍ୱାରା ନାମସଂକୀର୍ତନ ଓ ଭଜନ ଜଣାଣ ପରିବେଷଣ କରାଯାଇଥିଲା ।

# ପାଇକସାହି ଶିଶୁ ମନ୍ଦିର ବାର୍ଷିକ ଉତ୍ସବ



ପାଇକସାହି, (ସବ୍ୟୁ) : ଆଜିର ଶିଶୁ ମାନେ କାଲି ଦେଶ ର ଭବିଶ୍ତ । ସେମାନେ କିଭଳି ଭଲ ମଣିଷ ହେବେ ସେ ନେଇ ଶିକ୍ଷକ ମାନେ ସବୁ ବେଳେ ତତ୍ପର ହେବା ଆବଶ୍ୟକ । ପ୍ରାଥମିକ ସ୍ତର ରୁ ଭଲ ଶିକ୍ଷା ଦେଲେ ଶିଶୁ ମାନେ ସଂସ୍କାର ପାଇଥାନ୍ତି । ବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା । ଶିକ୍ଷକ ଓ ଛାତ୍ରୀ ଛାତ୍ର ଙ୍କ ମଧ୍ୟରେ ସୁ ସମ୍ପର୍କ ରହିବା ଆବଶ୍ୟକ ବୋଲି ସୋମବାର ଦିନ ଠାକୁରଗଡ଼ ଥାନା ପାଇକସାହି ଶିଶୁ ମନ୍ଦିର ର ବାର୍ଷିକ ଉତ୍ସବ ରେ ଯୋଗ ଦେଇଥିବା ଅତିଥି ମାନେ ମତ ପ୍ରକାଶ କରିଛନ୍ତି । ବିଦ୍ୟାଳୟ ର ସଭାପତି ମାଗୁଣି ଚରଣ ନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ପାଇକସାହି ବରୋଦା ବ୍ୟାଙ୍କ ଶାଖା ପରିଚାଳକ ସତ୍ୟବାନ ମେହେର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଠାକୁରଗଡ଼ ଯୁକ୍ତ ଦୁଇ କଲେଜ ର ଅବସର ପ୍ରାପ୍ତ ଅଧକ୍ଷ ନୀରଜ କାନ୍ତ ପ୍ରଧାନ, ଅନ୍ୟତମ ଅତିଥି ଭାବରେ ପାଇକସାହି ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ରାଜେସ ଜେନା , ପାଇକସାହି ସରପଞ୍ଚ ନୀରଜ କାନ୍ତ ସାହୁ , ସାପଘରା ସରପଞ୍ଚ କୈଳାସ ଚନ୍ଦ୍ର ସାହୁ , ବିଦ୍ୟାଳୟ ର ସମ୍ପାଦକ ଚିତ୍ରସେନ ପ୍ରଧାନ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମୁକୁଳ ମଞ୍ଜରି ପ୍ରଧାନ ଅତିଥି ପରିଚୟ ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ଏଥିରେ ବିଦ୍ୟାଳୟ ରେ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତା ର କୃତି ଅର୍ଜନ କରିଥିବା ଛାତ୍ରୀ ଛାତ୍ର ଙ୍କୁ ଅତିଥି ମାନେ ପୁରସ୍କାର ବଣ୍ଟନ କରିଥିଲେ । ଏଥିସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଜରାଜୀର୍ଣ୍ଣ ଅବସ୍ଥାରେ ତାଳଚେର ଟେଲିଫୋନ ଭବନ



ତାଳଚେର, (ସବ୍ୟୁ) : ଯେଉଁ କାର୍ଯ୍ୟାଳୟରେ ଦିନେ ଶହଶହ ଗ୍ରାହକଙ୍କ ଭିଡ଼ ଜମୁଥିଲା, ଆଜି ଭାରତର ଭରଷା ଯୋଗ୍ୟ ଭାରତ ସଂଚାର ଲିଗମ ଲିଃ, ଏହି ଟେଲିଫୋନ ଭବନଟି ସତେ ଯେପରି ଅଲୋଡ଼ା ହୋଇପଡିଥିବା ଲକ୍ଷ୍ୟ କରାଯାଉଛି । ଏହି ଭବନଟିକୁ ଦେଖିଲେ ସତେ ଯେପରି ଭୂତକୋଠିରେ ପରିଣତ ହୋଇଥିବା ଅବସ୍ଥା ସୃଷ୍ଟି କରିଛି । ତାଳଚେର ଟାଉନ ଅଙ୍ଗାରୁଆ ସାପ୍ତାହିକ ଶନିବାର ହାଟ ନିକଟରେ ରହିଥିବା ଏହି କାର୍ଯ୍ୟାଳୟ ଗୃହ ଗୁଡ଼ିକ ଏବେ ଭଙ୍ଗ । ରୁଜା ଅବସ୍ଥାରେ ପଡ଼ି ରହିଥିବା ବେଳେ କାହିଁ କେତେ ଦିନରୁ କାନ୍ଥ ଗୁଡ଼ିକରେ ଚୂନ ଟିକେ ଲଗାଯାଇ ନଥିବାରୁ ଶିଉଳୀ ଲାଗି ଅତି ବିବର୍ଣ୍ଣ ଅବସ୍ଥା ସୃଷ୍ଟି କରିଛି । ଏହି କାର୍ଯ୍ୟାଳୟର ଚର୍ତୁପାଶ୍ୱରେ ବିଭିନ୍ନ ଅନାବନା ଗଛ ସହ ନଟିରେ ପରିଣତ ହୋଇଥିବାରୁ ଏହି କାର୍ଯ୍ୟାଳୟକୁ ଗ୍ରାହକ ଯିବା ସରୀସୃପଙ୍କ ଭୟ ହେଉଛି । ଭାରତ ସଂଚାର ଲିଗମ ଲିଃ ପୂର୍ବରୁ ଲ୍ୟାଣ୍ଡଫୋନ, ତାର ମାଧ୍ୟମରେ ଇଂଟର୍ନେଟ୍ ସେବା ଯୋଗାଇ ଦେବା, ଗ୍ରାହକମାନଙ୍କୁ କମ ମୂଲ୍ୟରେ ସେବା ପ୍ରଦାନ କରିବା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରି ଆସୁଥିଲା ଓ ଗ୍ରାହକଙ୍କ ଏଥିନେଇ ପ୍ରିୟଭାଜନ ହୋଇ ପାରିଥିଲା । ସରକାରଙ୍କ ଏହି ଭାରତ ସଂଚାର ଲିଗମ ଲିଃ ପୂର୍ବରୁ ଘରେ ଘରେ ପରିଚିତ ହୋଇ ବହୁ ଅର୍ଥ ରୋଜଗାର କରି ଆସୁଥିଲା, ମାତ୍ର ଏବେ ଏହା ବିଭିନ୍ନ କାରଣରୁ ଗ୍ରାହକମାନେ ବିଏସଏନଏଲ ସେବାରୁ ମୁହଁ ମୋଡୁଥିବା ଆଶ୍ଚର୍ଯ୍ୟନ୍ୱିତ କରିଛି । ବିଏସଏନଏଲ କମ୍ପାନୀ ଗ୍ରାହକମାନଙ୍କୁ ସଠିକ ଭାବେ ସେବା ଯୋଗାଇ ପାରୁ ନଥିବାରୁ ଲୋକମାନେ ଏହି ସେବାରୁ ବଂଚିତ ହୋଇ ବର୍ତମାନ ଘରୋଇ ସେବା ଉପରେ ନିର୍ଭର କରୁଛନ୍ତି । ଘରୋଇ କମ୍ପାନୀ ସେବା ଉପରେ ଅଧିକ ଖର୍ଚ୍ଚାନ୍ତ ହେଉଥିଲେ ମଧ ଧିରେ ଧିରେ ଗ୍ରାହକ ବିଏସଏନଏଲ ଭବନକୁ ଯିବା କମ କରିବା ସଙ୍ଗେ ସଙ୍ଗେ କାର୍ଯ୍ୟାଳୟରୁ କର୍ମଚାରୀ ମଧ କମିବାରେ ଲାଗିଛି । ତେଣୁ ସରକାର ଏହି ପୁରାତନ ଟୋଲିଫୋନ ଭବନକୁ ତୁରନ୍ତ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ସହ ପୂର୍ବପରି ଗ୍ରାହକଙ୍କ ଭରଷା ବଜାୟ ରଖିବାକୁ ସାଧାରଣରେ ଦାବି ହେଉଛି ।

## ନାବାଳିକା ଅସଦାଚରଣ ଆସାମୀକୁ ବର୍ଷେ ଜେଲ୍

କେନ୍ଦୁଝର, (ସ୍ୱପ୍ର) : କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ଏକ ନାବାଳିକା ଅସଦାଚରଣ ମାମଲାର ବିଚାର କରି ଦୋଷୀ ତୁରୁମୁଙ୍ଗା ଥାନା କଣ୍ଟିଆପଡ଼ା ଗ୍ରାମର ଯୋଗେଶ୍ୱର ନାଏକ (୨୧)କୁ ବର୍ଷେ ଜେଲ୍ ଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା କରିଛନ୍ତି।ଜରିମାନା ଅନାଦାୟ ଅଧିକ ୨ ମାସ ଜେଲଛ ୨୦୧୬ ମାର୍ଚ୍ଚ ୨୨ ତାରିଖ ସନ୍ଧ୍ୟାରେ ନାବାଳିକାଙ୍କ ମିକ୍ସଚର୍ ଦେବ କହି ଏକ ନିର୍ଜନ ସ୍ଥାନକୁ ଡାକି ନେଇଥିଲ। ଯୋଗେଶ୍ୱର। ସେଠାରେ ତାଙ୍କୁ ଦୁଷ୍କର୍ମ ଉଦ୍ୟମ କରିବା ବେଳେ ନାବାଳିକା ଜଣକ ଖସି ଆସି ପରିବାର ଲୋକଙ୍କୁ ଜଣାଇଥିଲାଛ ଏନେଇ ନାବାଳିକାଙ୍କ ମା' ତୁରୁମୁଙ୍ଗା ଥାନାରେ ଥାନାରେ ଅଭିଯୋଗ କରିବା ପରେ ପୁଲିସ କେସ୍ ନମ୍ବର ୨୮/ ୨୦୧୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟଚାଲାଣ କରିଥିଲା।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ନୀଳଗିରି, (ସବ୍ୟୁ) : ସନ୍ତରା ଗଡ଼ିଆ ଶ୍ରୀଦେଇପୁର ଗ୍ରାମର ବାସିନ୍ଦା ତଥା ଧର୍ମପରାୟଣା ମହିଳା ସରସ୍ୱତୀ ପ୍ରଧାନଙ୍କର ମଙ୍ଗଳବାର ସକାଳ ସମୟରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୫ବର୍ଷ ହୋଇଥିଲା । ମଙ୍ଗଳବାର ସକାଳେ ତାଙ୍କର ମୁଣ୍ଡ ବୁଲାଇବା ସହ ଛାତିରେ ଯନ୍ତ୍ରଣା ହେବାରୁ ଚିକିତ୍ସା ନିମନ୍ତେ ଡାକ୍ତରଖାନା ନେବା ବାଟରେ ପରଲୋକ ଘଟିଥିଲା । ମୃତ୍ୟୁବେଳକୁ ତାଙ୍କ ନିକଟରେ ୪ପୁଅ ପ୍ରଶାନ୍ତ, ସୁଶାନ୍ତ, ବସନ୍ତ, ରମାକାନ୍ତ, ଝ୍ୱାଇଁ ବଳରାମ ଭୂଇଁ, ଅକ୍ଷୟ ମହାପାତ୍ର, ସୁରେନ୍ଦ୍ର ପ୍ରଧାନଙ୍କ ସମେତ ଝିଅ, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ । ସରସ୍ୱତୀ ପ୍ରଧାନ ଜଣେ ମିଷ୍ଟଭାଷୀ, ସମାଜସେବୀ, ପରପୋକାରୀ ଓ ଧର୍ମପରାୟଣା ମହିଳାଭାବେ ପରିଚିତ ଥିବାରୁ ତାଙ୍କର ଏହି ପରଲୋକ ଘଟଣା ସନ୍ତରାଗଡ଼ିଆ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛନ୍ତି ।

## ନିମ୍ନମାନର କାମ ବନ୍ଦ କଲେ ଲୋକେ

ଅସୁରାଳି,(ସବ୍ୟୁ): ଭଦ୍ରକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ-୨ ଅଧୀନରେ ଥିବା ସହିଦ୍ ନଗର-ଆନନ୍ଦ ବଜାର ପ୍ରଧାନମନ୍ତ୍ରୀ ସଡ଼କ କାମ ନିମ୍ନମାନର ହେଉଥିବା ଜଣାପଡ଼ିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା ବେଳେ ନିମ୍ନମାନର ପିଚୁ କାମ ବନ୍ଦ କରିଛନ୍ତି ଲୋକେ। ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି ଆନନ୍ଦ ବଜାର ନିକଟ ଲେଙ୍କାସାହି ଠାରେ। ୩ କୋଟି ୮୦ ଲକ୍ଷ ଟଙ୍କା ଅନୁଦାନରେ ଆନନ୍ଦବଜାର ଠାରୁ ଅସୁରାଳି-କାସିମପୁର୍ ରାସ୍ତାର ଅଉ ଗଛ ଛକ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କର ନବୀକରଣ କାର୍ଯ୍ୟ ଜାରି ରହିଛି। ଏହି ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଧାର୍ଯ୍ୟ ସମୟରୁ ପ୍ରାୟ ଦୁଇବର୍ଷ ବିତିବା ସତ୍ତ୍ୱେ ଏହା ସମ୍ପୂର୍ଣ୍ଣ ହୋଇନାହିଁ। ଠିକାଦାର ତାଙ୍କ ମର୍ଜିରେ କାମ କରୁଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗର କୌଣସି ଅଧିକାରୀ କାମ ତଦାରଖ କରିବାକୁ ଆସୁନାହାନ୍ତି। ବର୍ତ୍ତମାନ ଲୁଣିଆ ଠାରୁ ଆନନ୍ଦ ବଜାର ଯାଏଁ ରାସ୍ତାରେ ପିଚୁ ପଡୁଛି। ରାସ୍ତାରେ ପଡୁଥିବା ପିଚୁକୁ ପାଣିରେ ଗୋଳାଇ ପକାଯାଇଥିବା ଏବଂ ନିୟମାନୁଯାୟୀ ଯେଉଁ ପରିମାଣରେ ପିଚୁ ହେବା କଥା ତାହା ହେଉନଥିବା ଦେଖିବା ପରେ ଲେଙ୍କାସାହି ଠାରେ କେତେକ ଯୁବକ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସେମାନେ ରାସ୍ତା କାମ ବନ୍ଦ କରି ଦେଇଥିଲେ। ନିମ୍ନମାନର କାମକୁ ବିରୋଧ ହେବା ସହ କାମ ବନ୍ଦ କରି ଦିଆଯିବାରୁ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା ।

# ୬ ଆନ୍ତଃରାଜ୍ୟ ଲୁଟେରା ଗିରଫ



ପାଟଣା, (ସବ୍ୟୁ) : ରବିବାର ଦିନ କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଖିରେଇଟାଙ୍ଗିରୀ ଟୋଲ୍ ଗେଟ୍ ନିକଟରେ କାର ଉପରକୁ ଗୁଳି ଫୁଟାଇ ଲୁଟ ଘଟଣାରେ ୬ ଆନ୍ତଃରାଜ୍ୟ ଲୁଟେରାକୁ ଗିରଫ କରିଛି ତୁରୁମୁଙ୍ଗା ପୁଲିସ। ଏହା ସହ ୨ ପିସ୍ତଲ, ୮ ଟି ଜୀବନ୍ତ ଗୁଳି ଓ ୫ ଟି ମୋବାଇଲ ଫୋନ ଜବତ କରାଯାଇଛି। ଲୁଟ୍ ରେ ବ୍ୟବହାର ହେଉଥିବା ୧ଟି ବୁଲେଟ, ୨ଟି ବାଇକ୍ ଓ ୧ଟା ଟାଟା ଡାଇକର ଗାଡି ଜବତ କରିଛି ପୋଲିସ। ସୂଚନା ଅନୁଯାୟୀ ଗତ ରବିବାର ଭୋରରୁ ରାଇରଙ୍ଗପୁର ବାଦଳା ଅଞ୍ଚଳର ସେକ୍ ଅହମ୍ମଦ ହୁସେନ ଅନୁଗୁଳରୁ ବନ୍ଧୁ ଘରୁ କାର ଯୋଗେ ଡ୍ରାଇଭର ସହ ଫେରୁଥିବା ସମୟରେ କେନ୍ଦୁଝର ପଟରୁ ଏକ ଟାଟା ଡାଇକର ଓ ବାଇକ ରେ ୧୩ ଜଣ ଦୁର୍ବୃତ୍ତ ତାଙ୍କ କାରକୁ ପିଛା କରି ଖିରେଇଟାଙ୍ଗିରୀ ଟୋଲଗେଟ ନିକଟରେ ଦୁର୍ବୃତ୍ତମାନେ ତାଙ୍କ କାର ଉପରକୁ ଗୁଳି କରି ୧୫ ହଜାର ଟଙ୍କା ଲୁଟି ନେଇଥିଲେ।ଏହି ଘଟଣାରେ ତୁରୁମୁଙ୍ଗା ଥାନାରେ ଏକ ମାମଲା ରୁଜୁ କରାଯାଇ ପୋଲିସ ଏକ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢାଉ କରି ୬ଜଣ ଲୁଟେରାକୁ ଗିରଫ କରିଛ। ଗିରଫ ଡକାୟତମାନେ ହେଲେ ମୟୁରଭଞ୍ଜ ବାଦାମପାଳ ଥାନା। ଅନ୍ତର୍ଗତ ଟେନ୍ତ୍ୱାପଶି ଗ୍ରାମର ସେକ ସନାଉଲା (୨୯), ଚଢେଇଭୁଳ ଗ୍ରାମର ଗୁଲାବ ଅଲ୍ଲୀ, କେନ୍ଦୁଝର ସଦର ଥାନା ଅନ୍ତର୍ଗତ ବାଇଗଣପଶିର ରୟା ମୁଣ୍ଡା, ଟାଙ୍ଗରପଳସା ଗ୍ରାମର ଦୀପକ କୁମାର ନାଏକ, କେନ୍ଦୁଆ ଗ୍ରାମର ସମୀର ମହାରଣା ଓ ପବିତ୍ର ମୁଣ୍ଡା। ତେବେ ଅନ୍ୟ ଜଣେ ଫେରାର ଦୁବୃର୍ତ୍ତ କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ପ୍ରେସମିଟରେ ଚମ୍ପୁଆ ଏସଡିପିଓ ବିଜୟ କୁମାର୍ ମଲ୍ଲିକ ସୂଚନା ଦେଇଛନ୍ତି।ତୁରୁମୁଙ୍ଗା ଥାନା କେଶ ନମ୍ବର ୯୫/୨୪ ରେ ମାମଲା ରୁଜୁ କରି ସମସ୍ତ ଡକାୟତ ମାନଙ୍କୁ କୋର୍ଟ ଚାଲାଣ କରା ଯାଇଛି। ତୁରୁମୁଙ୍ଗା ଥାନାରେ ଅନୁଷ୍ଠିତ ପ୍ରେସ୍ ମିଟ ରେ ତୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର କୁମାର ଶାନ୍ତି ଓ ପାଟଣା ଥାନା ଅଧିକାରୀ ବିବସ୍ତ ପ୍ରଧାନ ଉପସ୍ଥିତ ରହିଥିଲେ ।

## ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ

ଦୋବଲ,(ସବ୍ୟୁ):ଧାମନଗର ବ୍ଲକ ଅନ୍ତର୍ଗତ ଦଳାଙ୍ଗ ଗ୍ରାମ ପଂଚାୟତର ବାଘୁଆରୀ ଗ୍ରାମ ସୌଗନ୍ଧ ମହାନ୍ତି ଓ ଜ୍ୟୋତି ପ୍ରକାଶ ମହାନ୍ତିଙ୍କର ୬ ବଖରା ଚାଳ ଛପର ଘର ବିଳମ୍ବିତ ରାତିରେ ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ଧୂଆଁର ବଳୟ ମଧ୍ୟରୁ ଘର ଭିତରୁ ଜୀବନ ବଂଚାଇ ପଦାକୁ ବାହାରି ଆସିଥିଲେ ପରିବାର ଲୋକ। ଘର ମଧ୍ୟରେ ଥିବା ସମସ୍ତ ଟଙ୍କା ପଇସା,ସୁନା,ରୂପା,ଧାନ,ଚାଉଳ,ବାସନ କୁସନ,ଲୁଗା ପଟା,ଖଟ ପଲଙ୍କ ଇତ୍ୟାଦି ସମସ୍ତ ଆସବାପତ୍ର ଓ ଦରକାରୀ କାଗଜ ପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ଖବରପାଇ ଧାମନଗର ଦମକଳ କେନ୍ଦ୍ରର କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଅଗ୍ନିକାଣ୍ଡକୁ ଆୟତ କରିଥିଲେ। ଏପରି ଦୁଃଖଦ ପୂର୍ଣ୍ଣ ଖବର ପାଇ ଆମ ଓଡ଼ିଶା ନବୀନ ଓଡିଶାର ଜିଲ୍ଲା ସଂଯୋଜକ ସଞ୍ଜୟ ଦାସ,ସ୍ଥାନୀୟ ସରପଂଚ ରଣଜିତ୍ ଜେନା,ପୂର୍ବତନ ସମିତି ସଭ୍ୟ ବିରଜା ପ୍ରସନ୍ନ ରାଉତ ବିପନ୍ନଙ୍କ ପାଖରେ ପହଂଚି ଥିବାବେଳେ ଧାମନଗର ବ୍ଲକ କଂଗ୍ରେସ କମିଟି ତରଫରୁ ବ୍ଲକ କଂଗ୍ରେସ କମିଟିର ସଭାପତି ରମେଶ ଚନ୍ଦ୍ର ବେହେରାଙ୍କ ସହ ସମିତି ସଭ୍ୟ ସୁରେଶ ଚନ୍ଦ୍ର ସେଠୀ,ଅଭୟ କୁମାର ରାଉତ,ନିରଞ୍ଜନ ପଣ୍ଡା,ମହେଶ୍ୱର ରାଉତ,ହରେକୃଷ୍ଣ ଦେବତା ଏବଂ କାର୍ତ୍ତିକ ଚନ୍ଦ୍ର ସାହୁ ପ୍ରମୁଖ ଅଗ୍ନି ବିପନ୍ନଙ୍କ ପାଖରେ ପହଂଚି ଶାଢ଼ୀ,ଲୁଙ୍ଗି,ଗାମୁଛା,ବାସନ କୁଶନ,ଶୁଖିଲା ଖାଦ୍ୟ ସମେତ କିଛି ରେଶନ ସାମଗ୍ରୀ ମାନ ଅଗ୍ନି ବିପନ୍ନଙ୍କୁ ସହାୟତା ପ୍ରଦାନ ପ୍ରଦାନ କରିବା ସହ ପ୍ରସାସନ ନିକଟରେ ତୁରନ୍ତ ବାସଗୃହ ସମେତ ସମସ୍ତ ପ୍ରକାର ସହାୟତା ଅଗ୍ନିବିପନ୍ନଙ୍କୁ ଯୋଗାଇ ଦେବାକୁ ଦାବୀ କରିଛନ୍ତି।

## ମ୍ୟାଟ୍ରିକ ପରୀକ୍ଷାର ପ୍ରଥମ ଦିନ,୨୮ ପରୀକ୍ଷାର୍ଥୀ ଅନୁପସ୍ଥିତ

ଧାମନଗର,(ସବ୍ୟୁ):ଧାମନଗର ବ୍ଲକ ଅଂଚଳରେ ମ୍ୟାଟ୍ରିକ ପରୀକ୍ଷାର ପ୍ରଥମ ଦିନ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିବାବେଳେ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ମୋଟ ୨୮ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାଯାଇଛି। ଧାମନଗର ବ୍ଲକର ଦୁଇଟି ନୋଡାଲ ସେଣ୍ଟର ଅଧିନରେ ୧୭ ଟି ପରୀକ୍ଷା କେନ୍ଦ୍ରରେ ମୋଟ ୨ହଜାର ୮୧୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ସେମାନଙ୍କ ମଧ୍ୟରୁ ୨୮ଜଣ ଅନୁପସ୍ଥିତ ରହିଥିବା ଜଣାଯାଛି। ଧାମନଗର ନୋଡାଲ ସେଣ୍ଟର ଅଧିନରେ ଥିବା ଇନ୍ଦ୍ରଗୋବିନ୍ଦ ହାଇସ୍କୁଲ କେନ୍ଦ୍ରରେ ୪ଜଣ ଅନୁପସ୍ଥିତ ଥିବାବେଳେ ଖଡିପଦା ହାଇସ୍କୁଲର ୫ ଜଣ,ପଳିକିରି ଭଗବାନପୁର ହାଇସ୍କୁଲର ୩ ଜଣ ଓ ଦୋବଲ ହାଇସ୍କୁଲର ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ସେହିପରି ଧୃଷୁରୀ ନୋଡାଲ ସେଣ୍ଟର ଅଧିନରେ ଥିବା ଧାମନଗର ବ୍ଲକର ୧୦ ଟି ଓ ଚାନ୍ଦବାଲି ବ୍ଲକର ୨ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୭ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାଯାଇଛି। ଧୃଷୁରୀ ମୁରଲୀଧର ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବାବେଳେ ଧୃଷୁରୀ ବାଳିକା ଉଚ୍ଚ ବିଦ୍ୟାଳୟର ୨ଜଣ,ଗୋପବନ୍ଧୁନଗର ହାଇସ୍କୁଲର ୪ଜଣ,ନଦୀଗାଁ ହାଇସ୍କୁଲର ୨ଜଣ,ମହତାବ ନଗର ବାପୁଜୀ ହାଇସ୍କୁଲ,ବନ୍ଧଟିଆ ହାଇସ୍କୁଲ,ଅସୁରାଳି ହାଇସ୍କୁଲ ଓ ସହିଦନଗର ହାଇସ୍କୁଲର ଜଣେ ଲେଖାଏଁ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାଯାଇଛି। ସେହିପରି ମଧ୍ୟମା ପରୀକ୍ଷା ଦେଉଥିବା ୧୧ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଦୁଇଜଣ ଅନୁପସ୍ଥିତ ଥିବା ଧାମନଗର ନୋଡାଲ ସେଣ୍ଟରର ପରିଚାଳକ ରମଣିରଞ୍ଜନ ରାଉତ ଓ ଧୃଷୁରୀ ସେଣ୍ଟର ପରିଚାଳକ ଅକ୍ଷୟ କୁମାର ହୋତା ସୂଚନା ଦେଇଛନ୍ତି।

## ଦୁଇଟି ନୂତନ ପ୍ରକଳ୍ପର ଶିଳାନ୍ୟାସ କଲେ ବଦ୍ରିପାତ୍ର



କେନ୍ଦୁଝର , (ସ୍ୱପ୍ର) :କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ କେଶଦୁରାପାଳ ଏବଂ ଦେଓଗାଁ ଗଉଡବାହାଳୀ ଠାରେ ଦୁଇଟି ନୂତନ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ମାନ୍ୟବର ଘସିପୁରା ବିଧାୟକ ପ୍ରଫେସର ବଦ୍ରିନାରାୟଣ ପାତ୍ରଙ୍କ କରକମଳରେ ଅନୁଷ୍ଠିତ ହୋଇଛି। ଏହାଦ୍ୱାରା ସ୍ଥାନୀୟ ଜନସାଧାରଣ ଉପକୃତ ହେବେ ବୋଲି ମତବ୍ୟକ୍ତ କରିଛନ୍ତି ପୂର୍ତ୍ତ ବିଭାଗ ପକ୍ଷରୁ ବହୁ ପ୍ରତିକ୍ଷୀତ କେଶଦୁରାପାଳ ଠାରୁ ଧକୋଠା ଯାଏଁ ୭ ଟି ପଞ୍ଚାୟତ ର ଲୋକଙ୍କୁ ବିକାଶ ପଥରେ ସଂଯୋଗ କରୁଥିବା ଦୀର୍ଘ ୨୩ କିଲୋମିଟର ରାସ୍ତା ଏବଂ ଦେଓଗାଁ କୁ ସଂଯୋଗ କରୁଥିବା ଗଣ୍ଡନାଳ ସେତୁର ସମ୍ପ୍ରସାରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତା ଏବଂ ପୋଲ ନିର୍ମାଣ ପାଇଁ ୧୯ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ତୁରନ୍ତ ଏହି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବିଧାୟକ ଶ୍ରୀ ପାତ୍ର ଆଶାବ୍ୟକ୍ତ କରିଛନ୍ତି।ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଘସିପୁରା ବିଧାୟକପ୍ରଫେସର ବଦ୍ରିନାରାୟଣ ପାତ୍ର ସମେତ ଦେଓଗାଁ ସରପଞ୍ଚ ସତ୍ୟରଂଜନ ଭୂୟାଁ,କେଶଦୁରାପାଳ ସରପଞ୍ଚ ମାନସୀ ମହାରଣା, ଜିଲ୍ଲାପରିଷଦ ସଭ୍ୟା ମଧୁସ୍ମିତା ଦାସ ,ପୂର୍ବତନ ସରପଞ୍ଚ ପରେଶ କୁଅଁର , ସହ ଠିକାଦାର ଶ୍ରୀ ମିଶ୍ର ଓ ପୂର୍ତ୍ତ ବିଭାଗ ଉପର୍ନିବାହି ଯନ୍ତ୍ରୀ କେଳୁଚରଣ ଦଳେଇ ଓ କନିଷ୍ଠ ଯନ୍ତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ବନ୍ଧୁକ ଦେଖାଇ ଲୁଟି ନେଲେ ୧୦ ଲକ୍ଷ ଟଙ୍କାର ଅଳଙ୍କାର

ବାଲେଶ୍ୱର , (ସବ୍ୟୁ) : ଜଳେଶ୍ୱର-ରାଜଘାଟ ଓଟି ରୋଡରେ ବାଇକରେ ଯାଉଥିବା ଜଣେ ବ୍ୟବସାୟୀଙ୍କୁ ୩ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ତାଙ୍କ ଠାରୁ ନଗଦ ଟଙ୍କା ସହ ମୋଟ ୧୦ ଲକ୍ଷ ଟଙ୍କା ମୂଲ୍ୟର ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି।ବିବରଣୀରୁ ପ୍ରକାଶ ଯେ ମହମ୍ମଦ ନଗର ପାଟଣା ପଞ୍ଚାୟତର ନୂଆଗାଁ ଗ୍ରାମର ଚନ୍ଦନ ରଣା ନାମକ ଜଣେ ଯୁବକ ସ୍ଥାନୀୟ ରାଜପୁର ପଞ୍ଚାୟତର ବଳରାମପୁର ଛକରେ ଏକ ଅଳଙ୍କାର ଦୋକାନ କରିଛନ୍ତି। ରବିବାର ରାତି ପ୍ରାୟ ୯ ଟା ସମୟରେ ସେ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ଘର ଠାରୁ ମାତ୍ର କିଛି ଦୂରନୂଆଗାଁ ବସଷ୍ଟପ ନିକଟରେ ଏକ ବାଇକରେ ୩ ଜଣ ଯୁବକ ତାଙ୍କୁ ପିଛା କରି ଅଟକାଇଥିଲେ। ବନ୍ଧୁକ ଦେଖାଇ ତାଙ୍କ ବାଇକର ଡିକି ଭାଙ୍ଗି ନଗଦ ଟଙ୍କା ଓ ଅଳଙ୍କାର ଲୁଟି ନେଇ ୧୬ ନମ୍ବର ଜାତୀୟ ରାଜପଥ ଆଡ଼କୁ ପଳାଇଥିଲେ। ଏହି ସମୟରେ ଅନ୍ୟ ଜଣେ ବାଇକ୍ ଆରୋହୀ ଏହି ଦୁର୍ବୃତ୍ତମାନଙ୍କୁ ପିଛା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ଦ୍ରୁତ ଗତିରେ ବସ୍ତା ଆଡ଼କୁ ପଳାଇଥିଲେ। ଜଳେଶ୍ୱର ଓ ବସ୍ତା ପୁଲିସ ଏହି ଲୁଟେରାମାନଙ୍କୁ ଧରିବା ପାଇଁ ଉଦ୍ୟମ କରୁଥିବା ଜଣା ପଡ଼ିଛିଛ ଚନ୍ଦନ ଏନେଇ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ସ୍କୁଲ ପାଇଖାନା ଛାତଖସି ୨ଛାତ୍ର ଗୁରୁତର

ପାଟଣା, (ସବ୍ୟୁ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ମକ୍ତବ ସ୍କୁଲ ପାଇଖାନା ଛାତ ପଡି ୨ ଛାତ୍ର ଗୁରୁତର ହୋଇଥିବା ଜଣାଯାଇଛି। ସୂଚନା ଅନୁଯାୟୀ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ମହାନ୍ତ ଛାତ୍ରଙ୍କୁ ପାଇଖାନା ଘର ସଫା କରୁଥିବା ସମୟରେ ଛାତ ଖସି ପଡି ୨ଛାତ୍ର ଗୁରୁତର ହୋଇଛନ୍ତି ।ଗୁରୁତର ୨ ଜଣ ଛାତ୍ର ସନ୍ତୋଷ କାରୁଆ ଓ ରାଜା ନାଏକଙ୍କୁ ନେଇ ପାଇଖାନା ଘର ସଫା କରୁଥିବା ସମୟରେ ପାଇଖାନା ଛାତ ଖସି ପଡି ଥିଲା। କିଛି ସ୍ଥାନୀୟ ଲୋକେ ୨ଜଣଙ୍କୁ ଛାତ ଭିତରୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ।ପାଟଣା ମେଡିକାଲରେ ଛାତ୍ର ଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଏ ନେଇ ମକ୍ତବ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ମହାନ୍ତ ଙ୍କୁ ପଚାରି ବାରୁ ସେ କିଛି ପ୍ରତିକ୍ରିୟା ଦେଇ ନଥିଲେ। ଏ ନେଇ ପାଟଣା ବିଇଓ ପୂର୍ଣଚନ୍ଦ୍ର ଅମାନ୍ତ ୨୪ ଘଣ୍ଟା ମଧ୍ୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି।। ଏହାପରେ ପାଟଣା କେନ୍ଦେଇପଶି ରାସ୍ତା ରୋକ ହୋଇଥିଲା।ଏହି ଖବର ପାଇ ପାଟଣା ପୋଲିସ ପହଁଞ୍ଚି ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଲୋକ ମାନଙ୍କୁ ବୁଝାସୁଝା କରିବା ସହ ରାସ୍ତା ରୋକ ହଟିଥିଲା। ବିଜେପି ଦଳର ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ସବୀର ଦାଶ୍ ପହଁଞ୍ଚି ପରିସ୍ଥିତି ପରଖି ଥିଲେ।

# ସନ୍ଥ ଶିରୋମଣି ଆଚାର୍ଯ୍ୟ ଶ୍ରୀ ବିଦ୍ୟାସାଗରଜୀଙ୍କୁ ପ୍ରଣାମ

ସନ୍ଥ ଶିରୋମଣି ଆଚାର୍ଯ୍ୟ ଶ୍ରୀ ୧୦୮ ବିଦ୍ୟାସାଗରଜୀ ମହାରାଜଜୀ ଆମମାନଙ୍କୁ ଦୁଃଖସାଗରରେ ଭସାଇ ନିକଟରେ ସମାଧି ଲାଭ କରିଛନ୍ତି। ଆଚାର୍ଯ୍ୟଜୀଙ୍କ ଜୀବନ ପ୍ରଚଣ୍ଡ ପଞ୍ଜା, ଅସୀମ ଅନୁକମ୍ପା ପ ମାନବ ସମାଜର ଉତ୍ଥାନ ପାଇଁ ଅତୁଟ ପ୍ରତିବଦ୍ଧତାରେ ସଦାସର୍ବଦା ପରିପୂର୍ଣ୍ଣ ରହିଥିଲା। ଅନେକ ବାର ତାଙ୍କ ଆଶୀର୍ବାଦ ଲାଭ କରିବାର ସୌଭାଗ୍ୟ ମତେ ପ୍ରାପ୍ତ ହୋଇଛି। ତେଣୁ ତାଙ୍କ ତିରୋଧାନରେ ମୋର ପ୍ରଭୂତ କ୍ଷତି ହୋଇଛି ଏବଂ ମୋତେ ଆଗକୁ ଆଲୋକବର୍ତ୍ତିକା ଭଳି ପଥ ପ୍ରଦର୍ଶନ କରୁଥିବା ଜଣେ ପ୍ରିୟ ଗୁରୁଙ୍କୁ ହରାଇବା ପରି ମୁଁ ଅନୁଭବ କରୁଛି। ମୋ ପରି ଅସଂଖ୍ୟ ଆତ୍ମାଙ୍କ ପାଇଁ ସେ ଥିଲେ ମାର୍ଗଦର୍ଶକ। ତାଙ୍କ ସ୍ନେହ, ଉଷ୍ମତା ପ ଆଶୀର୍ବାଦ କେବଳ ଶୁଭେଚ୍ଛା ନଥିଲା। ଏହା ସମସ୍ତଙ୍କୁ ପ୍ରଭୂତ ଆଧାତ୍ମିକ ଶକ୍ତି ପ୍ରଦାନ କରୁଥିଲା। ଯେଉଁମାନେ ଆଚାର୍ଯ୍ୟ ଶିରୋମଣିଙ୍କ ସଂସ୍ପର୍ଶରେ ଆସିଛନ୍ତି, ସେମାନେ ଏହି ଅସୀମ ଶକ୍ତି । ପ୍ରେରଣାକୁ ଅବଶ୍ୟ ଅନୁଭବ କରିଥିବେ। ପୂଜ୍ୟ ଆଚାର୍ଯ୍ୟଜୀ ସଦାବେଳେ ଜ୍ଞାନ, ସମ୍ବେଦନା । ସେବାର ତ୍ରିବେଣୀ ସଂଗମ ରୂପରେ ସମସ୍ତଙ୍କ ସ୍ମୃତିରେ ରହିଥିବେ।

ପ୍ରକୃତରେ ସେ ଥିଲେ ଜଣେ ତପସ୍ୱୀ । ତାଙ୍କ ଜୀବନ ଭଗବାନ ମହାବୀରଙ୍କ ଆଦର୍ଶର ଏକ ନାନୁକରଣୀୟ ଉଦାହରଣ ଥିଲା। ତାଙ୍କର ପ୍ରତିଟି କର୍ମରେ ଜୈନଧର୍ମର ମୂଳ ନୀତି ପ୍ରତିଫଳିତ ହେଉଥିଲା। ନିଜ ବଚନ ପ ଜ୍ଞାନ ବିତରଣରେ ତାହା ପରିଲକ୍ଷିତ ହେଉଥିଲା। ସଂସାରର ପ୍ରତ୍ୟେକ ପ୍ରାଣୀଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଜୈନଧର୍ମର ପ୍ରତିଟି ଜୀବଙ୍କ ପ୍ରତି ସମ୍ମାନର ପ୍ରତିଫଳନ ବୋଲି କୁହାଯାଇପାରେ। ସେ ସତ୍ୟର ଜୀବନ ବଞ୍ଚୁଥିଲେ- ଏହା ମଧ୍ୟ ଜୈନଧର୍ମର ଚିନ୍ତନ, କଥନ । କାର୍ଯ୍ୟର ସାଧୁତାକୁ ପ୍ରମାଣିତ କରେ। ତାଙ୍କ ଜୀବନଶୈଳୀ ଥିଲା ସରଳ। ତାଙ୍କ ଭଳି ମହାନ ସନ୍ଥଙ୍କ ପାଇଁ ହିଁ ଜୈନଧର୍ମ । ଭଗବାନ ମହାବୀରଙ୍କ ଭଳି ଦିବ୍ୟାତ୍ମାଙ୍କ ପ୍ରତି ସମଗ୍ର ବିଶ୍ୱର ଶ୍ରଦ୍ଧା । ସମ୍ମାନ ବୃଦ୍ଧି ପାଇଚାଲିଛି। ଜୈନବାଦ ଶୃଙ୍ଖଳାରେ ସେ ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଥିଲେ ସତ, କିନ୍ତୁ ତାହା କେବଳ ସେହି

### ଶ୍ରୀ ବିଦ୍ୟାସାଗରଜୀଙ୍କୁ ଶ୍ରଦ୍ଧାଞ୍ଜଳି

ଗୋଷ୍ଠୀ ମଧ୍ୟରେ ସୀମିତ ନଥିଲା। ବରଂ ତାଙ୍କ ସତ୍ୟନିଷ୍ଠ ବ୍ୟକ୍ତିତ୍ୱର ପ୍ରଭାବ । ବ୍ୟାପ୍ତି ସମଗ୍ର ମାନବ ସମାଜ ଉପରେ ପଡ଼ିଥିଲା। ସବୁ ଧର୍ମ, ଆସ୍ଥା, ସଂସ୍କୃତିର ଲୋକମାନେ ତାଙ୍କ ନିକଟକୁ ଆସୁଥିଲେ ଏବଂ ସେମାନଙ୍କ ମନରେ ବିଶେଷ ଭାବରେ ଯୁବଗୋଷ୍ଠୀଙ୍କ ହୃଦୟରେ ଆଧାତ୍ମିକ ଚେତନା ଜାଗ୍ରତ ନିମନ୍ତେ ସେ ଅବିଶ୍ରାନ୍ତ ଭାବେ ସଦାବେଳେ ତତ୍ପର ଥିଲେ।

ଶିକ୍ଷା ଥିଲା ସନ୍ଥ ମହାରାଜଙ୍କର ସବୁଠାରୁ ବଳି ପ୍ରିୟ ଏବଂ ହୃଦୟର ନିକଟତର। ବିଦ୍ୟାଧର (ତାଙ୍କର ବାଲ୍ୟକାଳର ନାମ) ଠାରୁ ବିଦ୍ୟାସାଗର ପର୍ଯ୍ୟନ୍ତ ତାଙ୍କର ଯାତ୍ରା କେବଳ ଜ୍ଞାନ ଆହରଣ । ଜ୍ଞାନ ବିତରଣ ସକାଶେ ହିଁ ସମର୍ପିତ ଥଲା। ତାଙ୍କର ଅତୁଟ ବିଶ୍ୱାସ ଥିଲା ଯେ କେବଳ ଶିକ୍ଷାଦ୍ୱାରା ହିଁ ଏକ ଉଚିତ ଏବଂ ପ୍ରଜ୍ଞାଦୀପ୍ତ ସମାଜ ଗଠନ କରାଯାଇପାରିବ। ତେଣୁ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଶକ୍ତ କରିବା ନିମନ୍ତେ ସେ ଜ୍ଞାନକୁ ସାଧନ ରୂପେ ଉପଯୋଗ କରିବା ଉପରେ ପ୍ରାଧାନ୍ୟ ଦେଉଥିଲେ। ଏହାଦ୍ୱାରା ସେ ସମସ୍ତଙ୍କୁ ଏକ ଉଦ୍ଦେଶ୍ୟପୂର୍ଣ୍ଣ ପ ସମାଜ ପ୍ରତି ସମର୍ପିତ ଜୀବନ ବଞ୍ଚିବାକୁ ପ୍ରେରଣା ଯୋଗାଉଥିଲେ । ତାଙ୍କ ଶିକ୍ଷାରେ ସେ ସ୍ୱା-ଧ୍ୟାୟ ପ ଆତ୍ମ-ସଚେତନତାକୁ ହିଁ ବାସ୍ତବ ପ୍ରଜ୍ଞା ପ୍ରାପ୍ତିର ମାର୍ଗ ରୂପେ ଗ୍ରହଣ କରିବାକୁ ସେ ପରାମର୍ଶ ଦେଉଥିଲେ। ତେଣୁ ସେ ନିଜର ଅନୁଗାମୀମାନଙ୍କୁ ଆଜୀବନ ଜ୍ଞାନାନୁସନ୍ଧାନୀ ଏବଂ ଆଧାତ୍ମିକ ବିକାଶ ମାର୍ଗରେ ପଥିକ ହେବା ଲାଗି ଉପଦେଶ ଦେଉଥିଲେ । ଏହା ସହିତ ସନ୍ଥ ଶିରୋମଣି ଆଚାର୍ଯ୍ୟ ବିଦ୍ୟାସାଗରଜୀ ମହାରାଜଜୀ ଆମର ଯୁବଗୋଷ୍ଠୀଙ୍କ ଉପଯୁକ୍ତ ଶିକ୍ଷା ପ୍ରାପ୍ତି ନିମନ୍ତେ ପ୍ରବର୍ତ୍ତାଉଥିଲେ। ବାସ୍ତବ ଶିକ୍ଷା ଆମର ସାଂସ୍କୃତିକ ଚିନ୍ତାଧାରାରେ ନିହିତ ରହିଛି ବୋଲି ମତ ପୋଷଣ କରୁଥିଲେ। ଆମେ ଅତୀତର ସାଂସ୍କୃତିକ ବୈଠକ ଏବଂ ଶିକ୍ଷାଠାରୁ ଦୂରେଇ ଯାଉଥିବା ହେତୁ ଏବେ ଜଳସଂକଟର ସମାଧାନ ସୂତ୍ର ଖୋଜି ପାଇବାକୁ ଅସମର୍ଥ ହୋଇଛୁ। ସାମଗ୍ରିକ ଶିକ୍ଷା ଜଣେ ବିଦ୍ୟାର୍ଥୀକୁ କୁଶଳୀ ପ ସୃଜନଶୀଳ କରିଥାଏ ବୋଲି ତାଙ୍କର ଦୃଢ଼ ଯୁକ୍ତି ଥିଲା। ଭାରତର ଭାଷାଭିତ୍ତିକ ବିବିଧତାକୁ ନେଇ ସେ ସଦାସର୍ବଦା ଗର୍ବ । ଗୌରବ ଅନୁଭବ କରୁଥିଲେ ଏବଂ ଭାରତୀୟ ଭାଷା ଅଧ୍ୟୟନ ସକାଶେ ଯୁବବର୍ଗଙ୍କୁ ପରାମର୍ଶ ଦେଉଥିଲେ। ପୂଜ୍ୟ ଆଚାର୍ଯ୍ୟଜୀ ସ୍ୱୟଂ ସଂସ୍କୃତ, ପ୍ରଭୃତି ହିନ୍ଦୀରେ ବ୍ୟାପକ ଗ୍ରନ୍ଥ ରଚନା କରିଛନ୍ତି। ଜଣେ ମୁନି ଭାବେ ସେ ସୁଉଚ୍ଚ ଶିଖରରେ ପହଞ୍ଚିଥିଲେ, ତଥାପି ସଦାବେଳେ ସେ ଥିଲେ ଆଭୂମି। ତାଙ୍କର ଚର୍ଚ୍ଚିତ ପୁସ୍ତକ ମୂକମାଟିରୁ ଏହା ସୁସ୍ପଷ୍ଟ । ନିଜର କାର୍ଯ୍ୟାବଳୀ ମାଧ୍ୟମରେ ସେ ଅବହେଳିତ ଲୋକମାନଙ୍କୁ ସ୍ୱର ପ୍ରଦାନ କରିବାରେ ସକ୍ଷମ ହୋଇଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ପୂଜ୍ୟ ଆଚାର୍ଯ୍ୟଜୀଙ୍କ ଅବଦାନ ଥିଲା ଯୁଗାନ୍ତକାରୀ ପରିବର୍ତ୍ତନକାରୀ । ସେ ଅନେକ ଲୋକହିତକର କାର୍ଯ୍ୟକ୍ରମ ସହିତ ଏକାଧାରରେ ସଂଶ୍ଳିଷ୍ଟ ଥିଲେ। ବିଶେଷକରି ଅବହେଳିତ କ୍ଷେତ୍ରର ବିକାଶ କର୍ମରେ ସେ ଓତପ୍ରୋତ ଭାବରେ ଜଡ଼ିତ ରହିଥିଲେ। ସ୍ୱାସ୍ଥ୍ୟସେବା ପ୍ରତି ତାଙ୍କର ଆଭିମୁଖ୍ୟ ଥିଲା ସାମଗ୍ରିକ। ସମନ୍ୱିତ ଶାରୀରିକ ନିରାମୟତା ସହିତ ଆଧାତ୍ମିକ କଲ୍ୟାଣ ଏଥିରେ ସାମିଲ ଥିଲା। ତେଣୁ ଜଣେ ବ୍ୟକ୍ତିର ସକଳ ପ୍ରକାର ଆବଶ୍ୟକତା ପୂରଣ ଦିଗରେ ସେ ପ୍ରୟାସୀ ଥିଲେ। ଆଗାମୀ ପିଢ଼ିଙ୍କୁ ମୁଁ ବିଶେଷ ଭାବରେ ନିବେଦନ କରିବି ଯେ, ସନ୍ଥ ଶିରୋମଣି ଆଚାର୍ଯ୍ୟ ବିଦ୍ୟାସାଗରଜୀ ମହାରାଜଜୀଙ୍କ

ରାଷ୍ଟ୍ର ନିର୍ମାଣ ପ୍ରତି ଥିବା ପ୍ରତିବଦ୍ଧତା ସମ୍ପର୍କରେ ବ୍ୟାପକ ମାତ୍ରାରେ ଅଧ୍ୟୟନ କରନ୍ତୁ। ସନ୍ଥଜୀ ସଦାସର୍ବଦା ନିବେଦନ



ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ

କରୁଥିଲେ ଯେ ପକ୍ଷପାତପୂର୍ଣ୍ଣ ବିଚାରଧାରାଠାରୁ ଦୂରେଇ ରହିବା ଆବଶ୍ୟକ ଏବଂ ଜାତୀୟ ସ୍ୱାର୍ଥ ପାଇଁ ଧ୍ୟାନକେନ୍ଦ୍ରିତ କରିବା ଉଚିତ । ଭୋଟଦାନର ସେ ଥିଲେ ଜଣେ ଦୃଢ଼ ପ୍ରବକ୍ତା, କାରଣ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ । ମତପୋଷଣ କରିବାର ଏହା ହେଉଛି ସବୁଠାରୁ ବଡ଼ ସାଧନ। ଏକ ସୁସ୍ଥ । ସ୍ୱଚ୍ଛ ରାଜନୈତିକ ବ୍ୟବସ୍ଥା ପାଇଁ ମଧ୍ୟ ସେ ଦୃଢ଼ ଯୁକ୍ତି ଉପସ୍ଥାପନ କରୁଥିଲେ । ସରକାରଙ୍କର ସବୁ ନୀତି ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ହେବା ଉଚିତ ବୋଲି ତାଙ୍କର ବଳିଷ୍ଠ ମତ ଥିଲା। ଏହା କୌଣସି ଆତ୍ମସ୍ୱାର୍ଥ ପାଇଁ ନୁହେଁ (ଲୋକନୀତି, ଲୋକସଂଗ୍ରହ ପାଇଁ ଉଦ୍ଦିଷ୍ଟ, ଲୋକସଂଗ୍ରହ ପାଇଁ ନୁହେଁ)। ସେ ବିଶ୍ୱାସୀ ଥିଲେ ଯେ, ନାଗରିକମାନେ ସେମାନଙ୍କର କର୍ତ୍ତବ୍ୟ ନିଜ ପାଇଁ, ନିଜ ପରିବାର ପାଇଁ, ସମାଜ ପ ରାଷ୍ଟ୍ର ପାଇଁ ନିଷ୍ଠାବାନ ରହିଲେ ରାଷ୍ଟ୍ରର ଭିତ୍ତି ସୁଦୃଢ଼ ହୋଇପାରିବ। ତେଣୁ ପ୍ରତ୍ୟେକ ବ୍ୟକ୍ତି ସାଧୁତା, ନିଷ୍ଠାବାନ । ଆତ୍ମନିର୍ଭରଶୀଳ ହେବା ସକାଶେ ସେ ପରାମର୍ଶ ଦେଉଥଲେ । ତାହା ଏକ ଉଚିତ, ସମ୍ବେଦନଶୀଳ ତଥା ପ୍ରଗତିଶୀଳ ସମାଜ ଗଠନରେ ସହାୟକ ହୋଇପାରିବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିଲା। ଆମେ ଏବେ ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରୁଥିବାବେଳେ ସନ୍ଥ ଶିରୋମଣି ଶ୍ରୀ ବିଦ୍ୟାସାଗରଜୀଙ୍କର ଏଭଳି ଉପଦେଶ ବିଶେଷ ଗୁରୁତ୍ୱ ବହନ କରେ । ସାରା ବିଶ୍ୱରେ ଅଧୁନା ଯେତେବେଳେ ପାରିବେଶିକ ଅବକ୍ଷୟ ବ୍ୟାପକ ମାତ୍ରାରେ ଘଟିଚାଲିଛି, ସେତେବେଳେ ପୂଜ୍ୟ ଆଚାର୍ଯ୍ୟଜୀ ପ୍ରକୃତି ପ୍ରତି ଆମେ ସଭିଏଁ ଯେପରି ସାମାନ୍ୟତମ କ୍ଷତି ନପହଞ୍ଚାଇବା ସେଥିପ୍ରତି ସଦାସର୍ବଦା ସଚେତନ ରହିବାକୁ ସେ କହୁଥିଲେ। ଆମ ଅର୍ଥନୀତିରେ କୃଷିର ଭୂମିକା ଉପରେ ସେ ଗୁରୁତ୍ୱାରୋପ କରୁଥିଲେ ଏବଂ ଏଥିସହିତ

କୃଷିକୁ ଆଧୁନିକ ପ ପୋଷଣୀୟ କରିବା ନିମନ୍ତେ ପରାମର୍ଶ ଦେଉଥିଲେ । ଜେଲ୍‌ର ଅନ୍ତେବାସୀଙ୍କ ପାଇଁ ତାଙ୍କ ସଂସ୍କାର ପରାମର୍ଶ ମଧ୍ୟ ଥିଲା ଗୁରୁତ୍ୱପୂର୍ଣ୍ଣ। ଆମ ଭୂମିର ସୌନ୍ଦର୍ଯ୍ୟ ଅତୁଲ୍ୟ ଏବଂ ତାହା ହଜାର ହଜାର ବର୍ଷ ଧରି ଅତୁଟ ରହିଆସିଛି। ଆମ ଭୂମି ଅସଂଖ୍ୟ ମହାପୁରୁଷଙ୍କ ଜନ୍ମ ଦେଇଛି, ଯେଉଁମାନେ ସମାଜକୁ ଉତ୍ତମ ରୂପେ ଗଢ଼ିବା ସହ ଆଲୋକବର୍ତ୍ତିତା ସାଜିଛନ୍ତି। ସେହିଭଳି ସନ୍ଥ । ସମାଜ ସଂସ୍କାରକଙ୍କ ସୂଚୀରେ ପୂଜ୍ୟ ଆଚାର୍ଯ୍ୟଜୀ ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ରୂପେ ବିଦ୍ୟମାନ। ସେ ଯାହାକିଛି କରୁଥିଲେ । ତାହା କେବଳ ବର୍ତ୍ତମାନ ପାଇଁ ନୁହେଁ, ଭବିଷ୍ୟତ ପାଇଁ ମଧ୍ୟ ଅଭିପ୍ରେତ ଥିଲା। ଗତବର୍ଷ ନଭେମ୍ବର ମାସରେ, ଛତିଶଗଡ଼ର ଡୋଙ୍ଗରଗଡ଼ ସ୍ଥିତ ଚନ୍ଦ୍ରଗିରି ଜୈନ ମନ୍ଦିର ପରିଦର୍ଶନର ସୌଭାଗ୍ୟ ମୋତେ ମିଳିଥିଲା। ସେତେବେଳେ କିନ୍ତୁ ମୁଁ ସାମାନ୍ୟତମ ଆଭାସ ସୁଦ୍ଧା ପାଇନଥିଲି ଯେ, ପୂଜ୍ୟ ଗୁରୁଜୀଙ୍କ ସହ ତାହା ଥିଲା ମୋର ଅନ୍ତିମ ସାକ୍ଷାତ। ସେ ମୁହୂର୍ତ୍ତ, ବିଶେଷ ମହତ୍ତ୍ୱ ବହନ କରିଥିଲା। ଦୀର୍ଘ ସମୟ ଧରି ସେ ମୋ ସହ ବାର୍ତ୍ତାଳାପ କରିଥିଲେ। ରାଷ୍ଟ୍ର ନିର୍ମାଣ ପାଇଁ ମୋର ପ୍ରୟାସକୁ ଆଶୀର୍ବାଦ ଦେଉଥିଲେ। ଆମ ଦେଶର ପ୍ରଗତି ପ ସମଗ୍ର ବିଶ୍ୱରେ ଏହା ପାଉଥିବା ସମ୍ମାନ ପାଇଁ ସେ ତାଙ୍କର ସନ୍ତୋଷ ବ୍ୟକ୍ତ କରିଥିଲେ। ସେ ଯେଉଁସବୁ କାର୍ଯ୍ୟ କରୁଥିଲେ ସେକଥା କହିଲାବେଳେ ଆନନ୍ଦରେ ଗଦ୍‌ଗଦ୍ ହୋଇ ଉଠୁଥିଲେ। ସେତେବେଳେ । ସଦାବେଳେ ତାଙ୍କର ସେଇ ନିରୀହ ଦୃଷ୍ଟି, ପ୍ରଶାନ୍ତ ସ୍ମିତହାସ୍ୟ ପ୍ରତ୍ୟେକଙ୍କ ମନରେ ଶାନ୍ତି ଉତ୍ସାହ ଭରିଦେବା ପାଇଁ ପର୍ଯ୍ୟାପ୍ତ । ତାଙ୍କ ଆଶୀର୍ବାଦ ଥିଲା ହୃଦୟକୁ ଶାନ୍ତ କରିବା ଭଳି ଅଞ୍ଜନ ସଦୃଶ, ଯାହାକି ତାଙ୍କ ଭିତରେ ଚତୁଃପାର୍ଶ୍ୱରେ ଏକ ଦିବ୍ୟ ବାତାବରଣକୁ ପ୍ରତିପାଦିତ କରୁଥିଲା। ସନ୍ଥ ଶିରୋମଣି ଆଚାର୍ଯ୍ୟ ଶ୍ରୀ ୧୦୮ ବିଦ୍ୟାସାଗରଜୀ ମହାରାଜଜୀଙ୍କ ଅବର୍ତ୍ତମାନରେ ସ୍ପଷ୍ଟ ଶୂନ୍ୟତା ସଭିଏଁ ଗଭୀର ଭାବେ ଅନୁଭବ କରୁଛନ୍ତି । ଯେଉଁମାନେ ତାଙ୍କୁ ଜାଣିଥିଲେ ସେମାନେ ତାଙ୍କର ଶିକ୍ଷା ଜୀବନ ଦ୍ୱାରା ଅନୁପ୍ରାଣୀତ। ଯେଉଁ ଅସଂଖ୍ୟ ଲୋକଙ୍କୁ ସେ ପ୍ରଭାବିତ କରିଥିଲେ ସେମାନଙ୍କ ହୃଦୟରେ ସନ୍ଥ ଶିରୋମଣି ଆଚାର୍ଯ୍ୟଜୀ ସଦାସର୍ବଦା ବିରାଜମାନ ରହିଛନ୍ତି। ତାଙ୍କ ସ୍ମୃତିକୁ ସମ୍ମାନ ପ୍ରଦର୍ଶନପୂର୍ବକ, ସେ ଯେଉଁ ଆଦର୍ଶରେ ଜୀବନ ବଞ୍ଚିଥିଲେ ପ ସମସ୍ତଙ୍କୁ ପରାମର୍ଶ ଦେଉଥିଲେ, ତାକୁ ସଭିଏଁ ଆହରଣ ପାଇଁ ସଂକଳ୍ପବଦ୍ଧ ହେବା। ତଦ୍ୱାରା କେବଳ ଏହି ମହାନ ଆତ୍ମାଙ୍କ ପ୍ରତି ଆମର ଉପଯୁକ୍ତ ପ ଯଥାର୍ଥ ଶ୍ରଦ୍ଧାଞ୍ଜଳି ହେବନାହିଁ, ଅପରପକ୍ଷେ ଆମ ରାଷ୍ଟ୍ର ପ ଲୋକମାନଙ୍କୁ ଆଗକୁ ଆଗେଇ ନେବା ସକାଶେ ତାଙ୍କ ଅଭିଯାନ ମଧ୍ୟ ସାକାରିତ ହୋଇପାରିବ ।

## କମ୍ୟୁନିଟି ସେଣ୍ଟର ନିର୍ମାଣ ବେଳେ ୱାର୍ଡ ମେମ୍ବରକୁ ନିସ୍ଠୁକ ମାଡ

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ବ୍ଲକର ବରଣ୍ଡୁଆ ପଂଚାୟତର ମଧୁସୂଦନପୁର ଗ୍ରାମର କମ୍ୟୁନିଟ ସେଣ୍ଟର ନିର୍ମାଣ ବେଳେ ଏକ ନମ୍ବର ୱାର୍ଡ ମେମ୍ବର ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କୁ ନିସ୍ଠୁକ ମାଡ ମାରିଥିବାର ଭିଡିଓ ଭାଇରାଲ ହେଉଛି। ୱାର୍ଡ ମେମ୍ବର ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବରଣ୍ଡୁଆ ପଂଚାୟତର ଆମ ଓଡିଶା ନବୀନ ଓଡିଶା ଯୋଜନାରେ ମଧୁସୂଦନପୁର ଗ୍ରାମର ୨ ଲକ୍ଷ ୫୦ ହଜାର ଟଙ୍କାର କମ୍ୟୁନିଟ ସେଣ୍ଟର ନିର୍ମାଣ ପାଇଁ ବିଭାଗୀୟ କାର୍ଯ୍ୟାଦେଶରେ ନିର୍ମାଣ ଚାଲିଛି। ମଧୁସୂଦନପୁର ମୌଜାର ଖାତାର ନମ୍ବର-୧୨୯ ଗୋଚର ଜାଗାରେ କମ୍ୟୁନିଟ ସେଣ୍ଟର କରିବା ପାଇଁ ତହସିଲଦାର ଫିଜିବିଲିଟ ରିପୋର୍ଟ ପ୍ରଦାନ କରି ଅମିନ ମାପି ଜାଗା ଚିହ୍ନଟ କରି ନିର୍ମାଣ କରିବା ପାଇଁ ଅନୁମତି ପ୍ରଦାନ କରିଥିଲେ। ଏହି ଜାଗାର କମ୍ୟୁନିଟ ସେଣ୍ଟର ନିର୍ମାଣ ହୋଇ ଛାତ ଲେବୁଲ ପର୍ଯ୍ୟନ୍ତ ଗଲାଣି। କମ୍ୟୁନିଟ ସେଣ୍ଟର ପଛକୁ ଜାଗା ମାଲିକ ଉପେନ୍ଦ୍ର ସାହୁ ଓ ଚଗୁଲୁ ସାହୁ ଆଜି ବିରୋଧ କରିଥିଲେ। କାମ ଦେଖିବାକୁ ଆସିଥିବା ମେମ୍ବର ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ସହିତ ପାଟିତୁଣ୍ଡ ହୋଇଥିଲା। ଶେଷରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବାରୁ ଦୁଇ ଭାଇ ଉପେନ୍ଦ୍ର,ପ୍ରିତମ,ଚଗୁଲୁ ସହିତ ଆରତୀ ସାହୁ ମରାତ୍ମକ ଆକ୍ରମଣ କରି ମାରିଦେବକୁ ଘୋଷାଡି ଘୋଷାଡି ନେଇଥିଲେ । ଚିତ୍କାର ଶୁଣି ପାଖ ଲୋକମାନେ ଦୌଡି ଆସି ବିରୋଧ କରିବାରୁ ସୁରେଶକୁ ଛାଡି ଦେଇଥିଲେ। ଏହାକୁ ନେଇ ଦୁଇ ଗୋଷ୍ଠି ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଖବର ପାଇ ପୋଲିସ ଘଟଣା ସ୍ଥଳକୁ ଯାଇଛି। ବରଣ୍ଡୁଆ ପଂଚାୟତର ମଧୁସୂଦନପୁର ମୌଜାର ଖାତାର ନମ୍ବର-୧୨୯ ଗୋଚର ଜାଗା ଭଦ୍ରକ ଜିଲ୍ଲାର ହୋଇଥିବାବେଳେ ପଛ ପ୍ଲଟ ଉପେନ୍ଦ୍ର ସାହୁଙ୍କର ବାଲେଶ୍ୱର ଜିଲ୍ଲାର ବୋଲି ଜଣାଯାଇଛି। ୱାର୍ଡ ମେମ୍ବର ସୁରେଶ ଚନ୍ଦ୍ର ପାଣିଗ୍ରାହୀ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ବିସିଇଟିର ବାର୍ଷିକ ଯୁବ ମହୋତ୍ସବ କରିସ୍ମା ଉଦ୍‌ଯାପିତ



ବାଲେଶ୍ୱର, (ସବ୍ୟୁ) : ମଙ୍ଗଳବାର ସେରଗଡ଼ସ୍ଥିତ ବାଲେଶ୍ୱର କଲେଜ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ବିସିଇଟି)ର ବାର୍ଷିକ ଯୁବ ମହୋତ୍ସବ କରିସ୍ମା- ୨୦୨୪ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି । ଆଜିର ଉଦ୍‌ଯାପନୀ ଉତ୍ସବ ସଭା ପ୍ରାରମ୍ଭରେ ଅନୁଷ୍ଠାନର ଅଧ୍ୟାପିକା ଶ୍ରୀବିଦ୍ୟାବେଦସ୍ନାତା ଅତିଥିମାନଙ୍କୁ ମଂଚ ଆହ୍ୱାନ କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ଡଃ ଶରତ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ, ଅଧ୍ୟକ୍ଷ ଡଃ ଶିବେନ୍ଦ୍ର କୁମାର ଘଡ଼ାଇ ଅନୁଷ୍ଠାନର ୨୦୨୩-୨୪ ଶିକ୍ଷାବର୍ଷର ବାର୍ଷିକ ବିବରଣୀ ପାଠ କରିଥିଲେ । ଖଡ଼ଗପୁର ସ୍ଥିତ ଆଇଆଇଟିର ମେଟୋଲୋଜିକାଲ ଏଣ୍ଡ ମେଟେରିଆଲ ଇଞ୍ଜିନିୟରିଂ ବିଭାଗର ପ୍ରାଧ୍ୟାପକ ତଥା ମୁଖ୍ୟବକ୍ତା ପ୍ରଫେସର ସିଦ୍ଧାର୍ଥ ଦାସ ଛାତ୍ରଛାତ୍ରୀମାନଙ୍କୁ ଦକ୍ଷ ଇଞ୍ଜିନିୟର ହେବା ପାଇଁ ଆହ୍ୱାନ ଦେଇଥିଲେ । ଖଡ଼ଗପୁର ସ୍ଥିତ ଆଇ.ଆଇ.ଟି.ର ମେଟୋଲୋଜିକାଲ ଏଣ୍ଡ ମେଟେରିଆଲ ଇଞ୍ଜିନିୟରିଂ ବିଭାଗର ପୂର୍ବତନ ପ୍ରାଧ୍ୟାପକ ତଥା ସମ୍ମାନିତ ଅତିଥି ଡଃ ଶରତ କୁମାର ପାଣିଗ୍ରାହୀ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପରିଚାଳନା ପରିଷଦର ଉପସଭାପତି ଅଭିଷେକ କୁମାର ବିଶ୍ୱାଳ ଏବଂ ସହ ଉପସଭାପତି ରାଜଶ୍ରୀ ସ୍ୱାଇଁ ସମ୍ମାନିତ ଅତିଥି ଓ ମୁଖ୍ୟ ବକ୍ତାଙ୍କୁ ସମ୍ବର୍ଦ୍ଧିତ କରିବାସହ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଭବିଷ୍ୟତ ଗଠନ ଦିଗରେ ନିଜସ୍ୱ ମତପୋଷଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ବିସିଇଟିର ପୂର୍ବତନ ଛାତ୍ର ତଥା ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ସୁଜୀତ ଭୋଇ ଓ ତୃତୀୟ ବାର୍ଷିକୀ ଇଂ. ରେହେମାନ ସଂଗୀତ ପରିବେଷଣ କରିଥିଲେ । କ୍ରୀଡ଼ା ନୃତ୍ୟ ଗୀତ, ଚିତ୍ରାଙ୍କନ, କୁଇଜ୍, ସାହିତ୍ୟ ଆଦି କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । କ୍ରିକେଟରେ ଡ୍ରିମ୍ସୱାରିୟର ଚମ୍ପିୟାନ ଓ ବଜରଙ୍ଗୀ-ଇଲେଭେନ୍ ରନର୍ସଅପ୍ ପୁରସ୍କୃତ ହୋଇଥିଲେ । ଏଥି ସହିତ ଏଥେନିକ୍ ୱାକ୍ ଓ ଆଉଟ୍‌ଷ୍ଟାନ୍‌ଡି ଆଚିଭ୍‌ମେଂନଟ୍‌ରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିବାରୁ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳନା ପରିଷଦର ସଭାପତି ଡଃ. ମନ୍ମଥ କୁମାର ବିଶ୍ୱାଳ ଏବଂ ସମ୍ପାଦିକା ସୁବ୍ରତା ବିଶ୍ୱାଳ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଆମ ହସ୍ପିଟାଲ ଯୋଜନାରେ ରୂପାନ୍ତରଣ ଲୋକାର୍ପଣ ଉତ୍ସବ



ପାଞ୍ଚପୀଢ , (ସବ୍ୟୁ) :ରାଜ୍ୟର ୧୫ ଜିଲ୍ଲାରେ ୭୩ ଟି ସରକାରୀ ଚିକିତ୍ସାଳୟକୁ ୫ଟି ଉପକ୍ରମରେ ଆମ ହସପିଟାଲ ଯୋଜନାରେ ରୂପାନ୍ତରଣ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ମଧ୍ୟ ୫ଟି ଉପକ୍ରମରେ ଆମ ହସପିଟାଲ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ରୁପାନ୍ତରିତ କରାଯାଇଛି।କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କରଞ୍ଜିଆ ବିଧାୟିକା ତଥା ମହିଳା ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସୁତାର ଉପସ୍ଥିତ ଥିଲେ। ଏହି ଯୋଜନାରେ ଅନ୍ତର୍ଭୁକ୍ତ ଥିବା ହସ୍ପିଟାଲରେ ଆଇଭିଆର ପଦ୍ଧତିରେ ରୋଗୀ ମାନଙ୍କର ମତାମତ ସଂଗ୍ରହ ବ୍ୟବସ୍ଥା, କର୍ମଚାରୀ ମାନଙ୍କର ମୁହଁ ଚିହ୍ନଟ କରି ବାଓମେଟ୍ରିକ ଉପସ୍ଥାନ ବ୍ୟବସ୍ଥା କରାଯାଇଛ। ତେବେ ଏହି କାର୍ଯ୍ୟକ୍ରମରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଡାଏଲିସିସ୍ କେନ୍ଦ୍ର ମଧ୍ୟ ଉଦଘାଟନ କରାଯାଇଥିଲାଛ ଏହି କାର୍ଯ୍ୟକ୍ରମରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ଡଃ ଅନିତା ସିଂ, ଡଃ ଗୌରାଙ୍ଗ ନାୟକ ଡଃ ମୃତ୍ୟୁଞ୍ଜୟ ମହାନ୍ତ ଡ଼ଃ ଆଦ୍ୟା ସିଂ,ଡଃ ବିରେଶ୍ୱର ଜ୍ୟୋତିଷୀ,ଡ଼ଃ ସୁଲୋଚନା ନାଏକ, ଦେବେନ୍ଦ୍ର ନାଥ ପରିଡ଼ା,କ୍ଷିରେନ୍ଦ୍ର ନାଥ ପତି, ଡ଼ଃ ଗୁଲେଶ ମହାନ୍ତ,ଚିକିତ୍ସାଳୟ ପରିଚାଳିକା ଲିପ୍ସା ରାଜନନ୍ଦିନୀ ମହାପାତ୍ର, ଏକାଉଣ୍ଟାଣ୍ଟ ପ୍ରୀତିଲତା ମହାତୋ,ଆରକେଏସ ସଭ୍ୟ ସର୍ବେଶ୍ୱର ମିଶ୍ର ଓ ଗୌରୀ ଶଙ୍କର ସିହ୍ନା ପ୍ରମୁଖଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

(ଶ୍ରୀମଦ୍‌ଭଗବଦ୍ ଗୀତା ୪/୬)

–ଜ୍ଞାନଯୋଗଃ–

(ଶ୍ରୀଭଗବାନୁବାଚ)

ଅଜୋପି ସନ୍ନବ୍ୟୟାତ୍ମା ଭୂତାନାମୀଶ୍ୱରୋପି ସନ୍
ପ୍ରକୃତିଂ ସ୍ୱାମଧିଷ୍ଠାୟ ସମ୍ଭବାମ୍ୟାତ୍ମମାୟୟା ॥୬॥

( ତୁମେ ଅନାଦି, ତୁମର ଜନ୍ମ କେଉଁଠାରେ ? ଯେ ଅବିନାଶୀ ତାହାର ପୁନର୍ଜନ୍ମ କିପରି ? ମୋର ବହୁତ ଜନ୍ମ ଅତୀତ ହେଲାଣି ବୋଲି କହୁଛ, ତୁମେ ପାପପୁଣ୍ୟହୀନ ଈଶ୍ୱର, ତୁମର ଜୀବଙ୍କ ପରି ପୁନଃ ପୁନଃ ଜନ୍ମ କିପରି ସମ୍ଭବ ? ତେଣୁ କହୁଛନ୍ତି)– ମୁଁ ଯଦିଚ ଜନ୍ମରହିତ, ଅବିନଶ୍ୱର ସ୍ୱଭାବ ଓ ଭୂତମାନଙ୍କର ଈଶ୍ୱର ( କର୍ମର ଅଧୀନତାଶୂନ୍ୟ) ତଥାପି ନିଜର ଶୁଦ୍ଧ ସତ୍ତ୍ୱମାୟା ପ୍ରକୃତିକୁ ଆଶ୍ରୟ କରି ଆତ୍ମମାୟା ପ୍ରଭାବରେ ଆବିର୍ଭୁତ ହୋଇଥାଏ । ॥୬॥

# ନିର୍ବାଚନ ରଣନୀତି

ସାରା ଦେଶରେ ରାଜନୈତିକ ବାତାବରଣ ବଦଳିବାରେ ଲାଗିଛି । ରାଜନୈତିକ ଦଳଗୁଡିକ ନିଜ ନିଜର ରଣନୀତି ପ୍ରସ୍ତୁତ କରିବାରେ ବ୍ୟସ୍ତ । ଏହା ଭିତରେ ଭାରତୀୟ ଜନତା ପାର୍ଟି (ବିଜେପି) ଏହାର ବିସ୍ତୃତ ଜାତୀୟ ପରିଷଦ ବୈଠକ ଆୟୋଜିତ କରିସାରିଛି । ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଭାରତୀୟ ଜନତା ପାର୍ଟି (ବିଜେପି) ପ୍ରତ୍ୟେକ ନୂତନ ଭୋଟରଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ । ସେ କହିଛନ୍ତି, ଆଗାମୀ ୧୦୦ ଦିନ ମଧ୍ୟରେ ଆମ ସମସ୍ତଙ୍କୁ, ପ୍ରତ୍ୟେକ ନୂତନ ଭୋଟର, ପ୍ରତ୍ୟେକ ହିତାଧିକାରୀ, ପ୍ରତ୍ୟେକ ସମ୍ପ୍ରଦାୟର ଲୋକଙ୍କ ନିକଟରେ ପହଞ୍ଚିବାକୁ ପଡିବ । ଆମକୁ ସମସ୍ତଙ୍କ ବିଶ୍ୱାସ ଏବଂ ସମର୍ଥନ ଜିତିବାକୁ ପଡିବ ... । ଦଶ ବର୍ଷର ଶାସନ ତାଙ୍କୁ ଲୋକଙ୍କ ନିକଟତର କରିପାରିଛି । ତୃତୀୟଥର ପାଇଁ ବିଜେପି ନେତୃତ୍ୱାଧୀନ ଏନଡିଏ କ୍ଷମତାକୁ ଫେରିବା ନେଇ ଆଶା ରଖିଛି ଏବଂ ସେହି ଅନୁସାରେ କାର୍ଯ୍ୟ କରିଚାଲିଛି । ଅନ୍ୟପକ୍ଷରେ ବିରୋଧୀ ଦଳଗୁଡିକ ଏକ ହୋଇ ବିଜେପି ବିରୋଧରେ ନିର୍ବାଚନ ଲଢ଼ିବା ନେଇ ପ୍ରଚେଷ୍ଟା ଚଳାଇଥିଲେ । ବର୍ତ୍ତମାନ ସେଥିରେ ଶୀଥିଳତା ଦେଖାଦେଇଛି । ବିରୋଧୀ ମଞ୍ଚ 'ଇ– ଣ୍ଡି–ଆ' ର ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ । କଂଗ୍ରେସ ନେତା ରାହୁଲ ଗାନ୍ଧି କିନ୍ତୁ ଭାରତ ନ୍ୟାୟ ଯାତ୍ରା ମଧ୍ୟରେ ଲୋକଙ୍କ ପାଖରେ ପହଞ୍ଚି, ଲୋକଙ୍କ ନିକଟତର ହେବାପାଇଁ ପ୍ରୟାସ ଜାରିରଖିଛନ୍ତି । ଏହି ଯାତ୍ରା ରାଜ୍ୟ ପରେ ରାଜ୍ୟ ଅତିକ୍ରମ କରି ଉତ୍ତରପ୍ରଦେଶରେ ପ୍ରବେଶ କରିଛି । ଏହି ଯାତ୍ରାରେ ବେଶ ଜନସମାଗମ ହେଉଥିବାର ଲକ୍ଷ୍ୟ କରାଯାଉଛି । କିନ୍ତୁ ତାହା କେତେଦୂର ଭୋଟକୁ ରୂପାନ୍ତରିତ ହେବ, ତାହା ଭୋଟ ଫଳାଫଳରୁ ହିଁ ଜଣାପଡିବ । ତେବେ କଂଗ୍ରେସ ଏକାକୀ ଲଢ଼ି ବିଜେପିକୁ ପରାସ୍ତ କରିବା ହୁଏତ ସମ୍ଭବ ନ ହୋଇପାରେ । ବିରୋଧୀ ଦଳଗୁଡିକ ବିଜେପି ବିରୋଧରେ ଏକାଠି ଲଢ଼ିଲେ ହୁଏତ କିଛି ପ୍ରଭାବ ପଡିପାରେ । ଏହା ସମ୍ଭବ ନ ହେଲେ, ପୁଣି ଆଗାମୀ ଲୋକସଭାରେ ବିରୋଧୀ ଦୁର୍ବଳ ହେବ ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ । କ୍ଷମତାକୁ ଫେରିବା ପାଇଁ କଂଗ୍ରେସର କ୍ଷମତା ଅଛି । ଏହାର ଭୋଟ ବ୍ୟାଙ୍କ ଏବେବି ରହିଛି ଏବଂ ଅନେକ ଲୋକଙ୍କ ଭଲପାଇବା ରହିଛି । କିନ୍ତୁ ଦେଖାଯାଉଛି କଂଗ୍ରେସ ଦୁର୍ବଳ ହେବାରେ ଲାଗିଛି । ଜଣେ ପରେ ଜଣେ ଆଗ ଧାଡ଼ିର ନେତା ଦଳ ଛାଡିବା ପରେ, କଂଗ୍ରେସ ଦଳର ଆଭ୍ୟନ୍ତରୀଣ ଶୃଙ୍ଖଳା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏସବୁ ମଧ୍ୟରେ କଂଗ୍ରେସର ବରିଷ୍ଠ ନେତା କମଲନାଥ ଦଳ ଛାଡିବା ଖବର ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି । ଏବେବି ଏହାର ସତ୍ୟାସତ୍ୟ ନେଇ କିଛିବି କୁହା ଯାଇପାରୁନାହିଁ । ତେବେ ଏକଦା ଇନ୍ଦିରା ଗାନ୍ଧିଙ୍କ 'ତୃତୀୟ ପୁତ୍ର' ଭାବରେ ବର୍ଣ୍ଣିତ କମଲନାଥ ଦଳ ଛାଡିବାକୁ ଚିନ୍ତା କରୁଛନ୍ତି ଅର୍ଥ, ଦଳ ମଧ୍ୟରେ ଅସନ୍ତୋଷ ରହିଛି, ଏହା ଅସ୍ୱୀକାର କରାଯାଇ ପାରିବ ନାହିଁ, ଯାହା କଂଗ୍ରେସ ପାଇଁ ଶୁଭଙ୍କର ନୁହେଁ । ଯଦି କମଲ ନାଥ ଭାରତୀୟ ଜନତା ପାର୍ଟି (ବିଜେପି)କୁ ଯିବାକୁ ସ୍ଥିର କରନ୍ତି, ତେବେ ସେ ଗତ ଦଶ ବର୍ଷ ମଧ୍ୟରେ ଦଶମ ପୂର୍ବତନ କଂଗ୍ରେସ ମୁଖ୍ୟମନ୍ତ୍ରୀ ହେବେ । ଅମରିନ୍ଦର ସିଂ (ପଞ୍ଜାବ), ଦିଗମ୍ବର କାମାଟ (ଗୋଆ), ଏସ୍ ଏମ କ୍ରିଷ୍ଣା (କର୍ଣ୍ଣାଟକ), ବିଜୟ ବହୁଗୁଣା (ଉତ୍ତରାଖଣ୍ଡ), ଏନ.କିରାନ ରେଡ୍ଡୀ (ଅବିଭାଜିତ ଆନ୍ଧ୍ର), ପେମା ଖଣ୍ଡୁ (ଅରୁଣାଚଳ), ସ୍ୱର୍ଗତ ନାରାୟଣ ଦତ୍ତ ତିୱାରୀ (ଉତ୍ତରାଖଣ୍ଡ ଏବଂ ପୂର୍ବରୁ ଉତ୍ତରପ୍ରଦେଶ) ଏବଂ ସଦ୍ୟତମ ଅଶୋକ ଚୌହାନ (ମହାରାଷ୍ଟ୍ର) ପରି ନେତା କଂଗ୍ରେସ ପରିତ୍ୟାଗ କରିଛନ୍ତି । ଏହା ବ୍ୟତୀତ ତିନିଜଣ ବସିଥିବା ବିଜେପି ମୁଖ୍ୟମନ୍ତ୍ରୀ–ହିମନ୍ତ ବିଶ୍ୱ ଶର୍ମା (ଆସାମ), ଏନ.ବିରେନ ସିଂ (ମଣିପୁର) ଏବଂ ମାଣିକ ସାହା (ତ୍ରିପୁରା) ପୂର୍ବତନ କଂଗ୍ରେସ କର୍ମୀ । ତେଣୁ ବେଶ୍ କିଛି ବର୍ଷ ହେବ, କଂଗ୍ରେସ ଦୁର୍ବଳ ହେବାରେ ଲାଗିଛି । ଏହାର ଦୁଇଟି କାରଣ ହୋଇପାରେ, ଦଳରେ ବଡ ବଡ ନେତାଙ୍କର ଗୁରୁତ୍ୱ ରହୁନାହିଁ ବା ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟତା ପାଇଁ ଅନେକ ନେତା ବିଜେପିରେ ସାମିଲ ହୋଇ ନିଜକୁ ସୁରକ୍ଷିତ କରିବା ପାଇଁ ଚାହୁଁଛନ୍ତି ।କିନ୍ତୁ ବିରୋଧୀଙ୍କ ମନ୍ତବ୍ୟ କିଛିଟା ଅଲଗା । ଇଡି ଓ ସିବିଆଇର ଆକ୍ରମଣ ଭୟରେ ଅନେକ ନେତା ନିଜକୁ ବିଜେପିରେ ସାମିଲ କରୁଛନ୍ତି ବୋଲି ବିରୋଧୀ ଦଳଗୁଡିକ ଅଭିଯୋଗ କରୁଛନ୍ତି । ସେ ଯାହାହେଉନା କାହିଁକି, ଦଳର କେତେକ ପ୍ରମୁଖ ନେତା ଦଳ ଛାଡିବା ଦଳର ପ୍ରତିଛବିକୁ ମଳିନ କରିଛି । ଅନ୍ୟ ପକ୍ଷରେ କଂଗ୍ରେସ ପରି ଗୋଟିଏ ପୁରୁଣା ଦଳପାଇଁ ନେତାଙ୍କ ଅଭାବ ନାହିଁ, ନୂଆ ନେତା ସୁଯୋଗ ପାଇବେ ଏବଂ ଦଳ ପାଇଁ ଭଲ ହେବ ବୋଲି କେତେକ ଯୁକ୍ତି କରୁଛନ୍ତି । ଏହା ମଧ୍ୟ ସତ୍ୟ ହୋଇପାରେ । ନୂଆ ନୂଆ ନେତା ଏବଂ ସେମାନଙ୍କର ନେତୃତ୍ୱ କଂଗ୍ରେସକୁ ଦୃଢ କରିପାରେ, କିନ୍ତୁ ଏହା ପ୍ରକୃଷ୍ଟ ସମୟ ନୁହେଁ । କାରଣ ଆଖି ଆଗରେ ନିର୍ବାଚନ । ତେଣୁ କଂଗ୍ରେସ ନେତୃବୃନ୍ଦ ନିଜ ଦଳର ଆଭ୍ୟନ୍ତରୀଣ ଶୃଙ୍ଖଳା ଦିଗରେ ପ୍ରଥମେ କାର୍ଯ୍ୟକରିବା ଦରକାର । ସେହିପରି ବିରୋଧୀ ଦଳଗୁଡିକ କିପରି ଏକାଠି ହେବେ ଏବଂ ବିଭିନ୍ନ ରାଜ୍ୟରେ ଆସନ ବୁଝାମଣା କିପରି ସଫଳ ହେବ, ସେ ଦିଗରେ ନିଷ୍ଠାର ସହ ପ୍ରଚେଷ୍ଟା କରିବା ଜରୁରୀ । ଦଳ ମଧ୍ୟରେ ଅସନ୍ତୋଷର କାରଣ ଖୋଜି ନିରାକରଣର ରାସ୍ତା ବାହାର କରିବା ଉଚିତ ଯାହା କଂଗ୍ରେସରୁ ଶୃଙ୍ଖଳିତ ଓ ସଶକ୍ତ କରିବା ସହ ଦେଶରେ ରାଜନୀତି ପ୍ରତିଦ୍ୱନ୍ଦିତାମୂଳକ ହେବ ଏବଂ ଆମର ଗଣତନ୍ତ୍ର ଆହୁରି ଦୃଢ ଓ ସଶକ୍ତ ହେବ ।

ସମ୍ପାଦକୀୟ

# ଅପମାନର ବେଦନା...

ତିରସ୍କାର ଅଥବା ଅପମାନର ବିଷ ସହନ କରିବା ସମସ୍ତଙ୍କ ପାଖରେ ସମ୍ଭବ ନୁହେଁ । ଏହାର ପ୍ରତିକ୍ରିୟାରେ କିଏ କ୍ରୋଧାନ୍ୱିତରେ ଜଳିବାକୁ ଲାଗିଥାଏ ତ ଆଉ କିଏ ମନରେ କୌଣସି ଗ୍ରନ୍ଥିକୁ ପାଳି କରିବସିଥାଏ । ଆମର କୌଣସି ଦୁର୍ବଳତା,ତ୍ରୁଟିର କାରଣରୁ ସମ୍ମାନ ନ ମିଳେ ତା'ହେଲେ ଏଥିରେ ପଶ୍ଚାତାପ ରୂପରେ ଯେମିତି ଗିଳିବାକୁ ଲାଗିଥାଏ ।

ଆଉ ଯଦି ଏହାର ପଛରେ କିଛି ଏମିତି କାରଣ ରହିଥିବ, ଯାହା ଉପରେ ଆମର ନିୟନ୍ତ୍ରଣ ନଥାଏ, ସେତେବେଳେ ତିରସ୍କାର ଅଥବା ଅସମ୍ମାନର ସ୍ଥିତିକୁ ସହନ କରିବା ବାସ୍ତବରେ ବହୁତ କଷ୍ଟକାରକ ହୋଇଥାଏ । ଏମିତିରେ ତୀବ୍ରବେଦନାର କ୍ଷଣରେ ମନୁଷ୍ୟ ଈଶ୍ୱରଙ୍କ ଉପରେ ପକ୍ଷପାତ କରିଥିବାର ଦୋଷ ଲଗେଇ ଦେଇଥାଏ । ତୁଳସୀ ଦାସ ରାମଚରିତମାନସରେ କହିଛନ୍ତି–'ହାନିଲାଭ ଜୀବନ ମରଣ, ଯଶ ଅପଯଶ ବିଧି ହାତ' । ବସ୍ତୁତଃ ଅପଯଶ, ଅସମ୍ମାନ, ତିରସ୍କାର ଆଉ ଅପମାନ ମଧ୍ୟ ଏକ ପ୍ରକାରର ଦଣ୍ଡ ହୋଇଥାଏ,ଯାହା ଆମକୁ ପୂର୍ବରୁ କରିଥିବା ଖରାପ କର୍ମର ଫଳ ରୂପରେ ଭୋଗିବାକୁ ପଡିଥାଏ । କାହାକୁ କମ୍ ପରିଶ୍ରମରେ ମଧ୍ୟ ଅଧିକ ଯଶ ମିଳି ଯାଉଛି ଆଉ କାହାକୁ ଅଧିକ ପରିଶ୍ରମ କରିଲା ପରେ ମଧ୍ୟ ଟିକିଏ ଯଶ ମିଳି ପାରୁନି ।

ସେ ମଧ୍ୟ କିନ୍ତୁ–ପରନ୍ତୁ ମଧ୍ୟରେ ଥାଏ । ବର୍ତ୍ତମାନରେ ଆମେ ଯାହାକିଛି ଭୋଗୁଛେ, ତାହାର ବୀଜ କେଉଁଠି ନା କେଉଁଠି ଅତୀତରେ ବୁଣା ଯାଇଥିବ, ସେଥିପାଇଁ ବର୍ତ୍ତମାନରେ ମିଳିଥିବା ସୁଖ ଅଥବା ଦୁଃଖଉପରେ ଆମର କୌଣସି ବଶ ନାହିଁ । ଯାହାକିଛି ଆଜି ସାମ୍ନାକୁ ଆସିଛି,ତାହାର ଉପରେ ଆମର ପ୍ରତିକ୍ରିୟାହିଁ ନିର୍ଦ୍ଧାରିତ କରେକି ଆମର ଭବିଷ୍ୟତ କେମିତି ରହିବ । ଯଦି ଏମିତି ଲାଗିବକି ଯେଉଁ ସମ୍ମାନର ଆମେ ଅଧିକାରୀ ହୋଇଥାନ୍ତେ,ତାହା ମିଳିଲାନି ଅଥବା ଯେଉଁ ପରିସ୍ଥିତିକୁ ଆମେ ବଦଳେଇ ପାରିବୁ ନାହିଁ,ତାହା ବାରମ୍ବାର ଆମର ଅପମାନର ମାଧ୍ୟମ ହୋଇଥାଏ । ତାକୁ ସାକ୍ଷୀ ଭାବରେ ଦେଖିକରି ଟିକେ ହସିଦେବେକି କିଛି ଖରାପ ଫଳ ଥିଲା,ଯାହା ଏ ବେକଟି ଗଲା । ଏମିତିରେ କ୍ରୋଧ ଅଥବା ନିରାଶାର ଅଶ୍ୱ ଉପରେ ନ ବସି,ଜୀବନକୁ ସେହି ପକ୍ଷରେ କାର୍ଯ୍ୟ କରିବା ଜରୁରୀ ଯିଏ ଆମକୁ ସମ୍ମାନ ଦେଇପାରିବ । ସମସ୍ତଙ୍କ ପାଖରେ କିଛି ନା କିଛି ଏମିତିଗୁଣ ଅବଶ୍ୟ ଥାଏ ଯାହା ସମସ୍ତ ତ୍ରୁଟି ଆଉ ଅଭାବ ଉପରେ ଗୋଟିଏ ମୋଟା ଆବରଣ ପକେଇକରି ଜୀବନରେ ସୁଖଦ ଉଷ୍ମର ସଂଚାର କରିଥାଏ ।

**ମନୋଜ କୁମାର ବେହେରା**
**ବାୟାବାବା ମଠଲେନ୍,**
**ଭୁବନେଶ୍ୱର, ମୋ–୭୯୭୮୮୩୦୬୧୧**

## ଚିରଦିନ ମନେରହିବେ

# ପୂଜାସ୍ପଦ ସାତକଡ଼ି ହୋତା

**ରାକେଶ ମହାନ୍ତି**



ଆମମାନଙ୍କର ଦିଗ୍‌ଦର୍ଶକ ସାତକଡ଼ି ସାର୍ ଆମ ଗହଣରେ ଆଉ ନାହାନ୍ତି । କିନ୍ତୁ ତାଙ୍କ ସହ ସମ୍ପର୍କରେ ଆସିଥିବା ସମସ୍ତେ ସବୁବେଳେ ତାଙ୍କର ଉପସ୍ଥିତି ଅନୁଭବ କରିବେ ନିଶ୍ଚୟ । କାରଣ ମଣିଷ ଜୀବନର ପ୍ରତ୍ୟେକ ସମସ୍ୟା ପାଇଁ ତାଙ୍କ ପାଖରେ ଉତ୍ତର ଥାଏ । ଅନେକ ସମୟରେ ଦୁଃଖ, କ୍ଳେଶ, ଅବଶୋଷର ଲାଘବ ପାଇଁ ତାଙ୍କର ହସ ହସ ମୁହଁ ହିଁ ଯଥେଷ୍ଟ ହେଉଥାଏ । କେଜାଣି କାହିଁକି ତାଙ୍କୁ ଦେଖିଦେଲେ, ସବୁ ଦୁଃଖ, କ୍ଳେଶ, ଅବଶୋଷ ଆଖି ପିଛୁଳାକେ ମିଳେଇ ଯାଏ । ଏହା କେବଳ ଜଣେ ବା ଦୁଇ ଜଣଙ୍କର ଅନୁଭୂତି ନୁହେଁ, ତାଙ୍କ ସହ ସମୟ କାଟିଥିବା ପ୍ରତ୍ୟେକଙ୍କର ସେଇ ସମାନ ଅନୁଭୂତି । ତାଙ୍କୁ ଯେତେବେଳେ ଯେଉଁ ସମୟରେ ଭେଟିଲେ, ଅନୁଭବ ହୁଏ, ତାଙ୍କ ଜୀବନରେ ଯେମିତି କିଛି ଦୁଃଖ ନାହିଁ ।

ଏହା ଅସମ୍ଭବ ମନେହୁଏ । ପ୍ରତ୍ୟେକ ମଣିଷ ଜୀବନରେ କିଛି ନା କିଛି ଦୁଃଖ ଅଛି, ଅବଶୋଷ ଅଛି । ତାଙ୍କ ଜୀବନରେ ବି ଥାଇପାରେ । କିନ୍ତୁ ସେ ଥିଲେ ନୀଳକଣ୍ଠ । ସବୁ ଦୁଃଖକୁ ହଜମ କରିବାର ଶକ୍ତି ତାଙ୍କ ପାଖରେ ଥିଲା । ନିଜ ପରିବାର ଏବଂ ନିଜ କଥାଠାରୁ ସେ ସାମୂହିକ କଥାକୁ ଅଧିକ ଗୁରୁତ୍ୱ ଦେଉଥିଲେ । ତାଙ୍କ ସହ କାର୍ଯ୍ୟ କରିବା ସମୟରେ, ମୁଁ ଅନେକ ଥର ପଚାରିଛି, ଆପଣଙ୍କ ଜୀବନରେ ଦୁଃଖ କଣ ? ଉତ୍ତର ଦିଅନ୍ତି, ମୋ ଭାଷା ଓଡ଼ିଆ ଭାଷା ଏବେବି ଅବହେଳିତ ।

ଆଜିର ଯୁବସମାଜ ହିନ୍ଦୀ ଓ ଇଂରାଜୀ ପଛରେ ଯେଉଁଭଳି ଦୌଡୁଛନ୍ତି, ତାହା ମତେ ସବୁଠାରୁ ବେଶୀ ଦୁଃଖ ଦିଏ, ଯାହା ମୋ ବ୍ୟକ୍ତିଗତ ଦୁଃଖ ଠାରୁ ଯଥେଷ୍ଟ ଅଧିକ । ମୁଁ ସେ ନେଇ କିଛି କରିପାରୁନି, ତାହା ହିଁ ଜୀବନର ସବୁଠାରୁ ବଡ ଦୁଃଖ । ପୁଣି କୁହନ୍ତି, 'କେତେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏବେବି ଆମ ନିୟନ୍ତ୍ରଣକୁ ଆସି ପାରିନାହିଁ, ତା'ଠାରୁ ବଡ ଦୁଃଖ ଜଣେ ଓଡ଼ିଆ ପାଇଁ କଣ ହୋଇପାରେ ?'

**ଏକାଦଶାହ ଉପଲକ୍ଷେ**

ସେହିପରି ଅନେକ ସମୟରେ ତାଙ୍କ ପ୍ରାଣ କାନ୍ଦି ଉଠେ, ସମଗ୍ର ଓଡ଼ିଶାର ଜନସାଧାରଣଙ୍କ ପାଇଁ । ପ୍ରାକୃତିକ ସମ୍ପଦ, ଖଣି ଖାଦାନ ଭରପୂର ଥିବା ବେଳେ, ଓଡିଶା ଲୋକ କାହିଁକି ବାହାର ରାଜ୍ୟକୁ ଯାଆନ୍ତି ଦାଦନ ଖଟିବା ପାଇଁ ? ଏମିତି ଅନେକ ପ୍ରଶ୍ନର ଉତ୍ତର ଖୋଜୁ ଖୋଜୁ, ସମୟ ତାଙ୍କର ଚାଲିଗଲା ।

ଏସବୁ ଶୁଣିଲା ପରେ ଲାଗେ, ଜାତି, ଭାଷା ଓ ରାଜ୍ୟ ପାଇଁ ତାଙ୍କର ପ୍ରାଣ କିପରି ଭାବରେ ଉଦ୍‌ବେଳିତ ହେଉଥିଲା । ଶେଷ ଜୀବନ ପର୍ଯ୍ୟନ୍ତ, ସବୁବେଳେ ସେ ଚେଷ୍ଟା କରି ଚାଲିଥିଲେ, ଭାଷା ଓ ଜାତିର ବିକାଶ ପାଇଁ । କଥାକଥାକେ, ଅନ୍ୟ ଭାଷା ଓ ଜାତିର ଉଦାହରଣ ଦେଉଥିଲେ ।

ପରିଣତ ବୟସରେ ମଧ୍ୟ, ଯେତେବେଳେ ଯିଏ ତାଙ୍କୁ ସାହିତ୍ୟ ସମ୍ପର୍କିତ କୌଣସି ସଭାସମିତିକୁ ନିମନ୍ତ୍ରଣ କରେ, ସେ ଆନନ୍ଦରେ ଗ୍ରହଣ କରୁଥିଲେ ଏବଂ ସଭାରେ ପହଞ୍ଚିବା କ୍ଷଣି ଯେତେବେଳେ ଅନ୍ୟ ସାହିତ୍ୟ ସ୍ରଷ୍ଟା ଓ ସାହିତ୍ୟପ୍ରେମୀଙ୍କୁ ଦେଖି ଦେଉଥିଲେ, ନିଜର ଦୈହିକ କ୍ଳେଶକୁ ଭୁଲି ଯାଉଥିଲେ ଏବଂ ସମାନ ସ୍ୱରରେ ଅନ୍ୟ ଯୁବବନ୍ଧୁଙ୍କ ସହ ତାଳମିଳାଇ ଆଲୋଚନରେ ସାମିଲ ହେଉଥିଲେ । ସେହି ମୁହୂର୍ତ୍ତରେ, ଅନୁଭବ ହୁଏ ସେ ଯେମିତି ଜନ୍ମ ହୋଇଛନ୍ତି ଭାଷା ଓ ସାହିତ୍ୟର ସେବା କରିବାପାଇଁ । 'ସମୟ'ର ମୁଖ୍ୟ ସମ୍ପାଦକ ଭାବରେ କାର୍ଯ୍ୟ କରୁଥିବା ସମୟରେ, ସେ ସବୁବେଳେ କହୁଥିଲେ, 'ସାଧାରଣ ଲୋକଙ୍କ କଥା ପ୍ରକାଶ ପାଉ । ସାମ୍ବାଦିକମାନେ ସମ୍ବାଦପତ୍ର ମାଧ୍ୟମରେ ଲୋକଙ୍କ ସମସ୍ୟାକୁ ଉପସ୍ଥାପିତ କରନ୍ତୁ । ପ୍ରଶାସନ ହୁଅନ୍ତୁ ବା ରାଜନେତା ହୁଅନ୍ତୁ ବା ଉଚ୍ଚ ପଦପଦବୀରେ ଥିବା ସରକାରୀ କର୍ମଚାରୀ ହୁଅନ୍ତୁ, କାହାକୁ ଅଯଥାରେ ସମାଲୋଚନା କରିବାକୁ ସେ ପସନ୍ଦ କରୁ ନଥିଲେ । ସମାଲୋଚନା ସହ କଣ କରାଗଲେ ସମସ୍ୟାର ସମାଧାନ ହୋଇପାରିବ, ସେ ଦିଗରେ ସମ୍ବାଦପତ୍ର ଆଲୋଚନା କରିବା ଜରୁରୀ ବୋଲି ମତବ୍ୟକ୍ତ କରୁଥିଲେ' ।

'ସମୟ'ରେ ମୁଖ୍ୟ ସମ୍ପାଦକ ଭାବରେ କାର୍ଯ୍ୟକରିବା ଅବସରରେ, ସେ ଲେଖିଥିବା ଅଧିକାଂଶ ସମ୍ପାଦକୀୟ ରେ ଜନସାଧାରଣଙ୍କ ସାମୂହିକ ସମସ୍ୟା ଉପରେ ହିଁ ଗୁରୁତ୍ୱ ଦେଇଥାନ୍ତି । ଓଡ଼ିଶାର ପ୍ରାକୃତିକ ସମ୍ପଦ ସଦୁପଯୋଗ ଠାରୁ ଆରମ୍ଭକରି ଜଳସମ୍ପଦ, ଚାଷବାସ, ଶିକ୍ଷା, ସ୍ୱାସ୍ଥ୍ୟ, ଆଇନ ପରି ସବୁ ବିଷୟରେ ସେ ତାଙ୍କର ଲେଖନୀ ଚଳାଇ ନିଜର ସ୍ପଷ୍ଟ ଅଭିମତ ଉପସ୍ଥାପିତ କରୁଥିଲେ । ସାମ୍ପ୍ରତିକ ଘଟଣାବଳୀ ଓ ବିଷୟବସ୍ତୁ ସହ ବେଦ, ପୁରାଣ ଏବଂ ଅନ୍ୟାନ୍ୟ ନୀତିବାକ୍ୟର ସମନ୍ୱୟ ଦେଖିବାକୁ ମିଳେ ତାଙ୍କ ସମ୍ପାଦକୀୟରେ । ସାହିତ୍ୟ ତାଙ୍କୁ ଯେତିକି ଆନନ୍ଦ ଦିଏ, ସମାଜ ସେବା ମଧ୍ୟ ତାଙ୍କୁ ସେହିପରିମାଣରେ ଆନନ୍ଦିତ କରେ । ଜୀବନରେ ଅନେକ ସାମାଜିକ ଏବଂ ସାଂସ୍କୃତିକ ଅନୁଷ୍ଠାନ ସହିତ ସେ ଜଡିତ ଥିଲେ ଯାହା ତାଙ୍କୁ ସବୁବେଳେ ପ୍ରେରଣା ଦେଇଛି, ତାଙ୍କ ସୃଷ୍ଟିକୁ ସାର୍ବଜନୀନ କରିବା ପାଇଁ ।

ଜୀବନର ବିବିଧତା ତାଙ୍କ ସୃଜନଶୀଳତାକୁ ସମୃଦ୍ଧ କରିଛି । ତାଙ୍କ ଗଳ୍ପ, କାହାଣୀ ଓ କବିତା ଜୀବନର ଜଟିଳତା ଏବଂ ବିବିଧତାକୁ ଚିତ୍ରଣ କରିଥାଏ । ମୂଲ୍ୟ ଏବଂ ନୈତିକତାର ସାଧାରଣ କ୍ଷୟ ଏବଂ ମନୁଷ୍ୟର ଏକାକୀତା ଏବଂ ଅସହାୟତାର ଅବସ୍ଥାକୁ ଦର୍ଶାଏ । ଏସବୁ ସମ୍ଭବ ହୁଏ, ଯେତେବେଳେ ମଣିଷ ନିଜେ ନିଜର ପରିଚୟକୁ ସଠିକ ଭାବରେ ବୁଝିପାରେ । ସାତକଡ଼ି ହୋତା ଥିଲେ ସେମିତି ଏକ ମଣିଷ ଯିଏ ନିଜର ପରିଚୟକୁ ନିଜେ ସଠିକ୍ ଭାବରେ ବୁଝି ପାରିଥିଲେ ।

ମନ ତାଙ୍କର ସବୁବେଳେ ଖୋଜୁଥିଲା, ଗୋଟିଏ ସଂଗଠନ, ଗୋଟିଏ ସମାଜ, ଗୋଟିଏ ପରିବେଶ ଯିଏ ଏ ଜାତି, ଏ ଭାଷା ଏବଂ ଏ ରାଜ୍ୟକୁ ବିକାଶ ପଥରେ ଆଗେଇନେବ ଏବଂ ଜୀବନର ଶେଷ ପର୍ଯ୍ୟାୟରେ ସବୁବେଳେ କହୁଥିଲେ, ସମୟ ଆଜି ଉପନୀତ, ନିଶ୍ଚୟ ଏ ଜାତି, ଏ ଭାଷା, ଏ ରାଜ୍ୟ ଦେଶର ସବୁଠାରୁ ଶ୍ରେଷ୍ଠ ରାଜ୍ୟ ହେବ । ତାଙ୍କର ସ୍ୱପ୍ନ, କଥା, ଇଚ୍ଛା ପୂରଣ ହେଉ ଏବଂ ତାଙ୍କ ସହ ସମ୍ପର୍କରେ ଆସିଥିବା ସବୁ ଲେଖକ, ଭାବୁକ, କବି, ସମାଜ ସଂସ୍କାରକ, ସାମ୍ବାଦିକ ସେମାନଙ୍କର ଲେଖନୀ ଚାଳନା କରନ୍ତୁ ଏକ ସଶକ୍ତ ଓ ସମୃଦ୍ଧ ଓଡିଶା ଗଠନ ପାଇଁ ଯାହା ତାଙ୍କପାଇଁ ହେବ ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ।

**ଭୁବନେଶ୍ୱର**

# ସ୍ମୃତିରେ ସ୍ୱାଭିମାନୀ ସାତକଡି

**ପ୍ରଦୀପ୍ତ କୁମାର ବିଶ୍ୱାଳ**

ଅଶୀରୁ ଉର୍ଦ୍ଧ୍ୱ ପୁସ୍ତକ ରଚନା କରି ଓଡିଆ ସାହିତ୍ୟକୁ ରୁଦ୍ଧିମନ୍ତ କରିଥିବା ଓଡ଼ିଆ ଭାଷା ଓ ସାହିତ୍ୟର ଭୀଷ୍ମ ପିତାମହ, ଦକ୍ଷିଣପୂର୍ବ ରେଳ ଡିଭିଜନର ପ୍ରଥମ ଓଡିଆ ମହା ପ୍ରବନ୍ଧକ, ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି, ଦୈନିକ ସମ୍ବାଦପତ୍ର ସମୟର ମୁଖ୍ୟ ସଂପାଦକ, ସାରଳାଦାସ ସ୍ମୃତିସଂସଦ ଭୁବନେଶ୍ୱର ର ସଭାପତି ବିଶେଷକରି ସାରଳା ସାହିତ୍ୟର ଜଣେ ବଡ ଉପାସକ ଡଃ ସାତକଡି ହୋତା ଆଉ ନାହାଁନ୍ତି । ତା ୧୧.୨.୨୦୨୪ ରବିବାର ଦିବା ୧୨.୨୫ ମିନିଟ୍ ସମୟରେ ତାଙ୍କର ଦେହବସାନ ହୋଇଯାଇଛି । ଓଡିଶା ଇତିହାସରେ ୯୫ବର୍ଷର ଗୋଟିଏ ଯୁଗର ଅବସାନ ଘଟିଲା ।

ମୟୂରଭଞ୍ଜ ଜିଲ୍ଲାର ଉପାନ୍ତ ଅଞ୍ଚଳର ଜଗନ୍ନାଥ ଖୁଣ୍ଟା ଗ୍ରାମରେ ୧୯୨୯ ମସିହାରେ ପିତା ବିଶ୍ୱେଶ୍ୱର ହୋତାଙ୍କ ଔରସରୁ ମାତା କଞ୍ଚନ ଦେବୀଙ୍କ କୋଳ ମଣ୍ଡନ କରି ଭୁମିଷ୍ଠ ହୋଇଥିଲେ । ପୂର୍ବରୁ ଦୁଇ ଭାଇଙ୍କୁ ଯମ ନେଇ ଯାଇଥିଲା ବୋଲି ମାତା ତାଙ୍କୁ ହାଡିଆଣୀଙ୍କୁ ସାତଟି କଉଡି ନେଇ ବିକ୍ରି କରି ଦେଇଥିଲେ। ଏଇ ସଂଯୋଗରୁ ନାମ ତାଙ୍କର ସାତକଡି ହେଲା । ଦରିଦ୍ର ବ୍ରାହ୍ମଣ ପରିବାରରେ ଜନ୍ମିତ ସାତକଡିଙ୍କର ବାଲ୍ୟକାଳ, କୈଶୋର ଏବଂ ଅଧ୍ୟୟନ ଶେଷ ପର୍ଯ୍ୟନ୍ତ ସମୟ ଦାରିଦ୍ର୍ୟର ଲାଞ୍ଛନା ମଧ୍ୟରେ କଟିଛି ମାତ୍ର ଦାରିଦ୍ର୍ୟତା ତାଙ୍କ ସଫଳତାର ପଥରୋଧ କରିପାରି ନ ଥିଲା । ବରଂ ଜୀବନ ଗଢିବାର ଲକ୍ଷ୍ୟପଥରେ ପ୍ରେରଣା ସାଜିଥିଲା। ଏପରିକି ପାଠ ପଢିବା ପାଇଁ ସେ ଭିକ୍ଷା ମାଗିବା ପାଇଁ ମଧ ପଶ୍ଚ୍ୟାତ୍‌ପଦ ହୋଇ ନାହାନ୍ତି ଯାହା ସେ ଦୃଢକଣ୍ଠରେ ସ୍ୱୀକାର କରନ୍ତି । ସେ ପ୍ରମାଣ କରିଦେଇଥିଲେ ଯେ ଦୃଢ ସଂକଳ୍ପ ଦ୍ୱାରା ଦାରିଦ୍ର୍ୟତା ସଫଳତାର ପ୍ରତିବନ୍ଧକ ସାଜିପାରିବ ନାହିଁ। ବୋଧ ହୁଏ ଏହି କାରଣରୁ ଦୁଃଖିଦୁର୍ବଳ ଓ ନିଗୃହୀତ ମାନଙ୍କ ପ୍ରତି ତାଙ୍କର ବେଦନା ଓ ସହାନୁଭୂତି ରହି ଆସିଥିଲା ।

ପରୋପକାରାୟ ଧର୍ମାୟ, ପାପାୟ ପରପୀଡନମ୍‌କୁ ସେ ଜୀବନର ବ୍ରତ କରିଥିଲେ । ସେ କହନ୍ତି ଅନ୍ୟାୟ ଯେ କରିନାହିଁ ବା ମିଥ୍ୟା ଯେ କହିନାହିଁ ସେପରି ମହାତ୍ମା ମୁଁ ନୁହେଁ, କିନ୍ତୁ ଜ୍ଞାତସାରରେ ବା ଅଜ୍ଞାତସାରରେ ହେଉ ଯାହା ଭୁଲ୍ କରିଥାଏ ନା କାହିଁକି ସେଥିପାଇଁ ଅନୁତାପ କରିଛି ଓ ଆତ୍ମ ସଂଶୋଧନ କରିବା ପାଇଁ ଚେଷ୍ଟା କରିଛି। ଚାକିରି ଚୋରି ବଣିଜ ମିଛ କଥାଟି ତାଙ୍କ ଆଗରେ ଅବାନ୍ତର । ଚୋରି ନ କରି ସାଧୁତାର ସହିତ ଯେ ଚାକିରି କରାଯାଇପାରେ ଏହା ହୁଏତ ଆଜି କେହି ଶୁଣିଲେ ସହଜରେ ବିଶ୍ୱାସ କରିବେ ନାହିଁ, କିନ୍ତୁ ସାଧୁତା ଓ ସ୍ୱଚ୍ଛତା ହିଁ ଥିଲା ତାଙ୍କ ଚାକିରି ଜୀବନର ଆଦର୍ଶ। ବାପ ମାଆଙ୍କ କଥା ମାନି ପରଧନ ପ୍ରତି କେବେ ଆକୃଷ୍ଟ ହୋଇ ନାହାଁନ୍ତି। ଦୀର୍ଘକାଳ ଚାକିରି କରି ମଧ ସେ ବଚସ୍କର ହୋଇ ନାହାଁନ୍ତି, ବରଂ ସରକାରୀ ଚାକିରିକୁ ସୁଯୋଗ ମନେ କରି ଜନସ୍ୱାର୍ଥ ରକ୍ଷା କରିବା ସକାସେ ସମର୍ପିତ ଉଦ୍ୟମ କରିଛନ୍ତି। କୌଣସି ରାଜନୈତିକ ନେତା ବା ଜନସେବାରେ ନିଯୁକ୍ତ ବ୍ୟକ୍ତିଠାରୁ ଦେଶପ୍ରେମ ଓ ଜନସ୍ୱାର୍ଥ ଜଗିବାର ଅଙ୍ଗିକାର ବଦ୍ଧତା ତାଙ୍କର ଯେ କମ୍ ନୁହେଁ ସେ ଏହା ଯୋର ଦେଇ କହିଥାଆନ୍ତି । ସୁଯୋଗର ଉପଯୋଗ କରିବାର ଭାଗ୍ୟ ସମସ୍ତଙ୍କୁ ମିଳେ ନାହିଁ । ସେହିମାନେ ହିଁ ଭାଗ୍ୟବାନ ଯେଉଁମାନେ ଜୀବିକାର୍ଜନ କରିବା ସହିତ ଜନସ୍ୱାର୍ଥ ରକ୍ଷା କରନ୍ତି ଏବଂ ଆବଶ୍ୟକ ସ୍ଥଳେ ସେଥିପାଇଁ ଦୁଃଖକଷ୍ଟ ବରଣ କରିବାକୁ ପଛାନ୍ତି ନାହିଁ। ନିଜେ ବଞ୍ଚି ଅନ୍ୟକୁ ବଞ୍ଚିବାରେ ସହାୟତା କରିବା ହେଉଛି ମଣିଷର ଧର୍ମ। ସେ କହନ୍ତି ମୋର ସବୁଠାରୁ ସୁଖମୟ ମୂହର୍ତ୍ତ ମୁଁ ଯେତେବେଳେ କାହାରି ଉପକାରରେ ଲାଗେ, ମୋ ଜୀବନର ସବୁଠାରୁ ଦୁଃଖତମ ମୂହର୍ତ୍ତ ଯଦି ମୁଁ ଜାଣେ ଯେ ମୋ ଦ୍ୱାରା କାହାରି ଅନିଷ୍ଟ ହୋଇଛି ।

ମୁଁ ତାଙ୍କୁ ପ୍ରଥମେ ଦେଖିଥିଲି ୧୯୮୨/୮୩ ମସିହା ସମୟରେ ସେ ଯେତେବେଳେ ଝଙ୍କଡ ଶାରଳା ମନ୍ଦିର ନିକଟସ୍ଥ ସାରଳାଦାସଙ୍କ ସମାଧିପୀଠ ମୁନିଗୋସାଇଁ ମଠ ମାଘଶୁକ୍ଳ ସପ୍ତମୀ ସାରଳାଦାସଙ୍କ ପୂଣ୍ୟତିଥିରେ ସାହିତ୍ୟ ସଭାମଞ୍ଚରେ । ତତ୍କାଳୀନ ମାନ୍ୟବର ମନ୍ତ୍ରୀ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳ ଓ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହାୟତାରେ ସେଇ ସାଧନା ପୀଠ ଓ ସାରଳା ସାହିତ୍ୟର ଉନ୍ନତି ପାଇଁ ବହୁ ଉନ୍ନତି ମୂଳକ କାର୍ଯ୍ୟ କରିଥିଲେ ।

ଦୁଇଟି ବିଷୟରୁ ତାଙ୍କର ଓଡିଆ ଜାତି, ଓଡିଆ ଭାଷା ପ୍ରତି ସ୍ୱାଭିମାନ ଜଣାପଡେ । ଯେତେବେଳେ ରେଳବିଭାଗ ଚାକିରିରେ କଲିକତାରେ ଯୋଗଦେବାକୁ ଯାଇଥିଲେ ଜଣେ ବଙ୍ଗାଳୀ ଅଫିସର ତାଙ୍କୁ ବିଦ୍ରୁପ କରିକହିଥିଲେ ତୁମେ ପ୍ରଥମ ଜଣେ ଓଡିଆ ଏହି ବିଭାଗରେ ଚାକିରି ପାଇଛ! ସଙ୍ଗେ ସଙ୍ଗେ ସେ ଉତ୍ତର ଦେଇଥିଲେ, ହଜାର ହଜାର ଓଡିଆ ମୋ ପଛରେ ଆସୁଛନ୍ତି। ଏବଂ କଲିକତାର ରେଳବାଇ ବଙ୍ଗଳାରେ ଥିବା ବେଳେ ହଠାତ୍ କର୍ମଚାରୀମାନେ କାର୍ଯ୍ୟାଳୟ ଭିତରେ ମହାଭାରତ ଚଳଚିତ୍ର ଦେଖି ଭାବବିହ୍ୱଳ ହେଉଥିବାର ଦେଖି ସେ ମଧ ସେମାନଙ୍କ ସହିତ ବସି ପଡିଲେ । ସେଥିରେ ଓଡିଆ ଭାଷାର ନାମ ନଥିବାରୁ କାଳବିଳମ୍ବ ନ କରି ଚଳଚିତ୍ରର ନିର୍ମାତାଙ୍କ ପାଖକୁ ପ୍ରତିବାଦ ପତ୍ର ଲେଖିଲେ । ଚଳଚିତ୍ର ନିର୍ମାତା ପ୍ରତ୍ୟୁତ୍ତରରେ ଜଣାଇଲେ, ଜଣେ ଅଧାପକ ତାଙ୍କୁ ଯେତିକି ଉତ୍ତର ଦେଇଥିଲେ, ସେଥିରେ ଓଡିଆ ମହାଭାରତର ନାମ ନ ଥିଲା । ଏଣୁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀକୁ ଏ ବିଷୟରେ ଲେଖିଲେ ଏବଂ କହିଲେ ଯେ ସାରଳା ମହାଭାରତର ଜନ୍ମ କେବେ ଓ କିପରି ହେଲା ତାହା ଜାଣିବା ଜାତୀୟ କର୍ତ୍ତବ୍ୟ । କେନ୍ଦ୍ର ସାହିତ୍ୟ ଏକାଡେମୀ ଏକ ଦୁଇଦିନିଆ ଆଲୋଚନା ସଭାରବ୍ୟବସ୍ଥା କଲେ । ସେହି ସଭାରେ ଦେଶର ୭୨ଜଣ ବିଜ୍ଞ ଅଧାପକ ଯୋଗ ଦେଇଥିଲେ। ଦୁଇଦିନ ଧରି ଆଲୋଚନା ହେଲା ଓଡିଶାର ପ୍ରତିନିଧି ଭାବେ ଭାଗ ନେଇଥିଲେ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ, ପ୍ରତିଭା ରାୟ, ସେ ଏବଂ ଅଧାପକ ଦେବୀ ପ୍ରସନ୍ନ ପଟ୍ଟନାୟକ। ଦୁଇଦିନ ଧରି ଆଲୋଚନାପରେ ନିଷ୍ପତ୍ତି ନିଆଗଲାଯେ ଓଡିଆ ମହାଭାରତ ସର୍ବପୁରାତନ ହୋଇଥିବାରୁ ଏବଂ ଏଥିରେ ଅନେକ ବିଷୟବସ୍ତୁ ଥିବାରୁ ଏହାର ହିନ୍ଦୀ ଅନୁବାଦ କରାଯାଉ ଏବଂ ଏହି କାର୍ଯ୍ୟ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଶାନ୍ତିନିକେତନ (ପଶ୍ଚିମବଙ୍ଗ)କୁ ଅନୁବାଦ କରିବାକୁ ଦିଆଯାଉ। ହିନ୍ଦୀ ଅଧାପକ ହରିଶ୍ଚନ୍ଦ୍ର ମିଶ୍ର ଏବଂ ଓଡିଆ ଅଧାପକ ନୀଳାଦ୍ରି ଭୂଷଣ ହରିଚନ୍ଦନ ଏହି ଦୁଇଜଣଙ୍କୁ ବିଶ୍ୱବିଦ୍ୟାଳୟ ଦାୟିତ୍ୱ ଦେଲା । ଏହି ବିରାଟ ଗ୍ରନ୍ଥର ହିନ୍ଦୀ ଅନୁବାଦ କରିବାପାଇଁ କେତେ ବର୍ଷ ଲାଗିଗଲା ଏବଂ ଦୁଇ ଅଧାପକଙ୍କୁ ଅନୁମୋଦିତ ପାରିଶ୍ରମିକ ମଧ ଓଡିଶା ସରକାର ଦେଲେ। ତାପରେ ହିନ୍ଦୀରେ ସାରଳା ଦାସଙ୍କ ଅନୁଦିତ ପୁସ୍ତକ ମୁଦ୍ରିତ ଓ ପ୍ରକାଶିତ ହେଇ ସେ ଓଡିଶା ସାହିତ୍ୟ ଏକାଡେମୀର ସଭାପତି ପଦରେ ଥିବା ବେଳେ ହିନ୍ଦୀ ଅନୁବାଦ ପୁସ୍ତକକୁ ନୁଆଦିଲ୍ଲୀରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପରିସର ମଧ୍ୟରେ ଉନ୍ମୋଚନ କରାଗଲା । ବର୍ତ୍ତମାନ ହିନ୍ଦୀ ଜଗତରେ ଏହି ପୁସ୍ତକ ଉପଲବ୍ଧ। ସେହିପରି ସେ ଓଡିଶା ସାହିତ୍ୟ ଏକାଡେମୀର ସଭାପତି ଥିବା ସମୟରେ ଭଞ୍ଜକଳା ମଣ୍ଡପ ପରିସରରେ ସାରାଳାଦାସଙ୍କର ଏକ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ୨୦୧୩ ମସିହାରେ ତତ୍କାଳୀନ ସଂସ୍କୃତି ମନ୍ତ୍ରୀ ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ କରକମଳରେ ଅନାବରଣ ହୋଇଥିଲା।

ସାରଳାଦାସ ସ୍ମୃତିସଂସଦର ସଭାପତି ହେବା ପରେ ସଂସଦକୁ ଏହାର କାର୍ଯ୍ୟକ୍ରମକୁ ମାର୍ଗଦର୍ଶନ କରିଆସୁଥିଲେ । ଓଡିଆ ଭାଷାରେ ଶାରଳା କ୍ୟାଲେଣ୍ଡର, ଶାରଳା ପଞ୍ଜିକା ଓ ସାରଳା ସାହିତ୍ୟର ପ୍ରଚାର ପ୍ରସାର ପାଇଁ ସଂସଦର ମୁଖପତ୍ର ସାରଳା ସର୍ଜନାର ସେ ଥିଲେ ମାର୍ଗଦର୍ଶକ। ଗତ ୬.୩.୨୦୨୩ରେ ଝଙ୍କଡ ଶାରଳା ପୀଠ ନିକଟସ୍ଥ କଟକ–ପାରଦୀପ ରାସ୍ତାର ମଧ୍ୟବର୍ତ୍ତୀ ସ୍ଥାନ ଶାରଳା ମାର୍ଗରେ ତାଙ୍କ କରକମଳରେ ସାରଳାଦାସଙ୍କର ଏକ ପୂର୍ଣ୍ଣାବୟବ ମୂର୍ତ୍ତି ଅନାବରଣ ହୋଇଯାଇଛି।

ସେ କେବେ ନିଜର ସାହିତ୍ୟ କୃତିର ପ୍ରଚାର ପ୍ରସାର କରିବା ପାଇଁ ଉଦ୍ୟମ କରିନାହାଁନ୍ତି । ବରଂ ସାମଗ୍ରିକ ସାହିତ୍ୟ କୃତି ବିଶେଷ କରି ସାରଳା ସାହିତ୍ୟ, ପଞ୍ଚସଖା ସାହିତ୍ୟ ଯାହା ଜନସମାଜକୁ ଆଧାତ୍ମିକ ଦିଗରେ ପ୍ରଭାବିତ କରିପାରିବ ସେଥିପାଇଁ ସେ ସତତ ଚେଷ୍ଟିତ ଥିଲେ । ସାରଳା ମହାଭାରତ, ବଳରାମ ଦାସଙ୍କ ଲକ୍ଷ୍ମୀପୂରାଣ, ଅତିବଡି ଜଗନ୍ନାଥ ଦାସଙ୍କ ଭାଗବତର ପ୍ରଚାର ପ୍ରସାର ପାଇଁ ସେ ଉଦ୍ୟମ କରୁଥିଲେ। ସେ ଜାଣିଥିଲେ ଜ୍ଞାନ ହିଁ ମଣିଷକୁ ଅଜ୍ଞାନ ରୁପକ ଅନ୍ଧକାରରୁ ମଣିଷକୁ ମୁକ୍ତ କରିପାରିବ । ଜ୍ଞାନ ଆହରଣ ପାଇଁ ପୁସ୍ତକ ଏକ ବଳିଷ୍ଠ ମାଧ୍ୟମ। ସେଥିପାଇଁ ସେ ହିଁ ପ୍ରଥମେ ୧୯୮୫ ମସିହାରେ ରାଜଧାନୀ ଭୁବନେଶ୍ୱରରେ ପୁସ୍ତକମେଳାର ଆୟୋଜନ କରିଥିଲେ । କଲିକତାରେ ପ୍ରତିବେଶୀ ଓଡିଆ ପ୍ରତିକା ପ୍ରକାଶନରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ଓଡିଶାରେ ଅମୃତାୟନ ମାସିକ ସାହିତ୍ୟ ପତ୍ରିକାର ୪୨ ବର୍ଷ ଧରି ପ୍ରକାଶନ କରିବା, ସମୟ ସମ୍ବାଦପତ୍ରର ସଂପାଦକ ଭାବେ ଓଡିଆ ଭାଷା ଓ ସାହିତ୍ୟକୁ ରୁଦ୍ଧିମନ୍ତ କରିବାରେ ତାଙ୍କର ଅବଦାନ କିଛି କମ୍ ନୁହେଁ । ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନର ପୃଷ୍ଠଭୂମୀରେ ତାଙ୍କ ଅବଦାନ ଅତୁଳନୀୟ । ମଧୁବାବୁଙ୍କ ଭଳି ତାଙ୍କର ପ୍ରତିଟି ଶ୍ୱାସରେ ସେ ଓଡିଆଙ୍କର ଉନ୍ନତି କଥା ଚନ୍ତା କରୁଥିଲେ । ପଦ୍ମ, ଜ୍ଞାନପୀଠ କିମ୍ବା କେନ୍ଦ୍ରସାହିତ୍ୟ ଏକାଡେମୀ ପୁରସ୍କାର ସେ ପାଇନାହାନ୍ତି ସତ୍ୟ, ମାତ୍ର ତାଙ୍କର ଓଡିଶା ମାଟି, ଓଡିଆ ଜାତି, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ତାଙ୍କର ମମତ୍ୱବୋଧ ଓ ଅବଦାନ ତାଙ୍କୁ ଓଡିଆ ସାହିତ୍ୟର ମୁକୁଟ ବିହୀନ ସମ୍ରାଟ ଭାବେ ଓଡିଆଙ୍କ ଜନଜୀବନରେ ସ୍ମରଣୀୟ କରି ରଖିଥିବ ।

**ସଦସ୍ୟ ସାରଳା ଦାସ ସ୍ମୃତି ସଂସଦ,**
**ଓଡିଶା, ଭୁବନେଶ୍ୱର**
**ମୋ– ୯୪୩୮୫୫୫୭୭୦**

# କୀର୍ତ୍ତି ଯସ୍ୟ ସଜୀବତି

**ଡଃ ପ୍ରେମଲତା ଦେବୀ**

ଜନୈକ ଆଦର୍ଶ ବ୍ୟକ୍ତିତ୍ୱ ଶ୍ରୀଯୁକ୍ତ ସାତକଡି ହୋତା ବାସ୍ତବ ଜଗତରେ ଆଜି ଆଉ ନାହାନ୍ତି । ମାତ୍ର ତାଙ୍କର ସାରସ୍ୱତ କୃତୀ, ପ୍ରଶାସନିକ ସେବା, ତାଙ୍କର ଓଡ଼ିଆ ଭାଷା ପ୍ରତି ଅନୁରାଗ ତାଙ୍କୁ କାଳ କାଳ ଧରି ଜୀବିତ ରଖିବ । ସେ ଥିଲେ ସୁପ୍ରଶାସକ, ସାମ୍ବାଦିକ, ସଙ୍ଗଠକ, ଅନେକ ସାହିତ୍ୟ ଅନୁଷ୍ଠାନର ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଆଦି ବହୁ ପଦପଦବୀରେ ସେ ଥିଲେ । ଅଧିକାରୀ କଥାରେ ଅଛି କୀର୍ତ୍ତି, ଯସ୍ୟ ସଂଜୀବତି, ମନୁଷ୍ୟର ମରଶରୀରକୁ ଅଜର ଅମର କରି ରଖେ ତାହାର କୃତି ଓ କୀର୍ତ୍ତି । ମଣିଷ ଜନ୍ମ ଈଶ୍ୱରଙ୍କ ସୃଷ୍ଟିରେ ଦୁର୍ଲଭ ପୁଣି ଦେବତୁଲ୍ୟ । ସାତକଡି ସାର୍‌ଙ୍କ ଭଳି ବ୍ୟକ୍ତିତ୍ୱ ବିରଳ ଓ ସୁଦୁର୍ଲଭ । ସେ ଥିଲେ ଖୁବ୍ ସରଳ, ନିଷ୍କପଟ, ନିଃସ୍ୱାର୍ଥପର ମଣିଷଟିଏ । ସାଧାରଣତଃ ମୟୂରଭଞ୍ଜ ଲୋକମାନେ ଟିକେ ସରଳ । ମୟୂରଭଞ୍ଜର ବାଙ୍ଗିରିପୋଷିର ଜଗନ୍ନାଥଖୁଣ୍ଟାରେ ତାଙ୍କର ଜନ୍ମ । ସରଳ ନିରାଡମ୍ବର ପ୍ରାକୃତିକ ପରିବେଶରେ ବଢି ଦାରିଦ୍ର୍ୟର କଷାଘାତରେ ବାଲ୍ୟକାଳ କଟାଇଥିଲେ । ଆଶ୍ଚର୍ଯ୍ୟ ଲାଗେ ସେ କିପରି ଜଣେ ପ୍ରଶାସନିକ ଅଧିକାରୀ ତଥା ସୁସାହିତ୍ୟିକ ଭାବରେ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ଅନୁବାଦ, ଭ୍ରମଣ କାହାଣୀ ରଚନା କରିଗଲେ । ସାରସ୍ୱତ ଆକାଶରେ ସେ ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କ । ସେ ତାଙ୍କର ଅଶାନ୍ତ ଅରଣ୍ୟ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ୧୯୮୬ରେ । ୨୦୦୪ରେ ଶାରଳା ପୁରସ୍କାର ଆଦି ଅନେକ ସମ୍ମାନଜନକ ପୁରସ୍କାର ପାଇଥିଲେ । ଉତ୍କଳ ଭାରତୀ ପୁରସ୍କାର, ଫକୀର ମୋହନ ପୁରସ୍କାରାଦି ଅନେକ ପୁରସ୍କାର ପାଇଥିଲେ । ଶ୍ରୀଯୁକ୍ତ ହୋତା ଜଣେ ସାମ୍ବାଦିକ ମଧ ଥିଲେ । 'ସମୟ' ଖବରକାଗଜର ସେ ଥିଲେ ସମ୍ପାଦକ । ଅମୃତାୟନ ପତ୍ରିକା ମଧ ସେ ସମ୍ପାଦନା କରୁଥିଲେ । ଛାତ୍ର ଜୀବନରେ ସେ କବିତା ଲେଖୁଥିଲେ । ଛାତ୍ର ସଙ୍ଗଠନର ନେତା ମଧ ହୋଇଥିଲେ । ବହୁ ସାହିତ୍ୟିକ ଅନୁଷ୍ଠାନମାନଙ୍କରେ ସେ ସଭାପତି ଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ମଧ ଥିଲେ । ଆତ୍ମଜୀବନୀ 'ମୋ ସମୟ' ମଧ ତାଙ୍କ ଲେଖନୀ ନିଃସୃତ । ବ୍ୟାକୁଳ ହୃଦୟ ମୁହାଁମୁହିଁ ଶତାବ୍ଦୀର ଶେଷ ପ୍ରଥମ ଅଧ୍ୟାୟ ଆଦି ତାଙ୍କ ରଚିତ ଉପନ୍ୟାସ 'ମହାସ୍ନାନ', 'ଅସମୟ', 'ନୀଳାଚଳକୁ ରାସ୍ତା' ଆଦି ଅନେକ କ୍ଷୁଦ୍ର ଗଳ୍ପ ରଚନା କରିଛନ୍ତି । ତାଙ୍କର ଏକ ଭ୍ରମଣ କାହାଣୀ 'ଦିବ୍ୟଭୂମି ଭାରତ' ସେ ଲେଖିଯାଇଛନ୍ତି । ସେହିପରି ଅନୁବାଦ ପୁସ୍ତକ ମଧ ରହିଅଛି । ସର୍ବଭାରତୀୟ ସ୍ତରରେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ରେଳବାଇ ଟ୍ରାଫିକ୍ ସେନାରେ ଯୋଗ ଦେଇଥିଲେ । ଦକ୍ଷିଣ–ପୂର୍ବ ରେଳବାଇର ମୁଖ୍ୟ ପ୍ରବନ୍ଧକ ଭାବରେ କାର୍ଯ୍ୟ କରିଥିଲେ । ଖୋର୍ଦ୍ଧାର ଡିଭିଜନାଲ ସୁପରିନ୍‌ଟେଣ୍ଡେଣ୍ଟ ଥିଲାବେଳେ ଖୋର୍ଦ୍ଧାରେ ମହିଳା ସମିତି, କୁଷ୍ଠାଶ୍ରମ, ଜଟଣୀ କଲେଜ ଆଦି ବହୁତ କିଛି ପ୍ରତିଷ୍ଠା କରିଥିଲେ । ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଥିଲାବେଳେ ସାରଳା ଦାସଙ୍କ ମହାଭାରତର ହିନ୍ଦୀ ଅନୁବାଦ କରାଇଥିଲେ । ସର୍ବପରି ସେ ଜଣେ ସୁଶାସକ, ସମାଜସେବୀ, ସଙ୍ଗଠକ ଥିଲେ ।

ଏତେ ଉଚ୍ଚ ପଦବୀରେ ଥାଇ ମଧ୍ୟ ତାଙ୍କୁ 'ମୁଁ' କାର ସ୍ପର୍ଶ କରିନଥିଲା । ତାଙ୍କୁ ଅଜାତଶତ୍ରୁ କହିଲେ ଅତ୍ୟୁକ୍ତି ହେବନାହିଁ । ଓଡ଼ିଆ ସାହିତ୍ୟ ତାଙ୍କ ଯୋଗୁ ହିଁ ରୁଦ୍ଧିମନ୍ତ ହୋଇପାରିଛି । ତେଣୁ ତାଙ୍କର କୃତୀ ଓ କୀର୍ତ୍ତି ତାଙ୍କୁ ପାଠକ ସମାଜରେ ଅନୁଷ୍ଠାନମାନଙ୍କରେ ସମ୍ପାଦନା କ୍ଷେତ୍ରରେ ଅମର କରି ରଖିବ । ତାଙ୍କ ଆତ୍ମାର ସଦ୍‌ଗତି ହେଉ, ସେ ଅବିସ୍ମରଣୀୟ । ଏ ଜାତି, ଭାଷାକୁ ସୁରକ୍ଷା ଦେବା ଭଳି ତାଙ୍କ ଭଳି ଜଣେ ଦେବଦୂତ ଯେ ଆଉ ଜନ୍ମନେବେ କହିବା ବାହୁଲ୍ୟ ।

ଭଗବାନ ତାଙ୍କ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ ।




(ବାମ)ରୁ ବିଜେଡିର ପ୍ରାର୍ଥୀଭାବେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା ଦେବାଶିଷ ସାମନ୍ତରାୟ ଓ ଶୁଭାଶିଷ ଖୁଣ୍ଟିଆଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍

### ମର୍କତନଗରରେ ଦୁଇ ହୋଟେଲ ଉପରେ ସିଏମସିର ଚଢାଉ

## ମୋଟ୍ ୬୦ ହଜାର ଜୋରିମାନା ଆଦାୟ

କଟକ (ସବ୍ୟୁ): ମର୍କତନଗର ସେକ୍ଟର-୬ ଏବଂ ୯ରେ ବିନା ଲାଇସେନ୍ସରେ ଚାଲିଥିବା ଦୁଇଟି ହୋଟେଲ ଉପରେ କଟକ ମହାନଗର ନିଗମ ଖାଦ୍ୟ ସୁରକ୍ଷା, ଓ ଏନଫୋର୍ସମେ ବିଭାଗ ପକ୍ଷରୁ ଚଢାଉ କରାଯାଇ ପ୍ରତ୍ୟେକଙ୍କ ନିକଟରୁ ୩୦ ହଜାର ଟଙ୍କା ଲେଖାଏଁ ଜୋରିମାନା ଆଦାୟ କରାଯାଇଛି । ସେହିପରି ଉଭୟ ପ୍ରତିଷ୍ଠାନକୁ ସିଏମସି ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି କରାଯାଇଛି । କଟକ ସହରରେ ବ୍ୟବସାୟ ବାଣିଜ୍ୟ କରିବା ନିମନ୍ତେ ଓ ଖାଦ୍ୟ ପଦାର୍ଥ ବିକ୍ରୟ ପାଇଁ ଟ୍ରେଡ ଲାଇସେନ୍ସ ଓ ଫୁଡ୍ ଲାଇସେନ୍ସର ଆବଶ୍ୟକତା ଥିଲା ବେଳେ ଏହି ନିୟମକୁ ଉଲ୍ଲଙ୍ଘନ କରି କେତେକ ବ୍ୟବସାୟିକ ପ୍ରତିଷ୍ଠାନ ବେପାର ବଣିଜ କରୁଥିବା ସଂପର୍କରେ ଜଣାପଡିବା ପରେ ଉପରୋକ୍ତ ବିଭାଗ ପକ୍ଷରୁ ମିଳିତ ଭାବରେ ସିଡିଏ ସେକ୍ଟର ୬ସ୍ଥିତ ସାଇ କିନୋଲ ହୋଟେଲ ଉପରେ ଚଢାଉ କରାଯାଇଥିଲା । ବାସପୋଯୋଗୀ ଫ୍ଲାଟ୍‌ରେ ହୋଟେଲ ବ୍ୟବସାୟ ଚଳାଇବା, ଟ୍ରେଡ୍ ଓ ଫୁଡ୍ ଲାଇସେନ୍ସ ନଥିବା, ଅଗ୍ନି ନିରାପା ସଂକ୍ରାନ୍ତ ଏନ୍‌ଓସି ନଥିବା ସହିତ ପରିମଳ ନିୟମ ବି ଉଲ୍ଲଙ୍ଘନ କରାଯାଇଥିଲା । ଏତଦ୍ ବ୍ୟତୀତ ବାସୀ ଖାଦ୍ୟ ଗ୍ରାହକମାନଙ୍କୁ ବିକୁଥିବା ନେଇ ଜଣାପଡିବା ପରେ ପ୍ରାୟ ୮୦କେଜିରୁ ଉର୍ଦ୍ଧ୍ୱ ଖାଦ୍ୟକୁ ତୁରନ୍ତ ନଷ୍ଟ କରିଦିଆଯାଇ ଜୋରିମାନା ବାବଦକୁ ୩୦ ହଜାର ଟଙ୍କା ଆଦାୟ କରାଯାଇଥିଲା । ସେହିପରି ସେକ୍ଟର-୯ର ଓୟୋ ସହ ଅନୁବନ୍ଧିତ ଡିପି କଟେଜ୍ ନାମକ ହୋଟେଲ ଉପରେ ଚଢାଉ କରାଯାଇଥିଲା ।

### ଡିଲଏଟ ବିଶ୍ୱ ଲକଜରୀ ର୍ୟାଙ୍କିଙ୍ଗରେ

## ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସକୁ ୧୯ତମ ମାନ୍ୟତା

ଭୁବନେଶ୍ୱର (ସବ୍ୟୁ): ଅନ୍ୟତମ ଅଗ୍ରଣୀ ଜୁଏଲାରୀ ରିଟେଲର ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଡିଲଏଟର ଗ୍ଲୋବାଲ ପାଓ୍ୱର ଅଫ ଲକଜରୀ ଗୁଡସ ୨୦୨୩ ର୍ୟାଙ୍କିଙ୍ଗରେ ୧୯ତମ ସ୍ଥାନ ହାସଲ କରିଛି। ଏହି ବ୍ରାଣ୍ଡ ମଧ୍ୟ ଭାରତରେ ଶୀର୍ଷ ସ୍ଥାନ ଅଧିକାର କରିଛି । ଏଥିସହିତ ଦେଶର ଲକଜରୀ ବଜାରରେ ଏହାର ଆଧିପତ୍ୟକୁ ପୁନଃ ଦୃଢୀଭୂତ କରିଛି।



ଡିଲଏଟ ଗ୍ଲୋବାଲ ପାଓ୍ୱର୍ସ ଅଫ ଲକଜରୀ ଗୁଡସ ର୍ୟାଙ୍କିଙ୍ଗ ତାଲିକା ଜୁଏଲାରୀ, ପୋଷାକ, ଘଣ୍ଟା ଏବଂ ସୌନ୍ଦର୍ଯ୍ୟ ଉତ୍ପାଦଗୁଡିକର ବିଶ୍ୱସ୍ତରରେ ବିକ୍ରି ଏବଂ ବ୍ରାଣ୍ଡ ମୂଲ୍ୟବୋଧ ସମ୍ପର୍କରେ ଆକଳନ କରି ସଂକଳନ କରାଯାଉଛି। ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ବିଶ୍ୱସ୍ତରରେ ବିକ୍ରି ଏବଂ ବ୍ରାଣ୍ଡ ମୂଲ୍ୟରେ ଅନନ୍ୟ ପ୍ରଦର୍ଶନ ଏହାକୁ ଏହି ସ୍ୱତନ୍ତ୍ର ତାଲିକାରେ ସ୍ଥାନ ଦେବା ସହିତ ବ୍ରାଣ୍ଡ ପାଇଁ ଏକ ଉଲ୍ଲେଖନୀୟ ସଫଳତା ହୋଇଛି।

ଡିଲଏଟର ରିପୋର୍ଟ ଭାରତର ଜୁଏଲାରୀ ରିଟେଲିଂ କ୍ଷେତ୍ରରେ ହେଉଥିବା ଗତିଶୀଳ ପରିବର୍ତ୍ତନ ସମ୍ପର୍କରେ ଆଲୋକପାତ କରୁଛି ଯାହା ବିଶ୍ୱର ଦ୍ୱିତୀୟ ସର୍ବବୃହତ ବଜାର ହୋଇଛି ଏବଂ ଏଠାରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଏକ ଅଗ୍ରଣୀ କମ୍ପାନୀ ଭାବରେ ଉଭା ହୋଇଛି। ତିରିଶ ବର୍ଷର ଉତ୍କର୍ଷକୁ ନେଇ ଏହି ବ୍ରାଣ୍ଡ ଉଭୟ ସମକାଳୀନ ଏବଂ ପାରମ୍ପରିକ ଜୁଏଲାରୀ ଷ୍ଟାଇଲଗୁଡିକର ଏକ ବ୍ୟାପକ ସମ୍ଭାରରେ ଭରପୂର ହୋଇଛି। ନିର୍ଭରଯୋଗ୍ୟତା ଏବଂ ଶୁଦ୍ଧତା ପ୍ରତି ଏହାର ପ୍ରତିବଦ୍ଧତା । ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପାଇଁ ଏକ ଗ୍ରାହକଙ୍କ ପସନ୍ଦର ସମ୍ମାନଜନକ ସ୍ଥାନ ଆଣିଦେଇଛି । ଏମ.ପି ଅହମ୍ମଦ, ଚେୟାରମ୍ୟାନ୍, ମାଲାବାର ଗ୍ରୁପ ନିଜର କୃତଜ୍ଞତା ପ୍ରକାଶ କରି କହିଛନ୍ତି, 'ଡିଲଏଟ ଦ୍ୱାରା ବିଶ୍ୱ ମଞ୍ଚରେ ଆମେ ସମ୍ମାନିତ ହେବା ଆମ ପାଇଁ ଗୌରବ ଓ ସମ୍ମାନର ବିଷୟ। ଏହି ସଫଳତା ଗୁଣମାନ, ସ୍ୱଚ୍ଛତା ଏବଂ ଗ୍ରାହକ ସନ୍ତୁଷ୍ଟି ଦିଗରେ ଆମର ଦୃଢ ପ୍ରତିବଦ୍ଧତାର ଏକ ନିଦର୍ଶନ ହୋଇଛି। ଆମେ ଆମର ପରିସୀମାକୁ ପରିବ୍ୟାପ୍ତ କରି ଏବଂ ଏହି ଶିଳ୍ପରେ ନୂଆ ମାନଦଣ୍ଡ ସ୍ଥାପନ କରିବା ଦିଗରେ ଏକନିଷ୍ଠ ରହିଛୁ ।

### ବରଗଡ ଜିଲ୍ଲାରେ ୨୧୪୯ କୋଟି ଟଙ୍କାର ୬୨ ପ୍ରକଳ୍ପ ଉଦ୍‌ଘାଟିତ

# ଦେଇଥିବା ପ୍ରତିଶୃତି ପୂରଣ କରିଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ ଜିଲ୍ଲା ଗସ୍ତରେ ଯାଇ ବିଜେପୁରର କନାପାଲିଠାରେ ବରଗଡ ଜିଲ୍ଲାରେ ୨୧୪୯ କୋଟି ଟଙ୍କା ମୂଲ୍ୟର ୬୨ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି । ଏଥି ସହିତ ୨୬୩ କୋଟି ୩୩ ଲକ୍ଷ ୧୮ ହଜାର ଟଙ୍କା ବ୍ୟୟରେ ୨୧ଟି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ଦେଇଛନ୍ତି । ଉଦ୍‌ଘାଟିତ ପ୍ରକଳ୍ପ ଗୁଡିକ ମଧ୍ୟରେ ଓଡିଶାର ଜଳସେଚନର ବିକାଶ କ୍ଷେତ୍ରରେ ଆଉ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ୧୬୭୭ କୋଟି ୪୨ ଲକ୍ଷ ଟଙ୍କା ବ୍ୟୟରେ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ, ୧୦୬ କୋଟି ୬ ଲକ୍ଷ ଟଙ୍କା ବ୍ୟୟରେ ୫ ମହଲା ବଶିଷ୍ଟ ୧୦୦ ଶଯ୍ୟା ବିଶିଷ୍ଟ କର୍କଟ ରୋଗ ଚିକିତ୍ସା କେନ୍ଦ୍ର, ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ୨୨ କୋଟି ୭୮ ଲକ୍ଷ ଟଙ୍କା ବ୍ୟୟରେ ରୂପାନ୍ତରିତ ନୃସିଂହନାଥ ପୀଠ ପ୍ରମୁଖ ରହିଛି । ସୋହେଲା-ନୂଆପଡା ବିଜୁ ଏକ୍ସପ୍ରେସ ୱେ, ୩୧୭ଟି ହାଇସ୍କୁଲ ରୂପାନ୍ତରିତ କାର୍ଯ୍ୟ ମଧ୍ୟ ସଂପନ୍ନ ହୋଇଛି । ଏଥି ସହିତ ୫୬ଟି କଲେଜକୁ ଅତ୍ୟାଧୁନିକ ଶିକ୍ଷା ବ୍ୟବସ୍ଥାରେ ରୂପାନ୍ତର କାର୍ଯ୍ୟ, ୫ଟି ସ୍ୱାସ୍ଥ୍ୟ ଅନୁଷ୍ଠାନକୁ 'ଆମ ହସ୍ପିଟାଲ'କୁ ରୂପାନ୍ତରଣ, ୧୮୫ଟି ବ୍ୟାଙ୍କ ନଥିବା ଗ୍ରାମପଞ୍ଚାୟତମାନଙ୍କୁ 'ଆମ ବ୍ୟାଙ୍କ' ସୁବିଧା, ଲକ୍ଷ୍ମୀ ଯୋଜନାରେ ୨୬୨ଟି ବସ୍ ଷ୍ଟପେଜ୍, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଅଧିନରେ ୪୩୧ଟି କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର ଓ ଧାର୍ମିକ ସ୍ଥଳୀର ଉନ୍ନତି କାର୍ଯ୍ୟ ଏବଂ 'ଆମ ଓଡିଶା ନବୀନ ଓଡିଶା'ରେ ୧୨୬ କୋଟି ୫୦ ଲକ୍ଷ ଟଙ୍କା ବିନିମୟରେ ୩୧୩୫ଟି ପ୍ରକଳ୍ପ ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି । ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ଓଡିଶାର ଗୌରବ ସ୍ୱଭାବ କବି ଗଙ୍ଗାଧର ମେହେର ଓ ମହାନ ସ୍ୱାଧୀନତା ସଂଗ୍ରାମୀ ମା' ପାର୍ବତୀ ଗିରିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ବରଗଡ



କଳାର ଭୂମି ଓ ସଂସ୍କୃତିର ଭୂମି । ଏ ଅଞ୍ଚଳର ବୁଣାକାରମାନେ ବିଶ୍ୱରେ ଓଡିଶାର ପରିଚୟକୁ ଉଜ୍ଜ୍ୱଳ କରିଛନ୍ତି । ନିକଟରେ ବୁଣାକାର ଓ କଳାକାର ମାନଙ୍କ ପେନସନ୍ ବୃଦ୍ଧି ସଂପର୍କରେ ସୂଚନା ଦେଇଥିଲେ । ଏବେ ସାରା ରାଜ୍ୟରେ ରୂପାନ୍ତର ପର୍ବ ଚାଲିଛି ବୋଲି କହି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ, ମା' ସମଲେଇ ପ୍ରକଳ୍ପ ଭକ୍ତମାନଙ୍କ ପାଇଁ ସୁନ୍ଦର ଅନୁଭବ ଆଣିଛି ଏବଂ ଆଜି ଉଦ୍‌ଘାଟିତ ହୋଇଥିବା ରୂପାନ୍ତରିତ ପ୍ରସିଦ୍ଧ ନୃସିଂହନାଥ ପୀଠ ମଧ୍ୟ ଓଡିଶାର ଗୌରବକୁ ଆହୁରି ବୃଦ୍ଧି କରିବ ବୋଲି ସେ କହିଥିଲେ ।

ରାଜ୍ୟରେ ୫-ଟି ଉପକ୍ରମରେ ଚାଲିଥିବା ରୂପାନ୍ତର କାର୍ଯ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମର ଏହି ରୂପାନ୍ତର କାର୍ଯ୍ୟକ୍ରମରେ ହାଇସ୍କୁଲ ରୂପାନ୍ତରଣ ସଫଳତା ଅର୍ଜନ କରିଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ୪ କୋଟି ଲୋକଙ୍କ ପାଇଁ ଆଶୀର୍ବାଦ ହୋଇଛି । ପରିବହନ ସେବାରେ ଲକ୍ଷ୍ମୀ ବସ୍ ଯୋଜନା ଗାଁରେ ଲୋକଙ୍କ ଜୀବନ ଧାରାକୁ ସହଜ କରିଛି । ବଡ ବଡ ଜଳସେଚନ ପ୍ରକଳ୍ପ ଠିକ୍ ସମୟରେ ଶେଷ ହେଉଛି । ଆଜି ଓଡିଶା ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାରା ଦେଶକୁ ଖାଦ୍ୟ ଯୋଗାଉଛି । ଏଥିରେ ବରଗଡ ଜିଲ୍ଲାର ଚାଷୀ ଭାଇମାନଙ୍କର ବହୁତ ବଡ ଅବଦାନ ରହିଛି ବୋଲି ସେ କହିଥିଲେ । କ୍ରୀଡା କ୍ଷେତ୍ରରେ ଓଡିଶାର ସୁନାମ ବଢିଛି । ସେଥିରେ ବ୍ୟାଡମିଣ୍ଟନ ତାରକା ପ୍ରମୋଦ ଭଗତଙ୍କର ବିଶେଷ ଅବଦାନ ରହିଛି ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବରଗଡରେ କ୍ୟାନସର ଡାକ୍ତରଖାନା ପାଇଁ ମୁଁ କହିଥିଲି । ଆଜି ମୁଁ ତାହା ପୂରଣ କରିଛି । ପଶ୍ଚିମ ଓଡିଶାର ରୋଗୀମାନଙ୍କୁ ଏହା ଉତ୍ତମ ସେବା ଯୋଗାଇ ଦେବ । ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଲେ ଯେ ୫-ଟି ଉପକ୍ରମରେ ସାରା ରାଜ୍ୟରେ ୧୧ଟି କ୍ୟାନସର ହସ୍ପିଟାଲ କରାଯାଉଛି । ଏଥିପାଇଁ ୧ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେବ । ଆଜି ଗଙ୍ଗାଧର ମେହେର ଉଠାଜଳସେଚନ ପ୍ରକଳ୍ପ ଜରିଆରେ ଜିଲ୍ଲାର ଚାଷୀମାନଙ୍କର ଜମିକୁ ପାଣି ଯୋଗାଇବା ଆରମ୍ଭ ହେଲା । ଏହି ପ୍ରକଳ୍ପ ଜରିଆରେ ଜିଲ୍ଲାର ୬୦ ହଜାର ଏକରରୁ ଅଧିକ ଜମିକୁ ପାଣି ମିଳିବ । ଜିଲ୍ଲାର ସୋହେଲା, ବିଜେପୁର, ବରପାଲି ଓ ଡୁଙ୍ଗୁରିପାଲି ବ୍ଲକର ଚାଷୀମାନେ ଏହା ଦ୍ୱାରା ବିଶେଷ ଉପକୃତ ହେବେ ବୋଲି ସେ କହିଥିଲେ ।

**୨୬୩ କୋଟି ଟଙ୍କା ବ୍ୟୟରେ ୨୧ଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ**

**ହିରାକୁଦ ବନ୍ଧର ୩୫ମିଟର ଉଚ୍ଚକୁ ଜଳ ଉଠାଇବା ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛାଶକ୍ତି ଯୋଗୁ ସମ୍ଭବ ହୋଇଛି : ୫-ଟି ଅଧ୍ୟକ୍ଷ**

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ଚାଷୀ ଭାଇଭଉଣୀ, ମିଶନ ଶକ୍ତି ମା ଓ ଯୁବ ବର୍ଗଙ୍କୁ ବିନା ସୁଧରେ ଋଣ ଦିଆଯାଉଛି । କଲେଜ ପିଲାମାନଙ୍କ ମଧ୍ୟରେ ନୂଆ-ଓ ଛାତ୍ରବୃତ୍ତି ଆଶା ସଞ୍ଚାର କରିଛି । ସମସ୍ତଙ୍କ ସହଯୋଗରେ ଓଡିଶାରେ ଆଜି ରୂପାନ୍ତର ଆସିଛି ବୋଲି କହି ଏହି ଧାରା ଆହୁରି ଆଗକୁ ବଢିବ ଏବଂ ଆମେ ସମସ୍ତେ ମିଶି ଏକ ନୂଆ ଓଡିଶା ଗଢିବା ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇ ୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଲେ ଯେ ଯେତେବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ଗଙ୍ଗାଧର ମେହେର ପ୍ରକଳ୍ପ ଘୋଷଣା କରିଥିଲେ ସେତେବେଳେ ବହୁ ଲୋକ ଏହା ଉପରେ ସନ୍ଦେହ ସୃଷ୍ଟି କରିଥିଲେ । ହିରାକୁଦ ବନ୍ଧରୁ ବିଜେପୁର ୩୫ ମିଟର ଉଚ୍ଚରେ ଅବସ୍ଥିତ । କିନ୍ତୁ ସବୁ ସନ୍ଦେହକୁ ଦୂର କରି ମୁଖ୍ୟମନ୍ତ୍ରୀ ଦୃଢ ଇଚ୍ଛାଶକ୍ତି ବଳରେ ଆଧୁନିକ ଟେକନୋଲୋଜି ପ୍ରୟୋଗରେ ଏହାକୁ ସଫଳ କରିଛନ୍ତି । ଆଜି ମହାନଦୀରୁ ପାଇପ ଯୋଗେ ହଜାର ହଜାର ଏକର ଜମିକୁ ପାଣି ମିଳିଲା ।

ନିକଟରେ ରାଜ୍ୟ ସରକାର ବିଭିନ୍ନ କଲ୍ୟାଣକାରୀ ଯୋଜନାଗୁଡିକରେ ହିତାଧିକାରୀମାନଙ୍କର ଭତ୍ତା ବୃଦ୍ଧି କରିଛନ୍ତି । ଉପସ୍ଥିତ ଜନସାଧାରଣଙ୍କ ସହିତ ମତ ବିନିମୟ କରି କାର୍ତ୍ତିକ ପାଣ୍ଡିଆନ ମମତା, ମଧୁବାବୁ ଯୋଜନା, ବୁଣାକାର, କଳାକାର, କେନ୍ଦୁପତ୍ର ତୋଳାଳୀ ଆଦି ସମସ୍ତଙ୍କ ପାଇଁ ହୋଇଥିବା ନୂଆ ବର୍ଦ୍ଧିତ ସହାୟତା ଉପରେ ସଚେତନ କରିଥିଲେ । କାର୍ଯ୍ୟକ୍ରମରେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ, ବିଧାୟକ ଦେବେଶ ଆଚାର୍ଯ୍ୟ, ବିଧାୟିକା ବର୍ଷା ସିଂ ବରିହା ପ୍ରମୁଖ ଯୋଗ ଦେଇ କହିଥିଲେ ଯେ ବରଗଡ ଜିଲ୍ଲା ପ୍ରତି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଧ୍ୟାନ ରହିଛି । ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କ ଆନ୍ତରିକତା ଯୋଗୁ ଆଜି ବରଗଡ ଜିଲ୍ଲାର ବିକାଶ ସମ୍ଭବ ହୋଇଛି ବୋଲି ସେମାନେ କହିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ ଓ ଜିଲ୍ଲା ପରିଷଦ ସଭାପତି ମାନିନୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୈଜୟନ୍ତ ପଣ୍ଡାଙ୍କ ଉଦ୍ୟମରେ ମାଲେସିଆରୁ ଫେରୁଛି ଓଡିଆ ଯୁବକଙ୍କ ମରଶରୀର

ଭୁବନେଶ୍ୱର (ସବ୍ୟୁ): ବରିଷ୍ଠ ବିଜେପି ନେତା ତଥା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କ ଉଦ୍ୟମରେ ମାଲେସିଆରେ ଫସିଥିବା ମୃତ ଓଡିଆ ଯୁବକ ଜ୍ୟୋତିରଞ୍ଜନ ସାହୁଙ୍କ ମରଶରୀର ଫେବୃୟାରୀ ୨୨ ତାରିଖରେ କୋଲକତା ବିମାନ ବନ୍ଦରରେ ପହଞ୍ଚିବ । ଜ୍ୟୋତିରଞ୍ଜନଙ୍କ ମରଶରୀର ଭାରତ ଫେରାଇ ଆଣିବାପାଇଁ ଶ୍ରୀ ପଣ୍ଡା ମାଲେସିଆରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ଏକ ପତ୍ର ଲେଖି ନିବେଦନ କରିଥିଲେ । ଯାଜପୁର ଜିଲ୍ଲା ବରି ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ କଳଖନ୍ଦା ଗ୍ରାମର ଜଗବନ୍ଧୁ ସାହୁଙ୍କ ପୁଅ ଜ୍ୟୋତିରଞ୍ଜନ ମାଲେସିଆ ଠାରେ ଏକ ରେଷ୍ଟୁରାଣ୍ଟରେ କାମ କରୁଥିଲେ । ଗତ ଫେବୃୟାରୀ ୧୬ ତାରିଖରେ କୌଣସି କାରଣରୁ ତାଙ୍କର ସେଠାରେ ମୃତ୍ୟୁ ହୋଇଥିବା ଜ୍ୟୋତିରଞ୍ଜନଙ୍କ ସହକର୍ମୀ ପରିବାର ଲୋକଙ୍କୁ ଜଣାଇଥିଲେ । ଜ୍ୟୋତିରଞ୍ଜନଙ୍କ ପିତା ମରଶରୀରକୁ ଅନ୍ତିମ ସଂସ୍କାର ପାଇଁ ତାଙ୍କ ଗ୍ରାମକୁ ଫେରାଇ ଆଣିବା ପାଇଁ ଶ୍ରୀ ପଣ୍ଡାଙ୍କ ହସ୍ତକ୍ଷେପ ଲୋଡିଥିଲେ । ଅନୁରୋଧକ୍ରମେ ଶ୍ରୀ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କୁ ଏକ ପତ୍ର ଲେଖି ମରଶରୀରକୁ ଭାରତ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରିବାକୁ ନିବେଦନ କରିଥିଲେ । ଦୂତାବାସ ପକ୍ଷରୁ ଶ୍ରୀ ପଣ୍ଡାଙ୍କୁ ମିଳିଥିବା ପତ୍ର ଅନୁଯାୟୀ ଜ୍ୟୋତିରଞ୍ଜନଙ୍କ ମରଶରୀର ଫେବୃୟାରୀ ୨୨ ତାରିଖରେ କୋଲକତା ବିମାନ ବନ୍ଦରରେ ପହଞ୍ଚିବ ଓ ସେଠାରୁ ତାଙ୍କ ଗ୍ରାମକୁ ନିଆଯିବ ବୋଲି ଜଣାପଡିଛି ।

## ଚୋରା ମଦ ବେପାରୀ ଗିରଫ



ଜଟଣୀ (ସ.ବ୍ୟୁ): ଜଟଣୀ ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଥାନାର ଏକ ପାଟ୍ରୋଲିଂ ଟିମ୍ ନିଜ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ବିଶେଷ ସୂତ୍ରରୁ ମିଳିଥିବା ସୂଚନାକୁ ଆଧାର କରି ଜଟଣୀ ରାଜାବଜାର ମାଛ ମାର୍କେଟରେ ଅତର୍କିତ ଚଢ଼ାଉ କରିବା ସହିତ ବେଆଇନ୍ ଦେଶୀମଦ ବିକ୍ରି କରିବା ଅଭିଯୋଗକରେ ରମେଶ ପଟ୍ଟନାୟକ, ପିତା ସ୍ୱର୍ଗତ କେଳୁ ଚରଣ ପଟ୍ଟନାୟକ, ସା- ରାଜାବଜାର, ଥାନା-ଜଟଣୀ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଛାନ୍‌ଭିନ୍ନ ସମୟରେ ପୁଲିସ ଅଭିଯୁକ୍ତଙ୍କ ନିକଟରୁ ସମୁଦାୟ ୧୨.୪୦୦ଲିଟର ଦେଶୀ ଆସ୍କା-୪୦ ମଦ ଜବତ କରିଥିଲା। ପଚରାଉଚରାବେଳେ ଏହି ମଦ ବିକ୍ରୟ ନେଇ ପାଖରେ କୌଣସି ଅନୁମତି ପତ୍ର ନଥିବା ସ୍ୱୀକାର କରିଥିଲା।

### ସରିଲା ପ୍ରଥମ ଦିନର ମାଟ୍ରିକ ପରୀକ୍ଷା

## ପ୍ରଶ୍ନପତ୍ରକୁ ନେଇ ଛାତ୍ରଛାତ୍ରୀଙ୍କ ସନ୍ତୋଷ ପ୍ରକାଶ

କଟକ (ସବ୍ୟୁ): ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମଙ୍ଗଳବାର ଆରମ୍ଭ ହୋଇଥିବା ମାଟ୍ରିକ ପରୀକ୍ଷା ସୁରୁଖୁରୁରେ ଶେଷ ହୋଇଛି । ମାତୃଭାଷାର ପ୍ରଶ୍ନପତ୍ର ବେଶ ଭଲ ଥିବା ନେଇ ପରୀକ୍ଷାର୍ଥୀମାନେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ତେବେ ପରୀକ୍ଷା ୯ଟା ବେଳେ ଆରମ୍ଭ ହେଉଥିବା ବେଳେ ସକାଳ ସାଢେ ୭ଟାରୁ କେନ୍ଦ୍ରରେ ପ୍ରବେଶ ବ୍ୟବସ୍ଥାକୁ ନେଇ ଛାତ୍ରଛାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଅପରପକ୍ଷେ ପରୀକ୍ଷା କେନ୍ଦ୍ର ବାହାରେ ଚେକିଂ ସଠିକ ଭାବେ ହୋଇନଥିବା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି । କେତେକ ପରୀକ୍ଷା କେନ୍ଦ୍ରରେ ସିଟିଂ ଆରେଞ୍ଜମେ ଠିକ୍ ଭାବେ ହୋଇନଥିବା ମଧ୍ୟ ସେ କହିଛନ୍ତି । ମଙ୍ଗଳବାରଠୁ ଆରମ୍ଭ ହୋଇଥିବା ମାଟ୍ରିକ ପରୀକ୍ଷାରେ ୩୪୭ଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ପ୍ରଥମ ଦିନରେ ଛାତ୍ରଛାତ୍ରୀ ମାତୃଭାଷାରେ ପରୀକ୍ଷା ଦେଇଥିଲେ । ଚଳିତ ଥର ମାଟ୍ରିକ ପରୀକ୍ଷାକୁ ସୁପରିଚାଳନା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବ୍ୟବସ୍ଥା କରାଯାଇଛି । ପରୀକ୍ଷାକୁ ଏଆଇ କ୍ଲୋଲ ରୁମ ନିୟନ୍ତ୍ରଣ କରୁଛି । ବୋର୍ଡ କାର୍ଯ୍ୟାଳୟ ପରିସରରେ କଣ୍ଟ୍ରୋଲ ରୁମ କରାଯାଇଛି । ଏଥିରେ ୭ଟି ସ୍କ୍ରିନ ଲାଗିଛି । ଯେଉଁଠାରୁ ପୁରା ରାଜ୍ୟର ୩ ହଜାର ୪୭ଟି କେନ୍ଦ୍ର ଉପରେ ନଜର ରଖାଯାଇପାରୁଛି । ସମସ୍ତ ପରୀକ୍ଷା କେନ୍ଦ୍ରକୁ ଏଆଇଇ କ୍ୟାମେରା ଦ୍ୱାରା ଯୋଡାଯାଇଛି । ଏପରିକି ପରୀକ୍ଷା କେନ୍ଦ୍ରଗୁଡିକରେ ସିଧାସଳଖ ଲାଇଭ୍ ଷ୍ଟ୍ରିମିଂର ବ୍ୟବସ୍ଥା ମଧ୍ୟ ହୋଇଛି । ସେହିପରି କପି ରୋକିବା ଲାଗି ବୋର୍ଡ ସ୍ତରରେ ୪୧ଟି, ଡିଇଓ ସ୍ତରରେ ୭୨ଟି ସ୍କ୍ୱାଡ୍ ସହିତ ଫ୍ଲାଇଂ ସ୍କ୍ୱାଡ ଓ ସ୍ଥାନୀୟ ପ୍ରଶାସନ ସ୍ତରରେ ସ୍କ୍ୱାଡ୍ ଗଠନ କରାଯାଇଛି ।

### ସମ୍ବଲପୁରରେ ଓଡ଼ିଶାର ପ୍ରଥମ ସ୍କିଲ୍ ଇଣ୍ଡିଆ ସେଣ୍ଟର ଉଦଘାଟିତ

## ବାର୍ଷିକ ହଜାରେ ଯୁବବର୍ଗଙ୍କୁ ସ୍ୱରୋଜଗାରର ବାଟ ଦେଖାଇବ ସ୍କିଲ୍ ଇଣ୍ଡିଆ ସେଣ୍ଟର : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁର ଗସ୍ତରେ ଥିବା ବେଳେ ମାଝିପାଲି ଠାରେ ଓଡ଼ିଶାର ପ୍ରଥମ ସ୍କିଲ୍ ଇଣ୍ଡିଆ ସେଣ୍ଟର(ଏସଆଇସି)ର ଉଦଘାଟନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ମଙ୍ଗଳବାର ଉଦଘାଟିତ ସ୍କିଲ୍ ଇଣ୍ଡିଆ ସେଣ୍ଟର ବାର୍ଷିକ ହଜାର ପିଲାଙ୍କୁ ଦକ୍ଷ କରିବା ସହ ସେମାନଙ୍କୁ ରୋଜଗାର ଓ ସ୍ୱରୋଜଗାରର ବାଟ ଦେଖାଇବ । ଏହି ପିଲାମାନେ ମୋଦି ଗ୍ୟାରେଣ୍ଟିରେ ଯୋଡି ହୋଇ ବିକଶିତ ଭାରତ ଗଠନ ଦିଗରେ ଅଗ୍ରସର ହେବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମଙ୍ଗଳବାର ଯୁବଶକ୍ତିଙ୍କୁ କୁଶଳୀ କରିବା ଲକ୍ଷରେ ଏହି ସ୍କିଲ ଇଣ୍ଡିଆ ସେଣ୍ଟରକୁ ଉଦଘାଟନ କରିଥିଲେ । ଏହି ଗସ୍ତ କାଳରେ କେନ୍ଦ୍ରମନ୍ତ୍ରୀ ସମ୍ବଲପୁର ପିଏମ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରୁ ଭିଡିଓ କନଫରେନ୍ସିଂ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦଘାଟିତ ଓ ଶିଳାନ୍ୟାସ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଡିହୋଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି ଜାମ୍ମୁ କାଶ୍ମୀରରୁ ଭିସି ଜରିଆରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରଣାଳୟର ମୋଟ ପ୍ରାୟ ୧୭,୦୦୦ କୋଟି ଟଙ୍କାର ଭିତ୍ତିଭୂମି ପ୍ରକଳ୍ପ ଗୁଡିକର ଉପହାରକୁ ରାଷ୍ଟ୍ର



ଉଦ୍ଦେଶ୍ୟରେ ସମର୍ପିତ କରିଥିଲେ ।

ଏ ନେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଶାରେ ଆଇଜର ବ୍ରହ୍ମପୁରର ସ୍ଥାୟୀ କ୍ୟାମ୍ପସର ଉଦଘାଟନ ସହ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ପାଇଁ ଶିଳାନ୍ୟାସ ହେବା ଖୁସିର ବିଷୟ । ୨୦.୯୪ କୋଟି ଟଙ୍କା ବ୍ୟୟରେ କେନ୍ଦ୍ରୀୟ ବିଦ୍ୟାଳୟ, ମୁଣ୍ଡଳି ଓ ୧୫.୮୧ କୋଟି ଟଙ୍କା ବ୍ୟୟରେ କେନ୍ଦ୍ରୀୟ ବିଦ୍ୟାଳୟ, ସୋନପୁରର ନୂତନ ଭବନ ଉଦଘାଟନ ସ୍ଥାନୀୟ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷାର ମାନକୁ ବଢାଇବ । ସୁନ୍ଦରଗଡ଼ ଜିଲ୍ଲାରେ ୨୫.୮୨ କୋଟି ଟଙ୍କା ବ୍ୟୟରେ କେନ୍ଦ୍ରୀୟ ବିଦ୍ୟାଳୟ, କୁତ୍ରା, ନୂଆପଡା ଜିଲ୍ଲାରେ ୩୦.୬୧ କୋଟି ଟଙ୍କା ବ୍ୟୟରେ କେନ୍ଦ୍ରୀୟ ବିଦ୍ୟାଳୟ, ଖରିଆଳ ଏବଂ ୨୬.୬୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ନୂଆପଡାର ଶିଳାନ୍ୟାସ ହୋଇଛି । ଏହା ଦ୍ୱାରା ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀମାନେ ବିଶେଷ ଉପକୃତ ହୋଇପାରିବେ । ଏହାବ୍ୟତୀତ ୪.୫୦ କୋଟି ଟଙ୍କା ବ୍ୟୟରେ ପିଏମ୍ ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟ, ସମ୍ବଲପୁରର ବହୁମୁଖୀ ସଭାଗୃହର ଶିଳାନ୍ୟାସ ଓ ଫୁଟବଲ ବିତରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ସହ ସ୍କିଲ୍ ଲ୍ୟାବର ମଧ୍ୟ ଉଦଘାଟନ ହେବା ବଡ ଉପଲବ୍ଧି ବୋଲି ସେ କହିଥିଲେ ।

ପିଏମ୍ ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟ, ସମ୍ବଲପୁରରେ ଶିଳାନ୍ୟାସ ହୋଇଥିବା ବହୁମୁଖୀ ସଭାଗୃହ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ପ୍ରତିଭା ବିକଶିତ କରିବା ଦିଗରେ ସହାୟକ ହେବ । ସେହିପରି ସମ୍ବଲପୁରରେ ସ୍କିଲ ଇଣ୍ଡିଆ ସେଣ୍ଟରକୁ ଉଦଘାଟନ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଏକବିଂଶ ଶତାବ୍ଦୀର ଆବଶ୍ୟକତାକୁ ଧ୍ୟାନରେ ରଖି ନୂଆପିଢିର ଯୁବକ ଯୁବତୀ ମାନେ ନିଜକୁ ଦକ୍ଷ ବନାଇବା ମୋଦି ସରକାରଙ୍କ ଲକ୍ଷ୍ୟ ରହିଛି । ଏହି ମର୍ମରେ ଯୁବକ ଯୁବତୀ ମାନଙ୍କୁ ସ୍କିଲ୍ ଇଣ୍ଡିଆ ମିଶନ ଅଧୀନରେ ଓଡ଼ିଶାର ଯୁବପିଢ଼ିଙ୍କୁ ଧନ୍ଦାମୂଳକ ତାଲିମ ଦେବା ସହ ସେମାନଙ୍କର ଦକ୍ଷତା ବିକାଶ ପାଇଁ ସମ୍ବଲପୁରରେ ସ୍କିଲ୍ ଇଣ୍ଡିଆ ସେଣ୍ଟର ପ୍ରତିଷ୍ଠା କରାଯାଇଛି । ଏହାବ୍ୟତିତ ସମ୍ବଲପୁର ଭେଦିକ ଇଣ୍ଟରନ୍ୟାସନାଲ ସ୍କୁଲରେ 'ରୋବଟିକ୍ସ ସେଣ୍ଟର'କୁ ଉଦଘାଟନ କରିଥିଲେ କେନ୍ଦ୍ରମନ୍ତ୍ରୀ ।


### ବାସଗୃହ ନିର୍ମାତାଙ୍କ ପାଇଁ ନିଜର ପ୍ରତିବଦ୍ଧତାକୁ ଶୀର୍ଷକୁ ନେଉଛି ଡାଲମିଆ ସିମେଣ୍ଟ

## ବ୍ରାଣ୍ଡ ଆମ୍ବାସାଡର ଭାବରେ ସୁପରଷ୍ଟାର୍ ରଣବୀର ସିଂ ସାମିଲ

ଭୁବନେଶ୍ୱର (ସବ୍ୟୁ): ବାସଗୃହର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ରୁଫ୍ କଲମ୍ ଫାଉଣ୍ଡେସନରେ ସିମେଣ୍ଟର ସଠିକ ବ୍ୟବହାର କ୍ଷେତ୍ରରେ ଗ୍ରାହକମାନଙ୍କୁ ମାର୍ଗଦର୍ଶନ ଓ ସହାୟତା କରିବାକୁ ଡାଲମିଆ ସିମେଣ୍ଟ ତାହାର ନୂଆ ପ୍ରଚାର ଅଭିଯାନ 'ଆର୍ସିଏଫ୍ ଷ୍ଟ୍ରଙ୍ଗ ତୋ ଘର୍ ଷ୍ଟ୍ରଙ୍ଗ' ସହିତ ନିଜର ବ୍ରାଣ୍ଡ୍ ଅଗ୍ରାଧିକାରତାରେ ବୈଷୟିକଗତ ସ୍ଥାନାନ୍ତରଣ ଆଣୁଛି । ନୂଆ ଗ୍ରାହକ କୈନ୍ଦ୍ରିକ ବାର୍ତ୍ତା ବାସଗୃହ ନିର୍ମାତା ଓ ଠିକାଦାରଙ୍କ ମଧ୍ୟରେ ସଠିକ ସିମେଣ୍ଟ ପସନ୍ଦ କରିବା, ଏହାକୁ ସଠିକ ଉପାୟରେ ବ୍ୟବହାର କରିବା ଏବଂ ସେମାନଙ୍କର ସ୍ୱପ୍ନର ବାସଗୃହ ନିର୍ମାଣ ନିମନ୍ତେ ସର୍ବୋତ୍ତମ ନିର୍ମାଣ କାର୍ଯ୍ୟାଭ୍ୟାସ ଅନୁସରଣ କରିବା ସକାଶେ ସଚେତନତା ସୃଷ୍ଟି ନିମନ୍ତେ ଲକ୍ଷ୍ୟ ରଖୁଛି । ଡାଲମିଆ ସିମେଣ୍ଟକୁ 'ଆର୍ସିଏଫ ଏକ୍ସପର୍ଟ' ଭାବରେ ମଜଭୁତ ଭାବରେ ଅବସ୍ଥାପିତ କରିବାକୁ ଥିବା ପ୍ରଚାର ଅଭିଯାନରେ ସୁପରଷ୍ଟାର୍ ରଣବୀର ସିଂଙ୍କୁ ଦେଖିବାକୁ ମିଳିବ । ଅଗ୍ରାଧିକାର ଭିତ୍ତିରେ ବୈଷୟିକ ଜ୍ଞାନକୌଶଳ




ଏବଂ ଅତୁଳନୀୟ ସେବା ଯୋଗାଣ ଭଳି ବ୍ରାଣ୍ଡ୍‌ର ବାର୍ତ୍ତା ସହିତ ପ୍ରଭାବକାରିତା ଯୋଗ କରୁଥିବା ସୁପରଷ୍ଟାର୍ ରଣବୀର ସିଂଙ୍କୁ ନେଇ ପୂର୍ଣ୍ଣାଙ୍ଗ ମଲ୍ଟିମିଡିଆ ଆଭିମୁଖ୍ୟ ଜରିଆରେ ଏହା ପ୍ରଚଳନ କରାଯିବ, ଯାହା 'ଆର୍ସିଏଫ ଷ୍ଟ୍ରଙ୍ଗ ତୋ ଘର୍ ଷ୍ଟ୍ରଙ୍ଗ' ସ୍ଲୋଗାନ୍‌କୁ ଅଧିକ ପ୍ରଭାବୀ କରି ଗଢିତୋଳୁଛି । ଏହି ପ୍ରୟାସ ସମ୍ପର୍କରେ ମତ ଦେଇ ପୁନିତ ଡାଲମିଆ, ଏମ୍‌ଡି ଓ ସିଇଓ କହିଛନ୍ତି, ବିଗତ ଆଠ ଦଶନ୍ଧିରେ ଆମର ଚମକଦାର ଯାତ୍ରା କାଳରେ ଡାଲମିଆ ସିମେଣ୍ଟ ଆମ ରାଷ୍ଟ୍ରକୁ ମୂଳରୁ ଗଢିତୋଳିବା ସକାଶେ କାନ୍ଧକୁ କାନ୍ଧ ମିଳାଇ ଛିଡା ହୋଇଛି, ଏବଂ ଏହା ଉଦାହରଣଯୋଗ୍ୟ ଜାତୀୟ ଚିହ୍ନ ସୃଷ୍ଟି ଏବଂ ନିୟୁତାଧିକ ଲୋକଙ୍କ ପାଇଁ ଖୁସିର ଘର ନିର୍ମାଣ ଦିଗରେ ଅବଦାନ ରଖୁଛି । ଆମର ନୂଆ ବ୍ରାଣ୍ଡ୍ ପ୍ରଚାର ଅଭିଯାନ କେବଳ ଏକ ବିଶିଷ୍ଟ ପରମ୍ପରାର ପ୍ରତିଫଳନ ନୁହେଁ, ତାହାସହିତ ଏହା ଗ୍ରାହକ କୈନ୍ଦ୍ରିକତା ପ୍ରତି ଏକ ପ୍ରତିବଦ୍ଧତା ହୋଇଛି ।




















# ଗାଁ-ସହରକୁ ଯୋଡୁଛି ଲକ୍ଷ୍ମୀ

**ଉପାନ୍ତରୁ ସହରାଞ୍ଚଳ, ପଞ୍ଚାୟତରୁ ବ୍ଲକ୍ ଲୋକଙ୍କ ଗମନାଗମନକୁ ସୁଗମ କରୁଛି 'ଲକ୍ଷ୍ମୀ' ବସ୍ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରିକଳ୍ପନାକୁ ସାକାର କରିଛନ୍ତି ୫-ଟି ଓ ନବୀନ ଓଡିଶା ଅଧ୍ୟକ୍ଷ ଭି କାର୍ତ୍ତିକ ପାଣ୍ଡିଆନ । କେବଳ ଲୋକଙ୍କ ଯାତାୟତ ସହଜ କରିଛି ତା ନୁହେଁ, ବରଂ ମା'ମାନଙ୍କୁ ସ୍ୱାବଲମ୍ବୀ କରିଛି । ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ମହିଳାମାନେ ଏହାର ଦାୟିତ୍ୱ ହାତକୁ ନେଇଛନ୍ତି । ସମଗ୍ର ରାଜ୍ୟରେ ହଜାରେ ବସ୍ ଗଡିବାକୁ ଯୋଜନା ରଖିଛନ୍ତି ସରକାର ।**



## ମହିଳା ହେଉଛନ୍ତି ସଶକ୍ତ




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ତତ୍ତ୍ୱାବଧାନରେ ଗାଁ ଗାଁରେ ଲକ୍ଷ୍ମୀ ବସ୍ ଆଗେଇ ଚାଲିଛି । ଏହି ଯୋଜନାରେ ଶ୍ରୀ ପାଣ୍ଡିଆନ ମହିଳାମାନଙ୍କୁ ଅଗ୍ରାଧିକାର ଦେଉଛନ୍ତି ।

ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଲୋକେ କିପରି ସହରକୁ ଗମନାଗମନ କରିବେ, ସେଥିପାଇଁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି 'ଲକ୍ଷ୍ମୀ' ଯୋଜନା । ଲକ୍ଷ୍ମୀ ଯୋଜନାରେ ପଞ୍ଚାୟତରୁ ବ୍ଲକକୁ ବସ ଚାଳାଚଳର ସୁବିଧା କରାଯାଇଛି । ସାରା ରାଜ୍ୟରେ ୧୦୦୦ରୁ ଅଧିକ ବସ ଚାଲିବ । କେବଳ ପରିବହନ କ୍ଷେତ୍ର ନୁହେଁ ଏକାଧିକ କ୍ଷେତ୍ରରେ ଲକ୍ଷ୍ମୀ ଯୋଜନାର ଅବଦାନ ରହିଛି । ୫-ଟି ଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମା'ମାନେ ସଶକ୍ତ ଓ ସ୍ୱାବଲମ୍ବୀ ହେଉଛନ୍ତି । ବସ୍‌ର ପରିଚାଳନା କାର୍ଯ୍ୟ ସ୍ୱୟଂସହାୟକ ଗୋଷ୍ଠୀକୁ ଦିଆଯାଇଛି । ଯାହା ଦ୍ୱାରା ମହିଳା ସଶକ୍ତିକରଣକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି।

'ଲକ୍ଷ୍ମୀ'ଯୋଜନାରେ କେବଳ ଏସ୍ଏଚ୍‌ଜି ମହିଳାମାନେ ଉପକୃତ ହେବେନି, ବରଂ ସ୍ଥାନୀୟ ମହିଳାମାନେ ସ୍ୱାବଲମ୍ବୀ ହେଉଛନ୍ତି । ସ୍ଥାନୀୟ ମହିଳାମାନେ ବସ୍ କଣ୍ଡକ୍ଟର ଭାବେ ନିଯୁକ୍ତି ପାଉଛନ୍ତି । ଏହାସହିତ ସ୍ଥାନୀୟ ଯୁବପିଢ଼ୀମାନଙ୍କୁ ମଧ୍ୟ ନିଯୁକ୍ତି ସୁଯୋଗ ମିଳୁଛି । ଫଳରେ ବେରୋଜଗାର ହାର କମିବାରେ ଲାଗୁଛି । ବିଭିନ୍ନ ଜିଲ୍ଲାରେ ଅଧିକ ସଂଖ୍ୟକ 'ଲକ୍ଷ୍ମୀ' ବସ୍ ଚଳାଚଳ କରିବାରୁ ବସ୍ ଚାଳକ ବି ନିଯୁକ୍ତି ପାଉଛନ୍ତି ।






## ଦୁର୍ଗମ ଅଞ୍ଚଳରେ ଗମନାଗମନ ସୁଗମ କରୁଛି

ସମଗ୍ର ରାଜ୍ୟରେ ପର୍ଯ୍ୟାୟକ୍ରମେ ଲକ୍ଷ୍ମୀବସ୍ ଗଡ଼ିବା ଫଳରେ ସାଧାରଣ ଜୀବନ ସହଜ ଓ ସୁଲଭ ହୋଇପାରିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାନସ ସନ୍ତାନ ଏହି ଲକ୍ଷ୍ମୀବସ୍ ଏବେ ୧୦୦୦ରୁ ଅଧିକ ସଂଖ୍ୟାରେ ନିୟୋଜିତ ହେବା ପ୍ରକ୍ରିୟା ଆଗେଇ ଚାଲିଛି । ଏଥିପାଇଁ ରାଜ୍ୟ ସରକାର ୩ ପଏଣ୍ଟ ସହ ୭୮ କୋଟି ଟଙ୍କା ବୟବରାଦ କରିଛନ୍ତି । ଓଡ଼ିଶାର ଅର୍ଥନୈତିକ ବୃଦ୍ଧି ପାଇଁ ଯାତ୍ରୀ ପରିବହନ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇଥିବା ବେଳେ ଲକ୍ଷ୍ମୀ ବସ୍ ଯୋଜନା ଏହାକୁ ବାସ୍ତବରେ ପରିଣତ କରିଛି । ଇତିମଧ୍ୟରେ ୨୦ଟି ଜିଲ୍ଲାରେ ଲକ୍ଷ୍ମୀବସ୍ ଗଡ଼ିଛି ଓ ଆଗାମୀ ଦିନରେ ଅନ୍ୟ ଜିଲ୍ଲା ଗୁଡିକରେ ଏହା ଯୋଜନା ରହିଛି । ସରକାରଙ୍କ ଏହି ଦୂରଦୃଷ୍ଟି ସମ୍ପୂର୍ଣ୍ଣ ଯୋଜନା ଏବେ ଜିଲ୍ଲା ପରେ ଜିଲ୍ଲା ଅତିକ୍ରମ କରି ଚାଲିଛି । ଲକ୍ଷ୍ମୀ ଯୋଜନା ଦ୍ୱାରା ବ୍ଲକ ସଂଯୋଗୀକରଣ ଫଳରେ ଗ୍ରାମାପଞ୍ଚାୟତ ଓ ଏହାର ବ୍ଲକ ମୁଖ୍ୟଲକ୍ଷ୍ୟ ସହିତ ଯୋଗାଯୋଗ ସୁବିଧା ହୋଇଛି । ମହିଳା ଛାତ୍ର ଛାତ୍ରୀ, ଦିବ୍ୟାଙ୍ଗମାନଙ୍କ ସାହାରା ପାଲଟିଥିବା ଲକ୍ଷ୍ମୀ ବସ୍ ଆଗାମୀ ଦିନରେ ଏହାର ଜୟଯାତ୍ରା ଅବ୍ୟାହତ ରଖିବ ଓ ରାଜ୍ୟର କୋଟି କୋଟି ମହିଳା, ଛାତ୍ର ଛାତ୍ରୀଙ୍କ ଦ୍ୱାରା ଆଦୃତ ହୋଇ ଦେଶର ପରିବହନ ସେବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ମହିଳାମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରି ହୋଇଥିବା ଅନ୍ୟ କଲ୍ୟାଣକାରୀ ଯୋଜନା ଭଳି ଏହି ଲକ୍ଷ୍ମୀ ବସ୍ ଯୋଜନା ମଧ୍ୟ ଲୋକପ୍ରିୟତା ହାସଲ କରିଛି । ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ମାଡ଼ି ଚାଲିବା ପରେ ଅନ୍ୟ ଜିଲ୍ଲାରେ ମଧ୍ୟ ଏଭଳି ଯୋଜନାକୁ ସାଧାରଣରେ ସ୍ୱାଗତ କରାଯାଇଛି ।





# ଅନୀଲ ବାଘ ଜିଲ୍ଲା ଚାମ୍ପିଅନ



ଆଠମଲ୍ଲିକ, ୨୦।୨ (ସବ୍ୟୁ) : ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ଏନଏସିର ୧୦ ନମ୍ବର ୱାର୍ଡ ଚାରିଘରିଆ ସାହି ନିବାସୀ ଅରକ୍ଷିତ ବାଘ ଏବଂ ସୁଶାନ୍ତି ବାଘଙ୍କ କନିଷ୍ଠ ପୁତ୍ର ଅନିଲ କୁମାର ବାଘ ଅନୁଗୁଳ ଜିଲ୍ଲାର ନାଲକୋସ୍ଥିତ ବିଜୁ ପଟ୍ଟନାୟକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଅନୁଗୁଳ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ତିରିଶ ତମ ଜିଲ୍ଲା ବାର୍ଷିକ କ୍ରୀଡ଼ା ସଂସଦ ମିଟ ୨୦୨୩-୨୪ରେ ଆଠମଲ୍ଲିକର ଏହି ଯୁବ ଖେଳାଳି ୧୦୦, ୨୦୦ ଦୌଡ଼ ପ୍ରତିଯୋଗିତା ଏବଂ ଲମ୍ବ ଡିଆଁ ପ୍ରତିଯୋଗିତା ୨୩ରୁ ୨୫ ବର୍ଷ ମଧ୍ୟରେ ଅନୁଷ୍ଠିତ କ୍ରୀଡାରେ ଭାଗ ନେଇ ଚାମ୍ପିଅନ ହୋଇ ଆଠମଲ୍ଲିକ ପାଇଁ ଗୌରବ ଆଣି ପୁରସ୍କୃତ ହୋଇଛନ୍ତି ।

ଏହି ଖବର ପ୍ରଚାରିତ ହେବା ପରେ ସାରା ଆଠମଲ୍ଲିକ ତଥା ଅନୁଗୁଳ ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି । ଅନିଲ ବାଘ ଆଠମଲ୍ଲିକ ଏବଂ ବାହାରେ ଅନୁଷ୍ଠିତ ବିଭିନ୍ନ ଖେଳ ପ୍ରତିଯୋଗିତାରେ ଭାଗ ନେଇଥାନ୍ତି । ତତ ସହିତ ପ୍ରତ୍ୟେକ ଦିନ ଆଠମଲ୍ଲିକ ଖେଳପଡ଼ିଆକୁ ଯାଇ ନିଜେ ଏବଂ ଅନ୍ୟ ଯୁବକମାନଙ୍କୁ ଖେଳର ବିଭିନ୍ନ ଦିଗଦର୍ଶନ ଦେଇଥାନ୍ତି । ସେ ଖେଳାଳିମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିଛନ୍ତି । ଶ୍ରୀ ବାଘ ଆଗାମୀ ଦିନରେ ରାଜ୍ୟସ୍ତରୀୟ କ୍ରୀଡ଼ାରେ ଭାଗ ନେବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ବର୍ତ୍ତମାନ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି । ସେ ଖେଳକୁ ସଦାସର୍ବଦା ଭଲ ପାଇଥାନ୍ତି । ପ୍ରଶାସନ ଏବଂ ସରକାରଙ୍କ ତରଫରୁ କିଛି ସାହାଯ୍ୟ ସହଯୋଗ ପାଇଲେ ସେ ଆଗକୁ ଆହୁରି ଯାଇ ପାରିବେ ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଏପ୍ରିଲ ମାସ ଦ୍ୱିତୀୟ ସପ୍ତାହରେ ହେବାକୁ ଥିବା ଷ୍ଟେଟ ମିଟ ଖେଳିବା ପାଇଁ ଅନିଲ ଯୋଗ୍ୟ ବିବେଚିତ ହୋଇଛନ୍ତି ।

# ପଦକ ବିଜେତା ହକି ଖେଳାଳିଙ୍କୁ ପୁରସ୍କାର

## ଅମିତ ରୋହିଦାସ, ଦୀପଗ୍ରେସ ଏକ୍କା ପାଇବେ ୩,୭୫,୦୦୦ ଏବଂ ମାରିଆନା କୁଜୁର, ଜ୍ୟୋତି ଛତ୍ରି ଓ ଅଜମିନା କୁଜୁରଙ୍କୁ ୧୨,୫୦,୦୦୦ ଟଙ୍କା




ଭୁବନେଶ୍ୱର, ୨୦।୨ (ସବ୍ୟୁ) : ରାଜ୍ୟର ହକି ଖେଳାଳିଙ୍କ ଉଲ୍ଲେଖନୀୟ ସଫଳତାକୁ ସମ୍ମାନ ଜଣାଇ ରାଜ୍ୟ ସରକାର ନଗଦ ପୁରସ୍କାର ଘୋଷଣା କରିଛନ୍ତି । ଅନ୍ତର୍ଜାତୀୟ ସ୍ତରରେ ଭାରତର ପ୍ରତିନିଧିତ୍ୱ କରି ଓଡ଼ିଶାର କ୍ରୀଡ଼ା ଐତିହ୍ୟକୁ ପରିଚୟ ସ୍ୱରୂପ ଏହି ପୁରସ୍କାର ପ୍ରଦାନ କରାଯିବ ।

ଚେନ୍ନାଇରେ ଅନୁଷ୍ଠିତ ୨୦୨୩ ପୁରୁଷ ଏସିଆନ ଚାମ୍ପିୟନସିପ୍ ଟ୍ରଫି ଏବଂ ଝାଡ଼ଖଣ୍ଡରେ ଆୟୋଜିତ ୨୦୨୩ ମହିଳା ଏସିଆନ ଚାମ୍ପିଅନସିପ୍ ଟ୍ରଫିରେ ଭାରତର ପ୍ରତିନିଧିତ୍ୱ କରୁଥିବା ବେଳେ ଅମିତ ରୋହିଦାସ ଓ ଦୀପଗ୍ରେସ୍ ଏକ୍କାଙ୍କୁ ଯଥାକ୍ରମେ ୩,୭୫,୦୦୦ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯିବ । ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ହେଉଛି ପ୍ରତି ଦୁଇ ବର୍ଷରେ ଆୟୋଜିତ ହେଉଥିବା ଏକ ମହାଦେଶୀୟ ପ୍ରତିଯୋଗିତା ।

ଓମାନର ମସ୍କଟଠାରେ ଅନୁଷ୍ଠିତ ଏଫ୍ଆଇଏଚ୍ ହକି ୫ଏସ୍ ମହିଳା ବିଶ୍ୱକପ୍ ୨୦୨୪ର ପ୍ରଥମ ସଂସ୍କରଣରେ ରୌପ୍ୟ ପଦକ ଜିତିଥିବା ଭାରତୀୟ ମହିଳା ହକି ଦଳରେ ସ୍ଥାନ ପାଇଥିବା ମାରିଆନା କୁଜୁର, ଜ୍ୟୋତି ଛତ୍ରୀ ଓ ଅଜମିନା କୁଜୁରଙ୍କୁ ୧୨,୫୦,୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ଏଫଆଇଏଚ୍ ହକି ବିଶ୍ୱକପ୍ ପ୍ରତି ଚାରି ବର୍ଷରେ ଆୟୋଜନ କରାଯାଏ ।

# ରଣଜୀ ଟ୍ରଫି: ଦିଲ୍ଲୀ ୭ ୱିକେଟରେ ବିଜୟୀ

ଭୁବନେଶ୍ୱର, ୨୦।୨ (ସବ୍ୟୁ) : ଚଳିତ ରଣଜୀ ଟ୍ରଫି ଋତୁରେ ଓଡ଼ିଶାର ଅଭିଯାନ ଆଉ ଏକ ଅପ୍ରତ୍ୟାଶିତ ପରାଜୟ ସହ ଶେଷ ହୋଇଛି । ଜାମିଆ ମିଲିଆ ଇସ୍ଲାମିଆ ପଡ଼ିଆରେ ଦିଲ୍ଲୀ ବିପକ୍ଷ ଶେଷ ମ୍ୟାଚରେ ଓଡ଼ିଶା ପାଳି ପଛୁଆ ଥିଲେ ମଧ୍ୟ ସ୍ଥିତି ମଜବୁତ ରଖିଥିଲା । କିନ୍ତୁ ଶେଷ ଦିନରେ ସବୁକିଛି ଓଲଟି ଯାଇଥିଲା । ଓଡ଼ିଶା ବ୍ୟାଟର୍ ଦିଲ୍ଲୀ ବୋଲରଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିବାରୁ ଦ୍ୱିତୀୟ ପାଳିରେ ଏହି ଦଳ କେବଳ ୧୩୩ ରନ୍ କରିପାରିଥିଲା । ଫଳରେ ଦିଲ୍ଲୀ ସମ୍ମୁଖରେ ୧୨୩ ରନର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଏହାକୁ ଘରୋଇ ଦଳ ୩ ୱିକେଟ୍ ବିନିମୟରେ ହାସଲ କରିଥିଲା ।

ଏହି ପରାଜୟ ପରେ ଏଲିଟ୍ ଗ୍ରୁପ୍ ଡି'ରେ ଓଡ଼ିଶା ମାତ୍ର ୧ ବିଜୟ ଓ ୨ ଅମୀମାଂଶିତ ମ୍ୟାଚରୁ ୧୨ ପଏଣ୍ଟ ପାଇ ସପ୍ତମ ସ୍ଥାନରେ ରହିଛି । ତୃତୀୟ ଦିନ ଶେଷ ସୁଦ୍ଧା ଦିଲ୍ଲୀ ପ୍ରଥମ ପାଳିରେ ୧୧ ରନ୍ ଅଗ୍ରଣୀ ନେବା ପରେ ଅଲଆଉଟ୍ ହୋଇଥିଲା । ସୋମବାର ଓଡ଼ିଶା ଦ୍ୱିତୀୟ ପାଳି ଆରମ୍ଭ କରିବା ମାତ୍ରେ ୪ ଓଭର ଭିତରେ ସ୍ୱସ୍ତିକ ସାମଲ, ଶାନ୍ତନୁ ମିଶ୍ର, ସନ୍ଦୀପ ପଟ୍ଟନାୟକ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଯାଇଥିଲେ । ପ୍ରଥମ ପାଳିର ଶତକ ଅର୍ଜନକାରୀ ଶୁଭ୍ରାଂଶୁ ସେନାପତି ମାତ୍ର ୪ ରନ୍ କରିପାରିଥିଲେ । ଗୋବିନ୍ଦ ପୋଦ୍ଦାର (୧୭), ବିପ୍ଳବ ସାମନ୍ତରାୟ (୨୪), ଆଶୀର୍ବାଦ ସ୍ୱାଇଁ (୨୯) ଓ ତଳ ଭାଗରେ ପଦାର୍ପଣକାରୀ ଜାମଲା ଭଞ୍ଜନ ମହାପାତ୍ର (୨୫) ଦଳ ପାଇଁ କିଛିଟା ସଂଘର୍ଷ କରିଥିଲେ । କିନ୍ତୁ ୧ ପଏଣ୍ଟ ଅର୍ଜନରେ ସଫଳ ହୋଇ ନଥିଲେ । ଘରୋଇ ଦଳର ସୁମିତ ମାଥୁର (୫/୨୬)ଙ୍କ ସହ ହିମାଂଶୁ ଚେହାନ (୨/୨୨) ଓ ପ୍ରାଂଶୁ ବିଜୟରନ୍ (୨/୩୯) ଓଡ଼ିଶାର ବିପର୍ଯ୍ୟୟ ଘଟାଇଥିଲେ । ବିଜୟ ଲକ୍ଷ୍ୟକୁ ପିଛା କରିବା ବେଳେ ରାଜେଶ ମହାନ୍ତି କିନ୍ତୁ ଓଡ଼ିଶାକୁ ପ୍ରଥମ ଓଭରରୁ ଆଶା ଦେଇଥିଲେ । ପାଳିର ଷଷ୍ଠ ବଲରେ ଅନୁଜ ରାୱତଙ୍କୁ ସେ ବୋଲ୍ଡ କରିଥିଲେ । ହେଲେ ଗଗନ ଭାଟ୍ସ (୨୪), ହିମ୍ମତ ସିଂହ (୩୨)ଙ୍କ ସହ ଆୟୁଷ ବଦୋନି (୪୦*) ଓ ଯଶ ଧୂଲ୍ (୧୬*) ଦିଲ୍ଲୀକୁ ଜିତାଇଥିଲେ । ସଂକ୍ଷିପ୍ତ ସ୍କୋର: ଓଡ଼ିଶା ପ୍ରଥମ ପାଳି: ୪୪୦/୧୦ (ଶୁଭ୍ରାଂଶୁ ସେନାପତି-୧୧୧, ବିପ୍ଳବ ସାମନ୍ତରାୟ-୧୧୦, ଶାନ୍ତନୁ ମିଶ୍ର-୭୬, ସୁମିତ ମାଥୁର-୪/୯୭, ହିମ୍ମତ ସିଂହ-୩/୪୨) ।



ଦିଲ୍ଲୀ ପ୍ରଥମ ପାଳି: ୪୫୧/୧୦ (ଯଶ ଧୂଲ-୧୧୨, ଜଣ୍ଟି ସିଦ୍ଧୁ-୧୦୫*, କ୍ଷିତିଜ ଶର୍ମା-୬୪, ଜାମଲା ଭଞ୍ଜନ ମହାପାତ୍ର-୩/୬୩, ବିପ୍ଳବ ସାମନ୍ତରାୟ-୨/୩୪, ଗୋବିନ୍ଦ ପୋଦ୍ଦାର-୨/୬୬, ସୁନିଲ ରାଉଳ-୨/୧୧୬) । ଓଡ଼ିଶା ଦ୍ୱିତୀୟ ପାଳି: ୪୬ ଓଭରରେ ୧୩୩/୧୦ (ଆଶୀର୍ବାଦ ସ୍ୱାଇଁ-୨୯, ଜାମଲା ଭଞ୍ଜନ ମହାପାତ୍ର-୨୫, ସୁମିତ ମାଥୁର-୫/୨୬, ହିମାଂଶୁ ଚେହାନ-୨/୨୨) । ଦିଲ୍ଲୀ ଦ୍ୱିତୀୟ ପାଳି: ୨୦.୩ ଓଭରରେ ୧୨୩/୩ (ଆୟୁଷ ବଦୋନି-୪୦*, ହିମ୍ମତ ସିଂହ-୩୨, ଜାମଲା ଭଞ୍ଜନ ମହାପାତ୍ର-୨/୪୫, ରାଜେଶ ମହାନ୍ତି-୧/୨୪) ।

# ପାରା ବ୍ୟାଡମିଣ୍ଟନ ବିଶ୍ୱ ଚାମ୍ପିଅନସିପ
# ସ୍ୱର୍ଣ୍ଣ ଉପରେ ପ୍ରମୋଦ ଓ ଦୀପରଞ୍ଜନଙ୍କ ନଜର

ବ୍ୟାଙ୍କକ, ୨୦।୨ (ଏଜେନ୍ସି) : ଥାଇଲାଣ୍ଡର ପଟାୟା ସହରରେ ଆଜିଠାରୁ ୨୫ ପର୍ଯ୍ୟନ୍ତ ହେବାକୁ ଥିବା ବିଡବ୍ଲୁଏଫ୍ ପାରା ବ୍ୟାଡମିଣ୍ଟନ୍ ବିଶ୍ୱ ଚାମ୍ପିଅନସିପ୍‌ରେ ପାରା ଅଲମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତ ଏସ୍ଏଲ୍ ୩ ବର୍ଗ ଏବଂ ଅନ୍ୟ ଜଣେ ଓଡ଼ିଆ ଏସ୍ଏଲ୍-୪ ବର୍ଗରେ ଦୀପରଞ୍ଜନ ବିଶୋଇ ଯୁଗ୍ମଭାବେ ସ୍ୱର୍ଣ୍ଣ ପଦକ ପାଇଁ ଲଢ଼େଇ କରିବେ । ବିଶ୍ୱ ଚାମ୍ପିଅନସିପ୍ ଆଗରୁ ପ୍ରମୋଦ ଓ ଦୀପ ଭଲ ଅଭ୍ୟାସ କରିଛନ୍ତି ଓ ଆନ୍ତର୍ଜାତୀୟ ସ୍ତରରେ ପଦକ ବିଜୟୀ ହୋଇଛନ୍ତି ।

୬ ଥର ବିଶ୍ୱ ବିଜେତା ପ୍ରମୋଦ ଭଗତ ତାଙ୍କର ସ୍ୱର୍ଣ୍ଣ ପଦକକୁ ବଜାୟ ରଖିବାକୁ ପ୍ରସ୍ତୁତ ଅଛନ୍ତି । ଯାହାକି ସେ ୨୦୨୨ରେ ପାରା ବ୍ୟାଡମିଣ୍ଟନ୍ ବିଶ୍ୱ ଚାମ୍ପିଅନସିପ୍‌ରେ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ଓ ଡବଲ୍ସରେ ରୌପ୍ୟ ପଦକ ହାସଲ କରିଥିଲେ । ଆନ୍ତର୍ଜାତୀୟ ଇଭେଣ୍ଟରେ ୧୦୦ରୁ ଅଧିକ ପଦକ ପାଇ ଭାରତୀୟ ପାରା ବ୍ୟାଡମିଣ୍ଟନ୍‌ର ବର୍ତ୍ତମାନର ଶ୍ରେଷ୍ଠ ଖେଳାଳ । ଏହିଥର ପ୍ରମୋଦ ଏକକ, ଯୁଗଳ ଓ ମିଶ୍ରିତ ଯୁଗଳରେ ଦେଶ ପାଇଁ ପ୍ରତିନିଧି କରିବା ସହିତ ଭଲ ପ୍ରଦର୍ଶନ କରିବେ ବୋଲି ଥାଇଲାଣ୍ଡ ଯିବା ଆଗରୁ କହିଛନ୍ତି । ଦୀପ ରଞ୍ଜନ ବିଶୋଇ କହିଛନ୍ତି, ମୁଁ କଠିନ ପ୍ରଶିକ୍ଷଣ ନେଉଛି । ମୁଁ ଜିମରେ ବହୁତ ସମୟ କାଟୁଛି ଏବଂ ମୋର ଯୁଗଳ ସାଥି ମନୋଜ ସରକାର ସହିତ ଭଲ ଅଭ୍ୟାସ ହୋଇଛି ।

ଓଡିଶା ଲୋକଙ୍କୁ ନିରାଶ କରିବି ନାହିଁ ଓ ଭଲ ପ୍ରଦର୍ଶନ ଦେଖାଇବି । ଏହି ବର୍ଷ ମୋ ପାଇଁ ଭଲ ଥିଲା, ମୁଁ କିଛି ବଡ ଟୁର୍ଣ୍ଣାମେଣ୍ଟ ଜିତିଥିଲି ଏବଂ ମୁଁ ବିଶ୍ୱ ନଂ ୧ ହେବା ପର୍ଯ୍ୟନ୍ତ ଚେଷ୍ଟା ଜାରି ରଖିବି । ଲକ୍ଷ୍ୟ ହେଉଛି ବିଶ୍ୱ ଚାମ୍ପିଅନସିପ୍ ଜିତିବା । ଭାରତୀୟ ଦଳ ସହିତ କୋଚ୍ ଶିବ ପ୍ରସାଦ ଦାସ୍ ଥାଇଲାଣ୍ଡ ଯାତ୍ରା କରିଛନ୍ତି ।

# ସ୍ପେନ୍ ବିପକ୍ଷରେ ଉତ୍କଣ୍ଠାପୂର୍ଣ୍ଣ ବିଜୟ

ରାଉରକେଲା, ୨୦।୨ (ସବ୍ୟୁ) : ବିର୍ସା ମୁଣ୍ଡା ଷ୍ଟାଡିୟମରେ ଭାରତୀୟ ପୁରୁଷ ହକି ଦଳ ବିଜୟରୁ ଚଳିତ ପ୍ରୋ-ଲିଗ୍ ହକିର ରାଉରକେଲା ଲେଗ୍ ଅଭିଯାନ ଆରମ୍ଭ କରିଛି । ସ୍ପେନ୍ ବିପକ୍ଷ ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚକୁ ୮-୭ ସୁଟ୍ଆଉଟରେ ଜିତିନେଇଛି । ତା' ସହିତ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅପରାଜେୟ ରହିବାର କୀର୍ତ୍ତିମାନକୁ ଅକ୍ଷୁର୍ଣ୍ଣ ରଖିଛି । ଅଭିଷେକ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି ।

ସୋମବାର ମ୍ୟାଚର ୩୮ ସେକେଣ୍ଡରେ ଭାରତୀୟ ତାରକା ଜର୍ମନପ୍ରୀତ ସିଂହ ଏକ ଆକର୍ଷଣୀୟ ଫିଲ୍ଡ ଗୋଲ୍ ଦେଇ ଭାରତକୁ ୧-୦ ଗୋଲରେ ଆଗୁଆ କରିଥିଲେ । ତେବେ ତୃତୀୟ ମିନିଟରେ ସ୍ପେନ୍ ଏକ ପେନାଲ୍ଟି କର୍ଣ୍ଣର ସୁଯୋଗ ପାଇଥିଲା । ଏହାକୁ ହାତଛଡ଼ା କରି ନଥିଲେ ଏହି ଦଳର ତାରକା ଖେଳାଳି ଜୋସ୍ ବାଷ୍ଟେରା । ପଞ୍ଚଦଶ ମିନିଟରେ ବୋର୍ଜା ଲାକାଲି ଏକ ଫିଲ୍ଡ ଗୋଲ୍ ଦେଇ ସ୍ପେନକୁ ୨-୧ରେ ଆଗୁଆ କରିଥିଲେ । ତୃତୀୟ କ୍ୱାର୍ଟରରେ କିନ୍ତୁ ଭାରତୀୟ ଖେଳାଳି ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ । ୩୫ତମ ମିନିଟରେ ମିଳିଥିବା ଏକ ପେନାଲ୍ଟି କର୍ଣ୍ଣରକୁ ଅଭିଷେକ ଗୋଲରେ ରୂପାନ୍ତର କରି ସ୍କୋର୍ ୨-୨ କରିଥିଲେ । ଶେଷ ସେକେଣ୍ଡରେ ସ୍ଥାନୀୟ ଖେଳାଳି ଅମିତ ରୋହିଦାସ ଓ ବିପକ୍ଷ ଖେଳାଳିଙ୍କ ମଧ୍ୟରେ ଭୀଷଣ ଯୁକ୍ତିତର୍କ ହେବାରୁ ମ୍ୟାଚରେ ଉଷ୍ମତା ଭରି ଯାଇଥିଲା । ଅନ୍ତିମ କ୍ଷଣରେ ଅମିତଙ୍କ ପାଖକୁ ବଲ୍ ଆସିବାରୁ ଡ୍ରିବ୍ଲଂ କରି ସମୟ ଅତିବାହିତ କରିବାରୁ ପ୍ରତିପକ୍ଷ ଖେଳାଳି କ୍ଷୁବ୍ଧ ହୋଇଥିଲେ । ଶେଷରେ ଅମିତ ଏକ ଲମ୍ବା ପାସ୍ ଦେବାରୁ ସ୍ପେନର କିଛି ଖେଳାଳି ପଡ଼ିଆ ଛାଡ଼ିବା ପୂର୍ବରୁ ତାଙ୍କ ସହ ଯୁକ୍ତିତର୍କ କରିଥିଲେ । ଶେଷ କ୍ୱାର୍ଟରରେ କିନ୍ତୁ କେହି ଗୋଲ୍ ସ୍କୋର୍ କରିନପାରି ନଥିଲେ । ତେଣୁ ଫଳାଫଳ ପାଇଁ ସୁଟ୍ଆଉଟର ସହାୟତା ନିଆଯାଇଥିଲା । ଏଥିରେ ଭାରତ ବାଜି ମାରିନେଇଥିଲା । ସୋମବାରର ଅନ୍ୟ ଏକ ମ୍ୟାଚରେ ନେଦରଲାଣ୍ଡ ୨-୧ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି ।

ସୂଚନା

ସମୟ

BHIM
BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

# କୁସୁନପୁର ଲଗନ ଚାମ୍ପିଅନ

ଢେଙ୍କାନାଳ, ୨୦।୨ (ସବ୍ୟୁ) :ଢେଙ୍କିକୋଟ ନିକଟବର୍ତ୍ତି ଟିକିରା ଗ୍ରାମର ହାପି କ୍ଲବ ଆନୁକୁଲ୍ୟରେ ଚତୁର୍ଥ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ଫାଇନାଲ ଖେଳ ଅନୁଷ୍ଠିତ ହେଇଯାଇଛି।ଏହି ଫାଇନାଲମ୍ୟାଚ ଘଟଗାଁ ନିକଟବର୍ତ୍ତି କୁସୁନପୁର ଲଗନ ଏକ୍ସ ଆଇ ସହିତ ଙ୍କେିକୋଟ ରଜତ ଏକ୍ସ ଆଇ ମଧ୍ୟରେ ହୋଇଥିଲା । ପ୍ରଥମେ ବ୍ୟାଟିଂକରି ୧୨ ଓଭର ବିଶିଷ୍ଟ ମ୍ୟାଚ୍ ରେ ପ୍ରଥମେ ଲଗନ ଏକ୍ସ ଆଇ ସବୁ ୱିକେଟ ହରାଇ ୧୧୧ ରନ୍ ସଂଗ୍ରହ କରିଥିଲା । ପରେ ପରେ ୧୧୨ ରନ୍ କୁ ପିଛାକରି ରଜତ ଏକ୍ସ ଆଇ ୮୫ ରନ୍ ସଂଗ୍ରହକରି ଅଲ୍ ଆଉଟ୍ ହୋଇଥିଲା ଓ ୨୬ ରନ୍ ରେ ପରାଜିତ ହୋଇଥିଲା ଝ ବିଜେତା ଦଳକୁ ଟ୍ରଫି ଓ ନଗଦ ୧୫ ହଜାର୍ ଟଙ୍କା ସହିତ ଉପ ବିଜେତାଦଳ କୁ ଟ୍ରଫି ଓ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା ।ତତ ସହିତ ମ୍ୟାନ୍ ଅଫ୍ ସିରିଜ୍ ଓ ମ୍ୟାନ୍ ଅଫ୍ ମ୍ୟାଚ୍ କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଝ ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ସଂଜୟ କୁମାର ସାହୁ । ନିମନ୍ତ୍ରିତ ଅତିଥି ଭାବେ ଘସିପୁରା ନିର୍ବାଚନ ମଣ୍ଡଳୀ ବିଧାୟକ ବଦ୍ରୀ ନାରୟଣ ପାତ୍ର, ବ୍ଲକ୍ ଚେୟଝରମ୍ୟାନ୍ ଗୀତାଞ୍ଜଳି ନାୟକ, ସରପଞ୍ଚ ଖଇର ନାଏକ,ସମାଜସେବୀ ଦିଗାମ୍ବର ନାୟକ, ପରେସ କୁଅଁର ଓ ସ୍ଥାନୀୟ ବୁଦ୍ଧିଜୀବୀ ଆଦିକନ୍ଦ ନାଏକ, କୈଳାସ ନାଏକ ପ୍ରମୁଖ ଯୋଗଦାନ କରିଥିଲେ ।

ଏକାଦଶାହ ଉପଲକ୍ଷେ

|| ଶ୍ରଦ୍ଧାଞ୍ଜଳି ||



ଡ. ସାତକଡ଼ି ହୋତା

ଆବିର୍ଭାବ : ୨୦.୧୦.୧୯୨୯
ତିରୋଧାନ : ୧୧.୦୨.୨୦୨୪

ସମୟ ପରିବାର

Printed & Published by Patitapaban Mohapatra for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665,
TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718,

# କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ



କୋଣାର୍କ, (ସବ୍ୟୁ) : ପଦ୍ମଶ୍ରୀ ସ୍ଵର୍ଗତ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ମାନସ ସନ୍ତାନ ଅର୍କ ବିହାର ସ୍ଥିତ କୋଣାର୍କ ନାଟ୍ୟମଣ୍ଡପ ଠାରେ ୩୮ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ -୨୪ ଅନୁଷ୍ଠିତ ହୋଇଯାଇଛି।କୋଣାର୍କ ନାଟ୍ୟମଣ୍ଡପ ପରିସରରେ ଥିବା ବାବା ବାଲୁଙ୍କେଶ୍ଵର ମହାଦେବ ଙ୍କ ନିକଟରୁ ଘଣ୍ଟ ମର୍ଦ୍ଦଳର ତାଳେ ତାଳେ ଆଜ୍ଞା ମାଳ ଆସିବା ପରେ ୩୮ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଶୁଭାରମ୍ଭ ହୋଇଥିଲା।ଏହି ଉତ୍ସବରେ ଅତିଥି ଭାବରେ ସୃଜନ ଅନୁଷ୍ଠାନ ର ବିଶିଷ୍ଟ ଗୁରୁ ରତିକାନ୍ତ ମହାପାତ୍ର, ଗୁରୁ ଗଙ୍ଗାଧର ପ୍ରଧାନ ଙ୍କ ପତ୍ନୀ ସୁଲୋଚନା ପ୍ରଧାନ, ପୁରୀ ଜିଲ୍ଲା ପେଷାଦାର ସାମ୍ବାଦିକ ସଙ୍ଘର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, କୋଣାର୍କ ନାଟ୍ୟ ମଣ୍ଡପର ସମ୍ପାଦକ ଶିବାସିସ ପ୍ରଧାନ, ନାଟ୍ୟମଣ୍ଡପର ସଭାପତି ଡ଼ଃ ରମଣୀ ରଞ୍ଜନ ଜେନା ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ନିମାପଡା ନୃତ୍ୟାଳୟ ଅନୁଷ୍ଠାନ ପକ୍ଷରୁ ପଂଚଦେବ ସ୍ତୁତି ପରିବେଷିତ ହୋଇଥିଲା।ପରେ ପରେ ବିଶିଷ୍ଟ ବଂଶୀ ବାଦକ ଅଭିରାମ ନନ୍ଦ ଙ୍କ ଦ୍ୱାରା ବଂଶୀ ବାଦନ କୋଣାର୍କ ନାଟ୍ୟ ମଣ୍ଡପ ପରିସରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।ଏହି ବଂଶୀ ବାଦନ ରେ ସହଯୋଗ କରିଥିଲେ ତବଲା ଗୁରୁ କୁଳମଣି ସାହୁ।ପରେପରେ ଭୁବନେଶ୍ୱର ସ୍ଥିତ ଶ୍ରୀଜନ ଓଡିଶୀ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଗୁରୁ ରତିକାନ୍ତ ମହାପାତ୍ର ଓ ସାଥି କଳାକାର ମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ କୋଲକାତା ର ବିଶିଷ୍ଟ ଭାରତ ନାଟ୍ୟମ ଗୁରୁ ଅର୍ପିତା ସେନ ଓ ସାଥି କଳାକାର ମାନଙ୍କ ଦ୍ୱାରା ଭାରତ ନାଟ୍ୟମ ନୃତ୍ୟ ପରିବେଷଣ କରାଯାଇଥିଲା।ଏହି କାର୍ଯ୍ୟକ୍ରମ କୁ କୋଣାର୍କ ନାଟ୍ୟମଣ୍ଡପ ର ଉପସଭାପତି ପ୍ରସନ୍ନ ବେଉରିଆ ,ବିଷ୍ଣୁ ସାସମଲ , ଉମେଶ ସ୍ୱାଇଁ ଓ କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ।

## ହମ୍ପସ ନେଲା ମହିଳାଙ୍କ ଜୀବନ

ନିମାପଡା,(ସବ୍ୟୁ) : ଗୋପ-ଚାରିଛକ ରାସ୍ତାରେ ଦମ୍ପତି ବାଇକରେ ଯାଉଥିବା ବେଳେ ଛଣିଜଙ୍ଗ ଛକ ନିକଟରେ ଥିବା ହମ୍ପସରୁ ଖସିପଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ଖବରରୁଜଣାଯାଇଛି ଯେ କୋଣାର୍କ ମାଧିପୁର ଗ୍ରାମର ରାଜ କିଶୋର ନିଶଙ୍କ ତାଙ୍କ ପତ୍ନୀ ତରୁଲତାନିଶଙ୍କ(୫୫)ଙ୍କୁ ନିଜ ବାଇକରେ ବସାଇ ମାଧବ ମନ୍ଦିରକୁ ଯାଉଥିବା ସମୟରେ ଗୋପ-ଚାରିଛକ ରାସ୍ତାରଛଣିଜଙ୍ଗ ଛକ ନିକଟରେ ଥିବା ଏକ ବଡ ଉଚ୍ଚା ହମ୍ପସରେ ଧକ୍କା ହୋଇ ତରୁଲତା ବାଇକରୁ ଖସି ପଡିଥିଲେ ।ଗୁରୁତର ଅବସ୍ଥାରେ ତାଙ୍କୁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ମାତ୍ର ତାଙ୍କ ଅବସ୍ଥାସଂକଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରିଥିଲେ । ସେଠାରେ ତାଙ୍କର ମୃତ୍ୟୁଘଟିଥିଲା । ସୂଚନା ଯୋଗ୍ୟ କି ଏକ ମାସ ଭିତରେ ଉକ୍ତ ହମ୍ପସରେ ପଡି ୪ଜଣ ଲୋକ ଆହତ ହୋଇଥିବା ବେଳେଆଜି ଉକ୍ତ ହମ୍ପସ ମହିଳାଙ୍କ ଜୀବନ ନେଇଛି । ତୁରନ୍ତ ଏହି ହମ୍ପସକୁ ଉଠାଇବା ପାଇଁ ସ୍ଥାନୀୟ ପୂର୍ତ୍ତ ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଯୁବକ ନିଖୋଜ ନେଇ ମାମଲା

କଣ୍ଟାପଡ଼ା, (ସବ୍ୟୁ) : କଣ୍ଟାପଡ଼ା ବ୍ଲକ ବାଗଲପୁର ପଞ୍ଚାୟତ ଅନ୍ତର୍ଗତ ଚିଳପୁର (ଗରଗରା)ଗ୍ରାମର ଦୁର୍ଯ୍ୟୋଧନ ସାହୁଙ୍କ ପୁଅ ବବଲୁ ଓରଫ ଲକ୍ଷ୍ମୀଧର ସାହୁ ୫ ଦିନ ହେଲା କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ଏ ନେଇ ଦୁର୍ଯ୍ୟୋଧନ ଓଲଟପୁର ଥାନାରେ ଲିଖିତ ଏତଲା ଦେବା ପରେ ପୁଲିସ ଏକ ମାମଲାରୁଜୁ କରି ବବଲୁଙ୍କ ସନ୍ଧାନ ପାଇଁ ଉଦ୍ୟମ ଚଳାଇଛି। ଅଦ୍ୟାବଧି ତାଙ୍କର ପା ମିଳିନାହିଁ। କୌଣସି ବକ୍ତିତାଙ୍କର ସନ୍ଧାନ ପାଇଲେ ନିକଟସ୍ଥ ଥାନା ଅଥବା ଫୋନ ୭୩୨୮୦୭୪୨୫୨ ନମ୍ବରରେ ଜଣାଇବାକୁ ଅନୁରୋଧ କରାଯାଇଛି।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ ବାପ-ପୁଅ ଗିରଫ

ନିରାକାରପୁର,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ବଡ଼ପୋଖରୀଆ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣକୁ ଆକ୍ରମଣ କରି ବାପପୁଅ ଗିରଫ ହୋଇଥିବା ଜଣାପଡିଛି। ସୂଚନାଯୋଗ୍ୟ କି ଉକ୍ତ ଗ୍ରାମର ନୀଳକଣ୍ଠ ମାର୍ଥା ଓ କପିଳା ମାର୍ଥା ଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା। କୌଣସି କାରଣରୁ ଗତ କାଲି ନୀଳକଣ୍ଠ ମାର୍ଥା ଓ ତାଙ୍କ ପୁତ୍ର ପ୍ରକାଶ ମାର୍ଥା ଉଭୟ ମିଶି କପିଳା ମାର୍ଥା କୁ ଆକ୍ରମଣ କରିବାରୁ କପିଳା ଙ୍କ ମୁହଁ ରେ ଗଭୀର ଆଘାତ ଲାଗିଛି।ମଙ୍ଗଳବାର ଏସ ଆଇ ଦିପାଲିସା ନାୟକ ଉଭୟ ନୀଳକଣ୍ଠ ମାର୍ଥା ଓ ପ୍ରକାଶ ମାର୍ଥା ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## ଟ୍ରାକ୍ଟର, ଜେସିବି ଜବତ : ୪ ଗିରଫ

ବାଲୁଗାଁ, (ସବ୍ୟୁ) : ବେଆଇନ ମୋରମ ଚାଲାଣ ଉପରେ ଜିଲ୍ଲା ପ୍ରଶାସନ ଅଙ୍କୁଶ ଜାରି କରିଥିବା ବେଳେ ଏହାକୁ ଖାତିର ନକରି ଖଣି ମାଫିଆମାନେ ମୋରମ ଓ ମାଙ୍କଡ଼ା ପଥର ଲୁଟ୍ କରି ଚାଲିଛନ୍ତି । ଏପରିସ୍ଥଳେ ସୋମବାର ସଂନ୍ଧ୍ୟାରେ ସୋଲରୀ ସ୍ଥିତ ଶାମୁକା ପାହାଡ଼ ପାଦଦେଶରୁ ବେଆଇନ ଭାବେ ମୋରମ ଚାଲାଣ ହେଉଥିବା ନେଇ ପୁଲିସ୍ କୁ ସୂଚନା ମିଳିଥିଲା । ବାଲୁଗାଁ ଥାନା ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ୧୬ନଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଛକରେ ଛକି ରହିଥିଲେ । ମୋରମ ବୋଝେଇ ହୋଇ ଆସୁଥିବା ୩ଗୋଟି ଟ୍ରାକ୍ଟର ଏବଂ ଖଣିରେ ଥିବା ଏକ ଜେସିବିକୁ ପୁଲିସ୍ ଜବତ କରିବା ସହ ସଂପୃକ୍ତ ୪ଜଣଙ୍କୁ ଗିରଫ କରିଥିଲେ । ଗିରଫ ବ୍ୟକ୍ତି ହେଲେ ପ୍ରଦୀପ ବେହେରା, ରମେଶ ଜେନା, ଦିଲ୍ଲୀପ ପଲେଇ ଏବଂ ରାଜକୁମାର ବେହେରା । ସମସ୍ତ ଅଭିଯୁକ୍ତ ଟାଙ୍ଗି ଏବଂ ନାଚୁଣୀ ଅଞ୍ଚଳର ବୋଲି ଜଣାପଡ଼ିଛି । ବାଲୁଗାଁ ପୁଲିସ୍ ଏସଂକ୍ରାନ୍ତରେ ପୃଥକ ଭାବେ ୭୨,୭୩,୭୪/୨୪ରେ ତିନିଗୋଟି ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି ।

## ମାଟ୍ରିକ ପରୀକ୍ଷାରେ ୨୪ ଅନୁପସ୍ଥିତ

କାକଟପୁର , (ସବ୍ୟୁ) : କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ରରେ ମୋଟ ଅନୁପସ୍ଥିତ ପରୀକ୍ଷାର୍ଥୀ ଙ୍କ ସଂଖ୍ୟା (୨୪) ବୋଲି ସୁଚନା ମିଳିଛି। ମିଳିଥିବା ସୁଚନା ଅନୁଯାୟୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ରରେ ମୋଟ (୧୪୯୫) ପରୀକ୍ଷାର୍ଥୀଙ୍କ ମଧ୍ୟରୁ ମୋଟ (୧୪୭୧) ପରୀକ୍ଷାର୍ଥୀ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପ୍ରଥମ ଭାଷା ପରୀକ୍ଷା ଦେଇଛନ୍ତି । କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ର ମୋଟ (୧୬୯), ବାଙ୍ଗୁରୀଗାଁ ବୀରଭଦ୍ର ବିଦ୍ୟାଳୟର ମୋଟ (୧୫୮)ଓ ଭଣ୍ଡିସାହି ସ୍ଥିତ ୟୁଜିଏମଏସ ବିଦ୍ୟାପୀଠ ର ମୋଟ ୫୯ ଜନ ପରୀକ୍ଷାର୍ଥୀ ଙ୍କ ମଧ୍ୟରୁ ଜଣେ ଲେଖାଏଁ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ବେଳେ କାକଟପୁର ବାଳିକା ଉଚ୍ଚ ବିଦ୍ୟାଳୟ(୧୩୩) ,ଲତାହରଣ ଉଚ୍ଚ ବିଦ୍ୟାଳୟ(୧୩୩) ଓ ପାଟପୁର ବରୁଣେଇ ଉଚ୍ଚ ବିଦ୍ୟାଳୟ (୧୭୮) ନୟାହାଟ ଉଚ୍ଚ ବିଦ୍ୟାଳୟ(୨୮୮)ରେ ଦୁଇ ଜଣ ଲେଖାଏଁ ପରୀକ୍ଷାର୍ଥୀ ଅନୁପସ୍ଥିତ ଅଛନ୍ତି ଛବାଳିଆ ସତ୍ୟନାରାୟଣ ବିଦ୍ୟପୀଠ(୧୮୧)ରେ ଚାରି ଜଣ ଓ ଗୋପିକାନ୍ତପୁର ଉଚ୍ଚ ବିଦ୍ୟାଳୟ (୧୯୯)ରେ ସର୍ବାଧିକ ନଅ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡିଛି।

## ସଙ୍କଟ ମୋଚନ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା

ଆଠଗଡ଼ , (ସବ୍ୟୁ) :ଆଠଗଡ଼ ବ୍ଲକ ଅନ୍ତର୍ଗତ ଧୂରୁଷିଆ ସ୍ଥିତ ଶ୍ରୀ ଶ୍ରୀ ସଙ୍କଟ ମୋଚନ ହନୁମାନ ମନ୍ଦିର ରେ ସପ୍ତଦଶ ବ୍ରିଗ୍ରହ ପ୍ରତିଷ୍ଠା ଉତ୍ସବ ଓ ଅଷ୍ଟମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି।ତିନି ଦିନ ଧରି ଚାଲିଥିବା ଏହି ମହୋତ୍ସବ ରେ ଧୂରୁଷିଆ, ଅନନ୍ତପୁର, ଘଣ୍ଟିଖାଲ ଓ କଟିକିଆସାହି ପଞ୍ଚାୟତ ର ୩୦୮ ମହିଳା ମାନଙ୍କ ଦ୍ୱାରା ଭକ୍ତି ପୁତ ଓ ଆଧାତ୍ମିକ ପରିବେଶ ରେ ନାମ ସଂକୀର୍ତ୍ତନ କରି ମହାନଦୀ ରୁ କଳସ ରେ ଜଳ ଆଣି ଯଜ୍ଞ ବେଦୀ ରେ ସ୍ଥାପନ କରାଯାଇଥିଲା। ଯଜ୍ଞ ର ମୁଖ୍ୟ ପଣ୍ଡିତ ଭାଗବତ ପତି ଙ୍କ ଦ୍ୱାରା ବେଦ ଧ୍ୱନି ରେ ଯଜ୍ଞ କାର୍ଯ୍ୟ ଆରମ୍ଭ ସହିତ ୨୦ ତାରିଖ ରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି।ପ୍ରତି ସନ୍ଧ୍ୟାରେ ରେ ଭଜନ ସମାରୋହ ହେବା ସହିତ କୁନି ପ୍ରବଚକ ଶ୍ରୀମାନ କେଶବ ଦାସ ଦ୍ୱିତିକୃଷ୍ଣ ଙ୍କ ଦ୍ୱାରା ପ୍ରବଚନ ଅନୁଷ୍ଠିତ ହୋଇଯାଇଛି। ଶେଷ ଦିନ ରେ ଅଞ୍ଚଳ କିଛି ପ୍ରତିଭା ମାନଙ୍କୁ ଶ୍ରୀ ଶ୍ରୀ ସଙ୍କଟ ମୋଚନ କୃପା ପରିଷଦ ଧୂରୁଷିଆ ତରଫରୁ ସମ୍ବର୍ଦ୍ଧିତ କରାଯିବା ସହିତ ଓଡିଶା ସୁନାମ ଧନ୍ୟ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଶ୍ରୀଶ୍ରୀ ସଙ୍କଟ ମୋଚନ କୃପା ପରିଷଦ ର ସଭାପତି ନିରାକାର ଲେଙ୍କା ସମ୍ପାଦକ ଅନ୍ତର୍ଯ୍ୟାମୀ ବେହେରା ମନ୍ଦିର ପ୍ରତିଷ୍ଠାତା ଶ୍ରୀଯୁକ୍ତ ବ୍ରଜବନ୍ଧୁ ଲେଙ୍କା, ଉପଦେଷ୍ଟା ସନ୍ତୋଷ ରଥ, ଗ୍ରାମ୍ୟ କମିଟି ସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ଜୟନ୍ତ ରାଉତ, ରଶ୍ମି ରେଖା ଶତପଥୀ, ରୁଦ୍ର ନାରାୟଣ ରାଉତ ସହ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ।

## ପାଟଳଦା ପଞ୍ଚାୟତରେ ଆମ ଓଡ଼ିଶା କାର୍ଯ୍ୟକ୍ରମ

ଅସ୍ତରଙ୍ଗ,(ସବ୍ୟୁ) :ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧିନ ପାଟଳଦା ଗ୍ରାମପଞ୍ଚାୟତ ସୋମବାର ଦିନ ଅନୁଷ୍ଠିତ ହୋଇ ଯାଇଅଛି ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ। ଏକ ହଜାରରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳାଙ୍କ ସମାବେଶରେ ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ କ୍ରୀଡା ଯୁବ ବ୍ୟାପାର ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା। ସରପଞ୍ଚ ଶ୍ରୀ ଯଶୋବନ୍ତ ନାୟକ ଙ୍କ ଅଧକ୍ଷତାରେ ଆୟୋଜିତ ଏହି ସରକାରୀ ସ୍ତରୀୟ କାର୍ଯ୍ୟକ୍ରମ ରେ,ମୁଖ୍ୟ ଅତିଥି ଥିଲେ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶ୍ରୀ ସ୍ୱାଧୀନ କୁମାର ନାୟକ,ଓ ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତି ନାଏକ ।ଏହି କାର୍ଯ୍ୟକ୍ରମରେ ଅତିଥିମାନେ, ୨୪ବର୍ଷ ଭିତରେ ସରକାର ନେଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ ।୫-ଟି ତରଫରୁ ପଞ୍ଚ୍ୟୟତ ଉନ୍ନତି ପାଇଁ ଦିଆଯାଇଥିବା ୫୦ଲକ୍ଷକୁ ବାଦ ଦେଇ ପୁଣି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩୦ଲକ୍ଷ ଟଙ୍କା ଅନୁଦାନ ଦେଇଥିବା ବୈଠକରେ ମନ୍ତ୍ରୀ ତୁଷାର କାନ୍ତି ବେହେରା ଘୋଷଣା କରିଥିଲେ।ଏହି କାର୍ଯ୍ୟକ୍ରମ ରେ ସଂସଦ ପ୍ରତିନିଧି ଚମ୍ପକ ବାରିକ,ବ୍ଲକ ଉପାଧକ୍ଷ ଦୁଜୟ କୁମାର ମିଶ୍ର,କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁସ୍ମିତା ମଲ୍ଲିକ, ପ୍ରମୁଖ ଉପସ୍ଥିତ ଥିବାବେଳେ ଧନ୍ୟବାଦ୍ ଅର୍ପଣ କରିଥିଲେ,ଅସ୍ତରଙ୍ଗ ବ୍ଲକ ବି ଡି ଓ,ସସ୍ମିତା ବେହେରା।

## ଆମାଜନର ପ୍ରପେଲ୍ ଷ୍ଟାର୍ଟଅପ୍ ବିଜେତା ଘୋଷିତ

ଭୁବନେଶ୍ୱର, (ସବ୍ୟୁ) : ଆମାଜନ ଇଣ୍ଡିଆ ପକ୍ଷରୁ ଆଜି ଆମାଜନ ଗ୍ଲୋବାଲ୍ ସେଲିଂ ପ୍ରପେଲ୍ ଷ୍ଟାର୍ଟଅପ୍ ଆସେଲରେଟର (ପ୍ରୋପେଲ୍ ଆସେଲରେଟର) ସିଜନ୍-୩ର ବିଜେତା ଭାବେ ମିରାନା ଟୟେସ୍, ଆର୍ଭିମି ହର୍ବାଲ୍, ପରଫୋରାର ନାମ ଘୋଷଣା କରାଯାଇଛି।ବିଜେତାମାନେ ଆମାଜନଠାରୁ ୧୦୦,୦୦୦ ଡଲାରର ଇକ୍ୱିଟି ମୁକ୍ତ ଅନୁଦାନ ପାଇବେ। ଭେଂଚର କ୍ୟାପିଟାଲ୍ ସଂସ୍ଥା ଆସେଲ,ଆମାଜନ ସମ୍ଭବ ଭେଂଚର ଫଣ୍ଡ, ଡିଏସ୍‌ଜି କଂଜ୍ୟୁମର ପାର୍ଟନର୍ସ, ଫାୟାରସାଇଡ୍ ଭେଂଚର୍ସ, ପିକ୍ ଏକ୍ସଭି, ଭି୩ ଭେଂଚର୍ସ ଓ ରାଜସ୍ୱଭିତିକ ଫାଇନାନ୍ସ ସଂସ୍ଥା କ୍ଲବ୍ ଓ ଭେଲୋସିଟି ସହଯୋଗରେ ୨୦୨୩ ମାର୍ଚ୍ଚରେ ପ୍ରପେଲ୍ ଆସେଲରେଟର ସିଜନ-୩ କାର୍ଯ୍ୟକ୍ରମରଶୁଭାରମ୍ଭ ହୋଇଥିଲା। ତୃତୀୟ ସିଜନ୍‌ରେ ସାରା ଭାରତର ୧୪୦ଟି ସହରରୁ ୧୨୦୦ରୁ ଅଧିକ ଷ୍ଟାର୍ଟଅପ୍ ଆବେଦନ କରିଥିଲେ। ସେମାନଙ୍କ ଭିତରୁ ଜିଭା, ମୋକୋବାରା, ଓପନ୍ ସିକ୍ରେଟ୍ ଭଳି ୪୭ ଷ୍ଟାର୍ଟଅପ୍‌କୁ ଫାଇନାଲିଷ୍ଟ ଭାବେ ଚୟନ କରାଯାଇଥିଲା। ସମସ୍ତବିଜେତା ଓ ଫାଇନାଲିଷ୍ଟ ୧ ନିୟୁତ ଡଲାର ଏଡବ୍ଲ୍ୟୁଏସ୍ ଆକ୍ଟିଭେଟ୍ କ୍ରେଡିଟ୍ ହାସଲ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୮-ସପ୍ତାହ ଆସେଲରେଟର ସାମିଲ ଥିଲା ଯେଉଁଥିରେ ଭାରତ ଓ ସାରା ବିଶ୍ୱରୁ ଆମାଜନର ଲିଡର ମାନେ ଯୋଗଦେଇ କର୍ମଶାଳା, ମେଂଟରସିପ୍ ଆଦି ଆୟୋଜନ କରିଥିଲେ।

## ୫୦ କିମି ଆସି ଦେଲେ ମାଟ୍ରିକ ପରୀକ୍ଷା

ଦଶପଲ୍ଲା,(ସବ୍ୟୁ) : ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା । ଦଶପଲ୍ଲା ବ୍ଲକ ରେ ୯ ଟି ବିଦ୍ୟାଳୟରେ ପରୀକ୍ଷା ସେଣ୍ଟର କରାଯାଇଛି । ଏହି ପରୀକ୍ଷା ସେଣ୍ଟର ଗୁଡିକରେ ସମୁଦାୟ ୧୫୩୦ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଛନ୍ତି । ବିଗତ ଦିନ ପରି ଚାଳିଶରୁ ୫୦ କିଲୋମିଟର ଦୂରରୁ ଛାତ୍ର ଛାତ୍ରୀ ମାନେ ଆସି ପରୀକ୍ଷା ଦଉଥିବା ଦେଖିବାକୁ ମିଳିଛି ।

# ସନ୍ଥ ଶିରୋମଣି ଆଚାର୍ଯ୍ୟ ଶ୍ରୀ ବିଦ୍ୟାସାଗରଜୀଙ୍କୁ ପ୍ରଣାମ



ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ

ସନ୍ଥ ଶିରୋମଣି ଆଚାର୍ଯ୍ୟ ଶ୍ରୀ ୧୦୮ ବିଦ୍ୟାସାଗରଜୀ ମହାରାଜଜୀ ଆମମାନଙ୍କୁ ଦୁଃଖସାଗରରେ ଭସାଇ ନିକଟରେ ସମାଧି ଲାଭ କରିଛନ୍ତି। ଆଚାର୍ଯ୍ୟଜୀଙ୍କ ଜୀବନ ପ୍ରଚଣ୍ଡ ପଞ୍ଜା, ଅସୀମ ଅନୁକମ୍ପା ପ ମାନବ ସମାଜର ଉତ୍ଥାନ ପାଇଁ ଅତୁଟ ପ୍ରତିବଦ୍ଧତାରେ ସଦାସର୍ବଦା ପରିପୂର୍ଣ୍ଣ ରହିଥିଲା। ଅନେକ ବାର ତାଙ୍କ ଆଶୀର୍ବାଦ ଲାଭ କରିବାର ସୌଭାଗ୍ୟ ମତେ ପ୍ରାପ୍ତ ହୋଇଛି। ତେଣୁ ତାଙ୍କ ତିରୋଧାନରେ ମୋର ପ୍ରଭୂତ କ୍ଷତି ହୋଇଛି ଏବଂ ମୋତେ ଆଗକୁ ଆଲୋକବର୍ତ୍ତିକା ଭଳି ପଥ ପ୍ରଦର୍ଶନ କରୁଥିବା ଜଣେ ପ୍ରିୟ ଗୁରୁଙ୍କୁ ହରାଇବା ପରି ମୁଁ ଅନୁଭବ କରୁଛି। ମୋ ପରି ଅସଂଖ୍ୟ ଆତ୍ମାଙ୍କ ପାଇଁ ସେ ଥିଲେ ମାର୍ଗଦର୍ଶକ। ତାଙ୍କ ସ୍ନେହ, ଉଷ୍ମତା ପ ଆଶୀର୍ବାଦ କେବଳ ଶୁଭେଚ୍ଛା ନଥିଲା। ଏହା ସମସ୍ତଙ୍କୁ ପ୍ରଭୂତ ଆଧ୍ୟାତ୍ମିକ ଶକ୍ତି ପ୍ରଦାନ କରୁଥିଲା। ଯେଉଁମାନେ ଆଚାର୍ଯ୍ୟ ଶିରୋମଣିଙ୍କ ସଂସ୍ପର୍ଶରେ ଆସିଛନ୍ତି, ସେମାନେ ଏହି ଅସୀମ ଶକ୍ତି । ପ୍ରେରଣାକୁ ଅବଶ୍ୟ ଅନୁଭବ କରିଥିବେ। ପୂଜ୍ୟ ଆଚାର୍ଯ୍ୟଜୀ ସଦାବେଳେ ଜ୍ଞାନ, ସମ୍ବେଦନା । ସେବାର ତ୍ରିବେଣୀ ସଂଗମ ରୂପରେ ସମସ୍ତଙ୍କ ସ୍ମୃତିରେ ରହିଥିବେ।

ପ୍ରକୃତରେ ସେ ଥିଲେ ଜଣେ ତପସ୍ୱୀ । ତାଙ୍କ ଜୀବନ ଭଗବାନ ମହାବୀରଙ୍କ ଆଦର୍ଶର ଏକ ନାନୁକରଣୀୟ ଉଦାହରଣ ଥିଲା। ତାଙ୍କର ପ୍ରତିଟି କର୍ମରେ ଜୈନଧର୍ମର ମୂଳ ନୀତି ପ୍ରତିଫଳିତ ହେଉଥିଲା। ନିଜ ବଚନ ପ ଜ୍ଞାନ ବିତରଣରେ ତାହା ପରିଲକ୍ଷିତ ହେଉଥିଲା। ସଂସାରର ପ୍ରତ୍ୟେକ ପ୍ରାଣୀଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଜୈନଧର୍ମର ପ୍ରତିଟି ଜୀବଙ୍କ ପ୍ରତି ସମ୍ମାନର ପ୍ରତିଫଳନ ବୋଲି କୁହାଯାଇପାରେ। ସେ ସତ୍ୟର ଜୀବନ ବଞ୍ଚୁଥିଲେ- ଏହା ମଧ୍ୟ ଜୈନଧର୍ମର ଚିନ୍ତନ, କଥନ । କାର୍ଯ୍ୟର ସାଧୁତାକୁ ପ୍ରମାଣିତ କରେ। ତାଙ୍କ ଜୀବନଶୈଳୀ ଥିଲା ସରଳ। ତାଙ୍କ ଭଳି ମହାନ ସନ୍ଥଙ୍କ ପାଇଁ ହିଁ ଜୈନଧର୍ମ । ଭଗବାନ ମହାବୀରଙ୍କ ଭଳି ଦିବ୍ୟାତ୍ମାଙ୍କ ପ୍ରତି ସମଗ୍ର ବିଶ୍ୱର ଶ୍ରଦ୍ଧା । ସମ୍ମାନ ବୃଦ୍ଧି ପାଇଚାଲିଛି। ଜୈନବାଦ ଶୃଙ୍ଖଳାରେ ସେ ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଥିଲେ ସତ, କିନ୍ତୁ ତାହା କେବଳ ସେହି

## ଶ୍ରୀ ବିଦ୍ୟାସାଗରଜୀଙ୍କୁ ଶ୍ରଦ୍ଧାଞ୍ଜଳି

ଗୋଷ୍ଠୀ ମଧ୍ୟରେ ସୀମିତ ନଥିଲା। ବରଂ ତାଙ୍କ ସତ୍ୟନିଷ୍ଠ ବ୍ୟକ୍ତିତ୍ୱର ପ୍ରଭାବ । ବ୍ୟାପ୍ତି ସମଗ୍ର ମାନବ ସମାଜ ଉପରେ ପଡ଼ିଥିଲା। ସବୁ ଧର୍ମ, ଆସ୍ଥା, ସଂସ୍କୃତିର ଲୋକମାନେ ତାଙ୍କ ନିକଟକୁ ଆସୁଥିଲେ ଏବଂ ସେମାନଙ୍କ ମନରେ ବିଶେଷ ଭାବରେ ଯୁବଗୋଷ୍ଠୀଙ୍କ ହୃଦୟରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ ନିମନ୍ତେ ସେ ଅବିଶ୍ରାନ୍ତ ଭାବେ ସଦାବେଳେ ତତ୍ପର ଥିଲେ।

ଶିକ୍ଷା ଥିଲା ସନ୍ଥ ମହାରାଜଙ୍କର ସବୁଠାରୁ ବଳି ପ୍ରିୟ ଏବଂ ହୃଦୟର ନିକଟତର। ବିଦ୍ୟାଧର (ତାଙ୍କର ବାଲ୍ୟକାଳର ନାମ) ଠାରୁ ବିଦ୍ୟାସାଗର ପର୍ଯ୍ୟନ୍ତ ତାଙ୍କର ଯାତ୍ରା କେବଳ ଜ୍ଞାନ ଆହରଣ । ଜ୍ଞାନ ବିତରଣ ସକାଶେ ହିଁ ସମର୍ପିତ ଥଲା। ତାଙ୍କର ଅତୁଟ ବିଶ୍ୱାସ ଥିଲା ଯେ କେବଳ ଶିକ୍ଷାଦ୍ୱାରା ହିଁ ଏକ ଉଚିତ ଏବଂ ପ୍ରଜ୍ଞାଦୀପ୍ତ ସମାଜ ଗଠନ କରାଯାଇପାରିବ। ତେଣୁ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଶକ୍ତ କରିବା ନିମନ୍ତେ ସେ ଜ୍ଞାନକୁ ସାଧନ ରୂପେ ଉପଯୋଗ କରିବା ଉପରେ ପ୍ରାଧାନ୍ୟ ଦେଉଥିଲେ। ଏହାଦ୍ୱାରା ସେ ସମସ୍ତଙ୍କୁ ଏକ ଉଦ୍ଦେଶ୍ୟପୂର୍ଣ୍ଣ ପ ସମାଜ ପ୍ରତି ସମର୍ପିତ ଜୀବନ ବଞ୍ଚିବାକୁ ପ୍ରେରଣା ଯୋଗାଉଥିଲେ । ତାଙ୍କ ଶିକ୍ଷାରେ ସେ ସ୍ୱା-ଧ୍ୟାୟ ପ ଆତ୍ମ-ସଚେତନତାକୁ ହିଁ ବାସ୍ତବ ପ୍ରଜ୍ଞା ପ୍ରାପ୍ତିର ମାର୍ଗ ରୂପେ ଗ୍ରହଣ କରିବାକୁ ସେ ପରାମର୍ଶ ଦେଉଥିଲେ। ତେଣୁ ସେ ନିଜର ଅନୁଗାମୀମାନଙ୍କୁ ଆଜୀବନ ଜ୍ଞାନାନୁସନ୍ଧାନୀ ଏବଂ ଆଧାତ୍ମିକ ବିକାଶ ମାର୍ଗରେ ପଥିକ ହେବା ଲାଗି ଉପଦେଶ ଦେଉଥିଲେ । ଏହା ସହିତ ସନ୍ଥ ଶିରୋମଣି ଆଚାର୍ଯ୍ୟ ବିଦ୍ୟାସାଗରଜୀ ମହାରାଜଜୀ ଆମର ଯୁବଗୋଷ୍ଠୀଙ୍କୁ ଉପଯୁକ୍ତ ଶିକ୍ଷା ପ୍ରାପ୍ତି ନିମନ୍ତେ ପ୍ରବର୍ତ୍ତାଉଥିଲେ। ବାସ୍ତବ ଶିକ୍ଷା ଆମର ସାଂସ୍କୃତିକ ଚିନ୍ତାଧାରାରେ ନିହିତ ରହିଛି ବୋଲି ମତ ପୋଷଣ କରୁଥିଲେ। ଆମେ ଅତୀତର ସାଂସ୍କୃତିକ ବୈଠକ ଏବଂ ଶିକ୍ଷାଠାରୁ ଦୂରେଇ ଯାଉଥିବା ହେତୁ ଏବେ ଜଳସଂକଟର ସମାଧାନ ସୂତ୍ର ଖୋଜି ପାଇବାକୁ ଅସମର୍ଥ ହୋଇଛୁ। ସାମଗ୍ରିକ ଶିକ୍ଷା ଜଣେ ବିଦ୍ୟାର୍ଥୀକୁ କୁଶଳୀ ପ ସୃଜନଶୀଳ କରିଥାଏ ବୋଲି ତାଙ୍କର ଦୃଢ଼ ଯୁକ୍ତି ଥିଲା। ଭାରତର ଭାଷାଭିତ୍ତିକ ବିବିଧତାକୁ ନେଇ ସେ ସଦାସର୍ବଦା ଗର୍ବ । ଗୌରବ ଅନୁଭବ କରୁଥିଲେ ଏବଂ ଭାରତୀୟ ଭାଷା ଅଧ୍ୟୟନ ସକାଶେ ଯୁବବର୍ଗଙ୍କୁ ପରାମର୍ଶ ଦେଉଥିଲେ। ପୂଜ୍ୟ ଆଚାର୍ଯ୍ୟଜୀ ସ୍ୱୟଂ ସଂସ୍କୃତ, ପ୍ରଭୃତି ହିନ୍ଦୀରେ ବ୍ୟାପକ ଗ୍ରନ୍ଥ ରଚନା କରିଛନ୍ତି। ଜଣେ ମୁନି ଭାବେ ସେ ସୁଉଚ୍ଚ ଶିଖରରେ ପହଞ୍ଚିଥିଲେ, ତଥାପି ସଦାବେଳେ ସେ ଥିଲେ ଆଭୂମି। ତାଙ୍କର ଚର୍ଚ୍ଚିତ ପୁସ୍ତକ ମୂକମାଟିରୁ ଏହା ସୁସ୍ପଷ୍ଟ । ନିଜର କାର୍ଯ୍ୟାବଳୀ ମାଧ୍ୟମରେ ସେ ଅବହେଳିତ ଲୋକମାନଙ୍କୁ ସ୍ୱର ପ୍ରଦାନ କରିବାରେ ସକ୍ଷମ ହୋଇଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ପୂଜ୍ୟ ଆଚାର୍ଯ୍ୟଜୀଙ୍କ ଅବଦାନ ଥିଲା ଯୁଗାନ୍ତକାରୀ ପରିବର୍ତ୍ତନକାରୀ । ସେ ଅନେକ ଲୋକହିତକର କାର୍ଯ୍ୟକ୍ରମ ସହିତ ଏକାଧାରରେ ସଂଶ୍ଳିଷ୍ଟ ଥିଲେ। ବିଶେଷକରି ଅବହେଳିତ କ୍ଷେତ୍ରର ବିକାଶ କର୍ମରେ ସେ ଓତପ୍ରୋତ ଭାବରେ ଜଡ଼ିତ ରହିଥିଲେ। ସ୍ୱାସ୍ଥ୍ୟସେବା ପ୍ରତି ତାଙ୍କର ଆଭିମୁଖ୍ୟ ଥିଲା ସାମଗ୍ରିକ। ସମନ୍ୱିତ ଶାରୀରିକ ନିରାମୟତା ସହିତ ଆଧ୍ୟାତ୍ମିକ କଲ୍ୟାଣ ଏଥିରେ ସାମିଲ ଥିଲା। ତେଣୁ ଜଣେ ବ୍ୟକ୍ତିର ସକଳ ପ୍ରକାର ଆବଶ୍ୟକତା ପୂରଣ ଦିଗରେ ସେ ପ୍ରୟାସୀ ଥିଲେ। ଆଗାମୀ ପିଢ଼ିଙ୍କୁ ମୁଁ ବିଶେଷ ଭାବରେ ନିବେଦନ କରିବି ଯେ, ସନ୍ଥ ଶିରୋମଣି ଆଚାର୍ଯ୍ୟ ବିଦ୍ୟାସାଗରଜୀ ମହାରାଜଜୀଙ୍କ

ରାଷ୍ଟ୍ର ନିର୍ମାଣ ପ୍ରତି ଥିବା ପ୍ରତିବଦ୍ଧତା ସମ୍ପର୍କରେ ବ୍ୟାପକ ମାତ୍ରାରେ ଅଧ୍ୟୟନ କରନ୍ତୁ। ସନ୍ଥଜୀ ସଦାସର୍ବଦା ନିବେଦନ କରୁଥିଲେ ଯେ ପକ୍ଷପାତପୂର୍ଣ୍ଣ ବିଚାରଧାରାଠାରୁ ଦୂରେଇ ରହିବା ଆବଶ୍ୟକ ଏବଂ ଜାତୀୟ ସ୍ୱାର୍ଥ ପାଇଁ ଧ୍ୟାନକେନ୍ଦ୍ରିତ କରିବା ଉଚିତ । ଭୋଟଦାନର ସେ ଥିଲେ ଜଣେ ଦୃଢ଼ ପ୍ରବକ୍ତା, କାରଣ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ । ମତପୋଷଣ କରିବାର ଏହା ହେଉଛି ସବୁଠାରୁ ବଡ଼ ସାଧନା। ଏକ ସୁସ୍ଥ । ସ୍ୱଚ୍ଛ ରାଜନୈତିକ ବ୍ୟବସ୍ଥା ପାଇଁ ମଧ୍ୟ ସେ ଦୃଢ଼ ଯୁକ୍ତି ଉପସ୍ଥାପନ କରୁଥିଲେ । ସରକାରଙ୍କର ସବୁ ନୀତି ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ହେବା ଉଚିତ ବୋଲି ତାଙ୍କର ବଳିଷ୍ଠ ମତ ଥିଲା। ଏହା କୌଣସି ଆତ୍ମସ୍ୱାର୍ଥ ପାଇଁ ନୁହେଁ (ଲୋକନୀତି, ଲୋକସଂଗ୍ରହ ପାଇଁ ଉଦ୍ଦିଷ୍ଟ, ଲୋକସଂଗ୍ରହ ପାଇଁ ନୁହେଁ)। ସେ ବିଶ୍ୱାସୀ ଥିଲେ ଯେ, ନାଗରିକମାନେ ସେମାନଙ୍କର କର୍ତ୍ତବ୍ୟ ନିଜ ପାଇଁ, ନିଜ ପରିବାର ପାଇଁ, ସମାଜ ପ ରାଷ୍ଟ୍ର ପାଇଁ ନିଷ୍ଠାବାନ ରହିଲେ ରାଷ୍ଟ୍ରର ଭିତ୍ତି ସୁଦୃଢ଼ ହୋଇପାରିବ। ତେଣୁ ପ୍ରତ୍ୟେକ ବ୍ୟକ୍ତି ସାଧୁତା, ନିଷ୍ଠାବାନ । ଆତ୍ମନିର୍ଭରଶୀଳ ହେବା ସକାଶେ ସେ ପରାମର୍ଶ ଦେଉଥଲେ । ତାହା ଏକ ଉଚିତ, ସମ୍ବେଦନଶୀଳ ତଥା ପ୍ରଗତିଶୀଳ ସମାଜ ଗଠନରେ ସହାୟକ ହୋଇପାରିବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିଲା। ଆମେ ଏବେ ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରୁଥିବାବେଳେ ସନ୍ଥ ଶିରୋମଣି ଶ୍ରୀ ବିଦ୍ୟାସାଗରଜୀଙ୍କର ଏଭଳି ଉପଦେଶ ବିଶେଷ ଗୁରୁତ୍ୱ ବହନ କରେ । ସାରା ବିଶ୍ୱରେ ଅଧୁନା ଯେତେବେଳେ ପାରିବେଶିକ ଅବକ୍ଷୟ ବ୍ୟାପକ ମାତ୍ରାରେ ଘଟିଚାଲିଛି, ସେତେବେଳେ ପୂଜ୍ୟ ଆଚାର୍ଯ୍ୟଜୀ ପ୍ରକୃତି ପ୍ରତି ଆମେ ସଭିଏଁ ଯେପରି ସାମାନ୍ୟତମ କ୍ଷତି ନପହଞ୍ଚାଇବା ସେଥିପ୍ରତି ସଦାସର୍ବଦା ସଚେତନ ରହିବାକୁ ସେ କହୁଥିଲେ। ଆମ ଅର୍ଥନୀତିରେ କୃଷିର ଭୂମିକା ଉପରେ ସେ ଗୁରୁତ୍ୱାରୋପ କରୁଥିଲେ ଏବଂ ଏଥିସହିତ

କୃଷିକୁ ଆଧୁନିକ ପ ପୋଷଣୀୟ କରିବା ନିମନ୍ତେ ପରାମର୍ଶ ଦେଉଥିଲେ । ଜେଲ୍‌ର ଅନ୍ତେବାସୀଙ୍କ ପାଇଁ ତାଙ୍କ ସଂସ୍କାର ପରାମର୍ଶ ମଧ୍ୟ ଥିଲା ଗୁରୁତ୍ୱପୂର୍ଣ୍ଣ। ଆମ ଭୂମିର ସୌନ୍ଦର୍ଯ୍ୟ ଅତୁଲ୍ୟ ଏବଂ ତାହା ହଜାର ହଜାର ବର୍ଷ ଧରି ଅତୁଟ ରହିଆସିଛି। ଆମ ଭୂମି ଅସଂଖ୍ୟ ମହାପୁରୁଷଙ୍କୁ ଜନ୍ମ ଦେଇଛି, ଯେଉଁମାନେ ସମାଜକୁ ଉତ୍ତମ ରୂପେ ଗଢ଼ିବା ସହ ଆଲୋକବର୍ତ୍ତିତା ସାଜିଛନ୍ତି। ସେହିଭଳି ସନ୍ଥ । ସମାଜ ସଂସ୍କାରକଙ୍କ ସୂଚୀରେ ପୂଜ୍ୟ ଆଚାର୍ଯ୍ୟଜୀ ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ରୂପେ ବିଦ୍ୟମାନ। ସେ ଯାହାକିଛି କରୁଥିଲେ । ତାହା କେବଳ ବର୍ତ୍ତମାନ ପାଇଁ ନୁହେଁ, ଭବିଷ୍ୟତ ପାଇଁ ମଧ୍ୟ ଅଭିପ୍ରେତ ଥିଲା। ଗତବର୍ଷ ନଭେମ୍ବର ମାସରେ, ଛତିଶଗଡ଼ର ଡୋଙ୍ଗରଗଡ଼ ସ୍ଥିତ ଚନ୍ଦ୍ରଗିରି ଜୈନ ମନ୍ଦିର ପରିଦର୍ଶନର ସୌଭାଗ୍ୟ ମୋତେ ମିଳିଥିଲା। ସେତେବେଳେ କିନ୍ତୁ ମୁଁ ସାମାନ୍ୟତମ ଆଭାସ ସୁଦ୍ଧା ପାଇନଥିଲି ଯେ, ପୂଜ୍ୟ ଗୁରୁଜୀଙ୍କ ସହ ତାହା ଥିଲା ମୋର ଅନ୍ତିମ ସାକ୍ଷାତ। ସେ ମୁହୂର୍ତ୍ତ, ବିଶେଷ ମହତ୍ତ୍ୱ ବହନ କରିଥିଲା। ଦୀର୍ଘ ସମୟ ଧରି ସେ ମୋ ସହ ବାର୍ତ୍ତାଳାପ କରିଥିଲେ। ରାଷ୍ଟ୍ର ନିର୍ମାଣ ପାଇଁ ମୋର ପ୍ରୟାସକୁ ଆଶୀର୍ବାଦ ଦେଉଥିଲେ। ଆମ ଦେଶର ପ୍ରଗତି ପ ସମଗ୍ର ବିଶ୍ୱରେ ଏହା ପାଉଥିବା ସମ୍ମାନ ପାଇଁ ସେ ତାଙ୍କର ସନ୍ତୋଷ ବ୍ୟକ୍ତ କରିଥିଲେ। ସେ ଯେଉଁସବୁ କାର୍ଯ୍ୟ କରୁଥିଲେ ସେକଥା କହିଲାବେଳେ ଆନନ୍ଦରେ ଗଦ୍‌ଗଦ୍ ହୋଇ ଉଠୁଥିଲେ। ସେତେବେଳେ । ସଦାବେଳେ ତାଙ୍କର ସେଇ ନିରୀହ ଦୃଷ୍ଟି, ପ୍ରଶାନ୍ତ ସ୍ମିତହାସ୍ୟ ପ୍ରତ୍ୟେକଙ୍କ ମନରେ ଶାନ୍ତି ଉତ୍ସାହ ଭରିଦେବା ପାଇଁ ପର୍ଯ୍ୟାପ୍ତ । ତାଙ୍କ ଆଶୀର୍ବାଦ ଥିଲା ହୃଦୟକୁ ଶାନ୍ତ କରିବା ଭଳି ଅଞ୍ଜନ ସଦୃଶ, ଯାହାକି ତାଙ୍କ ଭିତରେ ଚତୁଃପାର୍ଶ୍ୱରେ ଏକ ଦିବ୍ୟ ବାତାବରଣକୁ ପ୍ରତିପାଦିତ କରୁଥିଲା। ସନ୍ଥ ଶିରୋମଣି ଆଚାର୍ଯ୍ୟ ଶ୍ରୀ ୧୦୮ ବିଦ୍ୟାସାଗରଜୀ ମହାରାଜଜୀଙ୍କ ଅବର୍ତ୍ତମାନରେ ସୃଷ୍ଟ ଶୂନ୍ୟତା ସଭିଏଁ ଗଭୀର ଭାବେ ଅନୁଭବ କରୁଛନ୍ତି । ଯେଉଁମାନେ ତାଙ୍କୁ ଜାଣିଥିଲେ ସେମାନେ ତାଙ୍କର ଶିକ୍ଷା ଜୀବନ ଦ୍ୱାରା ଅନୁପ୍ରାଣୀତ। ଯେଉଁ ଅସଂଖ୍ୟ ଲୋକଙ୍କୁ ସେ ପ୍ରଭାବିତ କରିଥିଲେ ସେମାନଙ୍କ ହୃଦୟରେ ସନ୍ଥ ଶିରୋମଣି ଆଚାର୍ଯ୍ୟଜୀ ସଦାସର୍ବଦା ବିରାଜମାନ ରହିଛନ୍ତି। ତାଙ୍କ ସ୍ମୃତିକୁ ସମ୍ମାନ ପ୍ରଦର୍ଶନପୂର୍ବକ, ସେ ଯେଉଁ ଆଦର୍ଶରେ ଜୀବନ ବଞ୍ଚିଥିଲେ ପ ସମସ୍ତଙ୍କୁ ପରାମର୍ଶ ଦେଉଥିଲେ, ତାକୁ ସଭିଏଁ ଆହରଣ ପାଇଁ ସଂକଳ୍ପବଦ୍ଧ ହେବା। ତଦ୍ଦ୍ୱାରା କେବଳ ଏହି ମହାନ ଆତ୍ମାଙ୍କ ପ୍ରତି ଆମର ଉପଯୁକ୍ତ ପ ଯଥାର୍ଥ ଶ୍ରଦ୍ଧାଞ୍ଜଳି ହେବନାହିଁ, ଅପରପକ୍ଷେ ଆମ ରାଷ୍ଟ୍ର ପ ଲୋକମାନଙ୍କୁ ଆଗକୁ ଆଗେଇ ନେବା ସକାଶେ ତାଙ୍କ ଅଭିଯାନ ମଧ୍ୟ ସାକାରିତ ହୋଇପାରିବ ।

# ୧୧ଦିନ ପରେ ଘରେ ପହଞ୍ଚିଲେ ନିଖୋଜ ତୀର୍ଥଯାତ୍ରୀ ବୃଦ୍ଧା




ବାଲୁଗାଁ, (ସବ୍ୟୁ) : ରାଜ୍ୟ ସରକାରଙ୍କ ବରିଷ୍ଠ ତୀର୍ଥଯାତ୍ରୀ ଯୋଜନାରେ ତିରୁପତି ଦର୍ଶନ କରିବାକୁ ଯାଇ ସେଠାରେ ସ୍ଥାନୀୟ ଭେଲେରୀ ଗ୍ରାମର ରାଣୀ ଦେଈ(୭୭) କୌଣସିମତେ ନିଖୋଜ ହୋଇଯାଇଥିଲେ । ତେବେ ଏହି ଘଟଣାରେ ସାଥିରେ ଯାଇଥିବା ପ୍ରଶାସନିକ କର୍ମଚାରୀଙ୍କ ଦାୟୀତ୍ୱହୀନତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ପ୍ରଶାସନ ତରଫରୁ ଉଦ୍ଧାର ଦିଗରେ ପ୍ରଚେଷ୍ଟା କରାଯାଇଥିଲେ ମଧ୍ୟ ନିଖୋଜ ବୃଦ୍ଧାଙ୍କ ସନ୍ଧାନ ପାଇବାରେ ବିଫଳ ହୋଇଥିବା ବେଳେ ଦୀର୍ଘ ୧୧ଦିନ ପରେ ସେଠାକାର ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ମଙ୍ଗଳବାର ସକାଳେ ବୃଦ୍ଧା ରାଣୀଦେଈ ନିଜ ଗ୍ରାମରେ ପହଞ୍ଚି ପାରିଛନ୍ତି । ଫଳରେ ପରିବାରବର୍ଗ, ଆତ୍ମୀୟ ସ୍ୱଜନ ଓ ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି । ସୂଚନା । ଯୋଗ୍ୟ ଯେ, ଗତ ୮ତାରିଖରେ ରାଣୀଦେଈ ନିଜ ଗ୍ରାମର ଅନ୍ୟ ତିନି ଜଣ ବୃଦ୍ଧାଙ୍କ ସହ ଭୁବନେଶ୍ୱର ଯାଇ ସେଠାରୁ ସ୍ୱତନ୍ତ୍ର ତୀର୍ଥଯାତ୍ରୀ ଟ୍ରେନ୍ ଯୋଗେ ତିରୁପତି ଦର୍ଶନରେ ଯାଇଥିଲେ । ୯ତାରିଖ ଦିନ ସେଠାରେ ପହଞ୍ଚି ଠାକୁରଙ୍କ ଦର୍ଶନ ସାରି ରହୁଥିବା ସ୍ଥାନକୁ ଫେରିବା ବେଳେ ପ୍ରବଳ ଭିଡ଼ ଯୋଗୁଁ ସାଥିଙ୍କ ଠାରୁ ଅଲଗା ହୋଇ ନିଖୋଜ ହୋଇଯାଇଥିଲେ । ଏହି ଖବର ଜଣାପଡ଼ିବା ପରେ ଖୋର୍ଦ୍ଧା ଜିଲ୍ଲାପାଳ ଘଟଣାକୁ ଗୁରୁତ୍ୱ ସହକାରେ ନେଇ ନିଖୋଜ ବୃଦ୍ଧାଙ୍କୁ ଉଦ୍ଧାର ନିମନ୍ତେ ତିରୁପତି ପ୍ରଶାସନର ସହାୟତା ଲୋଡ଼ିଥିଲେ । ଏହା ବ୍ୟତିତ ରାଣୀଦେଈଙ୍କ ପରିବାର ସଦସ୍ୟ ମଧ୍ୟ ତିରୁପତିରେ ପହଞ୍ଚି ସର୍ବତ୍ର ଖୋଜିଥିଲେ କିନ୍ତୁ କୌଣସି ସୁଫଳ ମିଳିନଥିଲା । ରାଣୀଦେଈ ଦେଇଥିବା ବିବୃତି ଅନୁଯାୟୀ ଉକ୍ତ ଦିନ ଠାକୁରଙ୍କ ଦର୍ଶନ ସାରି ବସ୍‌ରେ ଚଢ଼ିବା ବେଳେ ସାଥି ତୀର୍ଥଯାତ୍ରୀଙ୍କ ଠାରୁ ଅଲଗା ହୋଇଯାଇଥିଲେ । ଦୁର୍ଭାଗ୍ୟବଶତଃ ପ୍ରଶାସନ ଦେଇଥିବା ଟୋପି ଏବଂ ପରିଚୟ ପତ୍ର ସେ ପିନ୍ଧିବାକୁ ଭୁଲିଯାଇଥିଲେ । ହିନ୍ଦି ଭାଷା ଜଣାନଥିବାରୁ ସେ କାହାକୁ କିଛି ନକହି ଏକା ଏକା ରାସ୍ତାରେ ଚାଲିଥିଲେ । ଇତି ମଧ୍ୟରେ ସନ୍ଧ୍ୟା ସମୟରେ ଏକ ଗ୍ରାମ ନିକଟରେ ପହଞ୍ଚିଥିଲେ । ସେଠାରେ ଜଣେ ଓଡ଼ିଆ ମହିଳା ଯିଏକି ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଅଞ୍ଚଳର ଏବଂ ସେ ଦିନ ମଜୁରିଆ ଭାବେ ଧାନ କାଟିବା ପାଇଁ ରାଣୀଦେଈଙ୍କ ଗ୍ରାମକୁ ଆସନ୍ତି । ସେ ତାଙ୍କୁ ଚିହ୍ନି ପାରି ତାଙ୍କ ଠାରୁ ସମସ୍ତ ଘଟଣା ଶୁଣି ନିଜ ଘରକୁ ନେଇ ଆଶ୍ରୟ ଦେଇଥିଲେ । ସେଠାରେ ରହୁଥିବା ଅନ୍ୟ ଓଡ଼ିଆ ପରିବାର ଲୋକ ମଧ୍ୟ ରାଣୀଦେଈଙ୍କୁ ଖାଦ୍ୟ ବସ୍ତ୍ର ଆଦି ସାମଗ୍ରୀ ଦେଇ ଖୁସିରେ ରଖିଥିଲେ । ଇତି ମଧ୍ୟରେ ଏକ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ଧରି ସେଠାରେ ରହିବା ପରେ ଘରକୁ ଫେରିବା ପାଇଁ ସେମାନଙ୍କୁ ଅନୁରୋଧ କରିଥିଲେ । ସୋମବାର ସେଠାରୁ ଦୁଇ ଜଣ ଓଡ଼ିଆ ଯୁବକ ଟ୍ରେନ୍ ଯୋଗେ ରାଣୀଦେଈଙ୍କୁ ନେଇ ବାହାରିଥିଲେ । ଏବଂ ମଙ୍ଗଳବାର ଭୋର ୫ଘଟିକା ସମୟରେ ନିଜ ଗ୍ରାମ ଭେଲେରୀ ରେ ପହଞ୍ଚି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ଅନ୍ୟପକ୍ଷରେ ରାଣୀଦେଈ ଉଦ୍ଧାର ହୋଇଥିବା ଖବର ପାଇ ଜିଲ୍ଲା ପର୍ଯ୍ୟଟନ ବିଭାଗୀୟ କର୍ମଚାରୀ ଉକ୍ତ ଗ୍ରାମରେ ପହଞ୍ଚି ତାଙ୍କୁ ସମସ୍ତ ଘଟଣା ପଚାରି ବୁଝିବା ସହ ଏନେଇ ବାଲୁଗାଁ ପୁଲିସ୍ କୁ ଅବଗତ କରିଥିଲେ । ଥାନା ପକ୍ଷରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଜଣାଇବା ପରେ ଉଦ୍ଧାର ସଂପର୍କରେ ତିରୁପତି ପ୍ରଶାସନକୁ ଅବଗତ କରାଯାଇଥିବା ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା ସୂଚନା ଦେଇଛନ୍ତି ।

## ବକୁ ସମିତି ସଭ୍ୟଙ୍କ ଅକାଳ ବିୟୋଗ



କଣାସ,(ସବ୍ୟୁ) :ପୁରୀ ଜିଲ୍ଲା କଣାସ ବ୍ଲକ୍ ବକୁ ପଞ୍ଚାୟତ ସମିତି ସଭ୍ୟ ଲକ୍ଷ୍ମୀଧର ଜଗଦେବ(କୁନା)ଙ୍କ ଅକାଳ ବିୟୋଗ ଘଟିଛି ।ସେ କିଛି ଦିନ ହେବ କିଡିନୀ ଓ ହୃଦ୍ ରୋଗରେ ପୀଡିତ ଥିଲେ ।ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ସୋମବାର ଦିନ ତାଙ୍କର ମୃତ୍ୟୁ ଘଟିଛି ।ସେ ଦୀର୍ଘ ଦିନ ହେବ ରାଜନୀତି ସହିତ ଜଡିତ ହୋଇ ରହିବା ସହ ବିଜେପି ଦଳର ଜଣେ ଦକ୍ଷ ସଂଗଠକ ଓ ବିଚକ୍ଷଣ ରାଜନେତା ଭାବେ କଣାସ ଅଞ୍ଚଳରେ ବେଶ୍ ପରିଚିତ ଥିଲେ।ପୂର୍ବରୁ ସେ ବକୁ ପଞ୍ଚାୟତର ସରପଞ୍ଚ ଥିବା ବେଳେ ଏବେ ସମିତି ସଭ୍ୟ ଥିଲେ ।ତାଙ୍କ ଅକାଳ ବିୟୋଗରେ କଣାସ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସତ୍ୟବାଦୀ ବିଜେପି ଦଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ନେତାମାନେ କହିଛନ୍ତି ।କୁନାଙ୍କ ମୃତ୍ୟୁରେ ବ୍ରହ୍ମଗିରିର ପୂର୍ବତନ ବିଧାୟକ ତଥା ବିଜେଡି ମୁଖପାତ୍ର ସଞ୍ଜୟ କୁମାର ଦାସବର୍ମା ,ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ,ରାଷ୍ଟ୍ରୀୟ ପ୍ରବକ୍ତା ଡ଼ଃ ସମ୍ବିତ ପାତ୍ର,ବିଜେପି ନେତା ଓମ୍ ପ୍ରକାଶ ମିଶ୍ର ,ରମାରଞ୍ଜନ ବଳିଆରସିଂହ,ସୁରଥ ବିଶ୍ୱାଳ,କଣାସ ବ୍ଲକ ପୂର୍ବତନ ଅଧକ୍ଷ ସୁଶିଲକାନ୍ତ ରାଉତ ଓ ଅନ୍ୟାନ୍ୟ ନେତୃମଣ୍ଡଳୀ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି । ପାର୍ଥିବ ଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସଂପନ୍ନ ହୋଇଥିବା ବେଳେ ତାଙ୍କ ବଡ ପୁଅ ଦିଲ୍ଲୀପ ଜଗଦେବ ମୁଖାଗ୍ନି ଦେଇଥିଲେ ।

## ବିଧବା ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ

କଣ୍ଟାପଡ଼ା , (ସବ୍ୟୁ) :ଗୋବିନ୍ଦପୁର ଥାନା ତଥା ଡିମିରି ଫାଣ୍ଡି ଅନ୍ତର୍ଗତ ଡିମିରି ଗ୍ରାମର ବିଧବା ତଥା ଦିବାଙ୍ଗ ମହିଳା କୁନ୍ତଳା ଭୋଇ (୪୮) ଙ୍କୁ ସଙ୍ଘବଦ୍ଧ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି।ଏଥିରେ ସେ ଆହତ ହୋଇ ଏବେ ଅଡ଼ଶପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୁଲିସ ସୂତ୍ରରୁପ୍ରକାଶ ଯେ, କୁନ୍ତଳା ନିଜ ଘର ପଛପଟରେ କାମ କରୁଥିଲାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉକ୍ତ ଗ୍ରାମର କାଞ୍ଚନ ଭୋଇ, ଖୁଲଣା ଭୋଇ ଓ ଚଗଲା ଭୋଇ ତାଙ୍କ ନିକଟରେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳି ଗୁଲଜକରିବା ସହ ପ୍ରବଳ ମାଡ଼ ମାରିଥିଲେ। ତାଙ୍କ ନିକଟରେ ଥିବା ୬ଶହ ଟଙ୍କା ମଧ ଛଡ଼ାଇ ନେଇଥିଲେ। ଏ ନେଇଅଭିଯୋଗ ହେବା ପରେ ପୁଲିସ ଡିମିରି ଗ୍ରାମକୁ ଯାଇ ତଦନ୍ତ ଆରମ୍ଭ କରିଛି। କୁନ୍ତଳା ଜଣେ ବିଧବାମହିଳା ହୋଇଥିବାରୁ ତାଙ୍କ ଜୀବନ ପ୍ରତି ବିପଦ ଅଛିବୋଲି ଏତଲାରେ ଦର୍ଶାଯାଇଛି। ତାଙ୍କୁ ସୁରକ୍ଷାପ୍ରଦାନ କରିବାକୁ ପୁଲିସକୁ ନିବେଦନ କରିଛନ୍ତି।